



# ପ୍ରବୋଧ ତରଙ୍ଗ


ରଚୟିତା : **ତ୍ରିମତ ଏକୈକ ଗୁରୁ**

ଆଧ୍ୟାତ୍ମିକ ସାମ୍ରାଜ୍ୟର ଚକ୍ରବର୍ତ୍ତୀ, (୧୦୦) ଶତାଧିକ ଗ୍ରନ୍ଥକର୍ତ୍ତା,

ଇନ୍ଦୁ ଜ୍ଞାନ ଧର୍ମପ୍ରଦାତା, ଋଞ୍ଜଲ୍ୟ ସୃଷ୍ଟିକାରୀ ରଚୟିତା, ତ୍ରୈତ ସିଦ୍ଧାନ୍ତ ଆଦିକର୍ତ୍ତା

## ଶ୍ରୀଶ୍ରୀଶ୍ରୀ ଆଚାର୍ଯ୍ୟ ପ୍ରବୋଧାନନ୍ଦ ଯୋଗୀଶ୍ୱର

ଅନୁବାଦକ : **ରଘୁନାଥ ମାନସିଂହ**






ପ୍ରକାଶକ :

**ଇନ୍ଦୁ ଜ୍ଞାନବେଦିକା**

(Estd. in 1978 - Regd.No.: 168/2004)

ତ୍ରୈତ ଶକାବ୍ଦ - 45 ପ୍ରଥମ ମୁଦ୍ରଣ : March 2023

ସଂଖ୍ୟା : 1000 ମୂଲ୍ୟ : 100/-

# ଯୋଗୀଶ୍ୱରଙ୍କ ଚାଞ୍ଚଲ୍ୟ ସୃଷ୍ଟିକାରୀ ତ୍ରିମତ ଆଧ୍ୟାତ୍ମିକ ରଚନାବଳୀ
## (ପ୍ରକାଶକ–ଇନ୍ଦୁ ଜ୍ଞାନ ବେଦିକା)


୧. ତ୍ରୈତସିଦ୍ଧାନ୍ତ ଭଗବଦ୍ଗୀତା
୨. ଇନ୍ଦୁ ରୀତି
୩. ଇନ୍ଦୁତ୍ୱର ରକ୍ଷା କରିବା
୪. ଆଧ୍ୟାତ୍ମିକ ପ୍ରଶ୍ନ - ଉତ୍ତର
୫. ହିନ୍ଦୁ ମତରେ ଜାତିଆଣ ଭାବ
୬. ଗାଳିରେ ଜ୍ଞାନ - ଆଶିଷରେ ଅଜ୍ଞାନ
୭. ଶ୍ରୀକୃଷ୍ଣ ଈଶ୍ୱର ! କି ଭଗବାନ !!
୮. ଯଜ୍ଞ (ସତ କି ମିଛ ?)
୯. କେଉଁ ମତରେ କେତେ ମତଦ୍ୱେଷ ?
୧୦. ହିନ୍ଦୁ ମତର ସିଦ୍ଧାନ୍ତକର୍ତ୍ତାମାନେ
୧୧. ଦୈବଗ୍ରନ୍ଥରେ ସତ୍ୟାସତ୍ୟ ବିବେଚନା
୧୨. କ'ଣ ଏହା ଈଶ୍ୱରଙ୍କ ଆଗମନର ସମୟ ନୁହେଁ !
୧୩. ତିନି ଗ୍ରନ୍ଥ, ଦୁଇ ଗୁରୁ
୧୪. ପ୍ରେତ-ଭୂତଙ୍କ ଯଥାର୍ଥ ସଂଘଟନା
୧୫. ପ୍ରତିମା× ବିଗ୍ରହ - ଦୈବ× ପ୍ରେତ
୧୬. ତ୍ରୈତକାର ରହସ୍ୟ (ତ୍ରୈତକାର ବେର୍ମୁଣ୍ଡା)
୧୭. ହେତୁବାଦ ପ୍ରଶ୍ନ- ସତ୍ୟବାଦ ଜବାବ
୧୮. ଜ୍ୟୋତିଷ୍ୟଶାସ୍ତ୍ର (ଶାସ୍ତ୍ର- ଅଶାସ୍ତ୍ର ?)
୧୯. ମନ୍ତ୍ର - ମହିମା(ସତ- ମିଛ ?)
୨୦. ଅନ୍ତିମ ଦୈବଗ୍ରନ୍ଥର ଜ୍ଞାନବାକ୍ୟାବଳୀ
୨୧. ଆମ ପର୍ବ (କିପରି ପାଳିବା ଜାଣନ୍ତି ?)
୨୨. କଳିଯୁଗ (କଦାପି ଯୁଗାନ୍ତ ହେବ ନାହିଁ)
୨୩. କୃଷ୍ଣମୁଷା (ଶ୍ରୀକୃଷ୍ଣଙ୍କମରଣୋତ୍ତର ଜୀବନ)
୨୪. ସ୍ୱର୍ଗ ଇନ୍ଦ୍ରଲୋକ ! ନରକ ଯମରାଜ୍ୟ !!
୨୫. ତିନି ଦୈବଗ୍ରନ୍ଥ - ତିନି ପ୍ରଥମ ବାକ୍ୟ ।
୨୬. ନିଷ୍ପତି - ଈଶ୍ୱରଙ୍କ ନିଷ୍ପତି
୨୭. ଗୁତ୍ତା
୨୮. ପ୍ରବୋଧ
୨୯. ସୁବୋଧ
୩୦. ଆଦିତ୍ୟ
୩୧. ସମାଧି
୩୨. ମାତା - ପିତା
୩୩. କଷଟିପଥର
୩୪. ତ୍ରୈତାରାଧନା
୩୫. ଧର୍ମଚକ୍ର
୩୬. ପ୍ରସିଦ୍ଧ ବାଣୀ
୩୭. କର୍ମଗ୍ରନ୍ଥ
୩୮. ତୋ ପାଇଁ ମୋ ଲେଖା
୩୯. ଜଣେ ହିଁ ଦୁଇଜଣ
୪୦. ଦୈବମୁଦ୍ରା
୪୧. ଭାବ - ଭାଷା
୪୨. କାହାଣୀରେ ଜ୍ଞାନ
୪୩. ସତ୍ୟାନ୍ୱେଷୀ କଥା
୪୪. କୃଶ କଣ ଈଶ୍ୱର ?
୪୫. ଆତ୍ମଲିଙ୍ଗାର୍ଥ
୪୬. ପ୍ରାଥମିକ ଜ୍ଞାନ
୪୭. ବିଶ୍ୱବିଦ୍ୟାଳୟ
୪୮. ଜିହାଦ୍ କହିଲେ ଯୁଦ୍ଧ ?
୪୯. ଜନନ ମରଣ ସିଦ୍ଧାନ୍ତ
୫୦. ମତାତୀତ ଈଶ୍ୱରମାର୍ଗ
୫୧. ଦୈବ ଚିହ୍ନ
୫୨. ମତ-ପଥ
୫୩. ଦ୍ରାବିଡ ବ୍ରାହ୍ମଣ
୫୪. ପ୍ରବକ୍ତାମାନେ କିଏ ?
୫୫. ଧର୍ମଶାସ୍ତ୍ର କେଉଁଟି ?
୫୬. ଈଶ୍ୱରଙ୍କ ଚିହ୍ନ-୯୬୩
୫୭. ଇନ୍ଦୁ କଣ କ୍ରୈସ୍ତବ ?
୫୮. ନାସ୍ତିକ-ଆସ୍ତିକ

## ଯୋଗୀଶ୍ୱରଙ୍କ ଶୃଙ୍ଖଳ୍ୟ ସୃଷ୍ଟିକାରୀ ତ୍ରିମତ ଆଧ୍ୟାତ୍ମିକ ରଚନାବଳୀ
## (ପ୍ରକାଶକ–ଇନ୍ଦୁ ଜ୍ଞାନ ବେଦିକା)

୫୯. ପ୍ରବୋଧ ତରଙ୍ଗ
୬୦. ଗୀତା ପରିଚୟ
୬୧. ତୈତ ସିଦ୍ଧାନ୍ତ
୬୨. ବାର୍ତ୍ତକ - ବର୍ତ୍ତକ
୬୩. ଧର୍ମ - ଅଧର୍ମ
୬୪. ତତ୍ତ୍ୱରେ ଜ୍ଞାନ
୬୫. ମରଣ ରହସ୍ୟ
୬୬. ପୁନର୍ଜନ୍ମ ରହସ୍ୟ
୬୭. ଗୁରୁ ପ୍ରାର୍ଥନା ମଞ୍ଜରୀ
୬୮. ରଢିରେ ଜ୍ଞାନ
୬୯. ଦ୍ୱନ୍ଦାର୍ଥ କାହାଣୀ ଜ୍ଞାନ
୭୦. କେଉଁଟି ସତ୍ୟ ଜ୍ଞାନ ?
୭୧. ନିଗୁଢ ତତ୍ତ୍ୱାର୍ଥ ବୋଧିନି
୭୨. ଦେବାଳୟ ରହସ୍ୟ
୭୩. ପ୍ରବୋଧାନନ୍ଦ ନାଟକ
୭୪. ହେତୁବାଦ - ପ୍ରତିବାଦ
୭୫. ମତ ବଦଳାଇବା ଦୈବଦ୍ରୋହ
୭୬. ମୋର ଲୋଚନା-ତୋର ଆଲୋଚନା
୭୭. ଧ୍ୟାନ-ପ୍ରାର୍ଥନା-ନମାଜ୍
୭୮. ସାଇବାବା ଈଶ୍ୱର ! କି ନୁହନ୍ତି ?
୭୯. ଲୁ କହିଲେ କଅଣ ?
୮୦. ପ୍ରଥମେ ଗଛ ! କି ମଞ୍ଜି ?
୮୧. ଗୀତମ୍-ଗୀତା
୮୨. ମରଣ ପରେ ଜୀବନ
୮୩. ପ୍ରଥମ ଦୈବଗ୍ରନ୍ଥ ଭଗବଦ୍ଗୀତା
୮୪. ଦୈବ ଜ୍ଞାନ କବ୍ଜା ହୋଇଛି
୮୫. ଅଜ୍ଞାନ ହିଁ ଉଗ୍ରବାଦର ବୀଜ
୮୬. ଗୋଟିଏ ବାଣୀ ତିନି ଗ୍ରନ୍ଥ
୮୭. ତ୍ରୈତ ସିଦ୍ଧାନ୍ତ ଆଧ୍ୟାତ୍ମିକ ଘଂଟ
୮୮. ଯୀଶୁ ମୃତ୍ୟୁବରଣ କରିଥିଲେ ?
କି ତାଙ୍କୁ ହତ୍ୟା କରାଯାଇଥିଲା ?
୮୯. କ'ଣ ସତ୍ୟ- କ'ଣ ଅସତ୍ୟ ?
୯୦. ଜଣେ ବ୍ୟକ୍ତି ଦୁଇ କୋଣ
୯୧. ଅନ୍ତିମ ଦୈବଗ୍ରନ୍ଥର ବଜ୍ର ବାକ୍ୟାବଳୀ
୯୨. ବ୍ରହ୍ମ-ରାବଣବ୍ରହ୍ମ-ଭଗବାନ୍ ରାବଣବ୍ରହ୍ମ
୯୩. ଦ୍ୱିତୀୟ ଦୈବଗ୍ରନ୍ଥର ରତ୍ନବାକ୍ୟ
୯୪. ହିନ୍ଦୁଧର୍ମର ରକ୍ଷଣ ଆବଶ୍ୟକ ?
୯୫. ବେଦ ମଣିଷର ଆବଶ୍ୟକ ?
୯୬. ଉପନିଷଦରେ ତ୍ରୁଟି
୯୭. କୋରାନ-ହଦିସ୍
୯୮. ସୁପ୍ରସିଦ୍ଧ ବାଣୀ
୯୯. ଭକ୍ତିରେ ତୁମେ ସଂସାରୀ ? କି ବ୍ୟଭିଚାରୀ ?
୧୦୦. ଶତଂ
୧୦୧. ସିଦ୍ଧ ବାଣୀ
୧୦୨. ସତ୍ୟାର୍ଥ ପ୍ରକାଶିକାରେ ସତ୍ୟ କେତେ ?
୧୦୩. ରୂପ ବଦଳିଥିବା ଗୀତା
୧୦୪. ଶୁନ
୧୦୫. ତତ୍ତ୍ୱାର୍ଥ ଛବିଳ ଜ୍ଞାନ



**ଭାଷାରେ ପାଣ୍ଡିତ୍ୟକୁ ଛାଡି ଭାବରେ ପାଣ୍ଡିତ୍ୟକୁ ଦେଖୁଥିବା ପାତ୍ର ହିଁ ପ୍ରକୃତ ଜ୍ଞାନୀ ।**

# ଯୋଗୀଶ୍ୱରଙ୍କ ଦ୍ୱାରା କଥିତ ଗ୍ରନ୍ଥାଲ୍ୟ ସୃଷ୍ଟିକାରୀ
# ତ୍ରିମତ ଆଧ୍ୟାତ୍ମିକ ପ୍ରସଙ୍ଗାବଳୀ (ତେଲୁଗୁ)

୧. ଗୁର୍ରିଁଝବଡନିବାଡୁ ଗୁରବୁ
୨. ପୁଟିନରୋଜୁ ଏବରିକି ରାଦୁ
୩. ଦ୍ୱିତୀୟୁଡୁ-ଅଦ୍ୱିତୀୟୁଡୁ
୪. ଏକ୍ ନିରଞ୍ଜନ୍ ଆଲେକ୍ ନିରଞ୍ଜନ୍
୫. ମାୟକୁଡୁ-ଅମାୟକୁଡୁ
୬. ତଲ୍ଲି ତଣ୍ଡ୍ରି-ଗୁରୁ ଦୈବମୁ
୭. ଗୁରୁବୁଲେନି ବିଦ୍ୟା ଗୁଡ୍ଡିବିଦ୍ୟା
୮. ମତମୁଲଲୋ ପବିତ୍ରୟୁଦ୍ଧମୁ
୯. ପ୍ରପଂଚ ଶ୍ରଦ୍ଧା-ପରମାତ୍ମା ଶ୍ରଦ୍ଧା
୧୦. ଦେଶଂ ମୋସଂ-ଦେହଂ ମୋହଂ
୧୧. ଏଦମିଦା ମୁଦ୍ରା-ତଲ୍ଲିତଣ୍ଡ୍ରି ଗୁର୍ତୁ
୧୨. ମୁଡୁ ପୁଟକାଲୁ-ରେଣ୍ଡୁ ଜାଗାଲୁ
୧୩. ଯୋଗୀଶ୍ୱରୁଲ ଜନ୍ମଦିନ ସଂଦେଶମ୍
୧୪. ତେଲୁଗୁଲୋ ମୁଡୁ-ଆରୁ-ତୁମ୍ମିଦି
୧୫. ମାୟା ମର୍ମ-ଆତ୍ମା ଧର୍ମ
୧୬-ବାୟିଟି ସମାଜମ୍-ଲୋପଲି ସମାଜମ୍
୧୭. ଦେଉନି ଜ୍ଞାନଂ-ମାୟା ମାହାତ୍ମ୍ୟମ୍
୧୮. ମୁଡୁ ନିର୍ମାଣାଲୁ-ଓକ ପରିଶୁଭ୍ରତା
୧୯. ସହଜ ମରଣମ୍-ତାହାଲିକ ମରଣମ୍
୨୦. ମେଘଂ ଓକ ଭୂତଂ-ରୋଗଂ ଓକ ଭୁତଂ
୨୧. କର୍ମ ଲେନି କୃଷ୍ଣୁଡୁ-କର୍ମ ଉନ୍ନା କୃଷ୍ଣୁଡୁ
୨୨. ସ୍ୱାର୍ଥ ରାଜକୀୟଂ (ସ୍ୱ+ଅର୍ଥ ରାଜକୀୟଂ)
୨୩. ଶ୍ରୀକୃଷ୍ଣୁଡୁ ଚନିପୋୟାଡା ? ଗ୍ରୁଝବଡ୍ଡାଡା ?
୨୪. ଅନ୍ତିମ ଗ୍ରନ୍ଥମୁଲୋ ପ୍ରଥମ ବାକ୍ୟମୁଲୁ
୨୫. ଇଚ୍ଛାଧିନକାର୍ୟମୁଲୁ-ଅନିଚ୍ଛାଧିନ କାର୍ୟମୁଲୁ
୨୬. ଟକ୍କୁଟମାରା,ଇନ୍ଦ୍ରଜାଲ ମହେନ୍ଦ୍ରଜାଲ,
ଗଜକର୍ଣ୍ଣ, ଗୋକର୍ଣ୍ଣ
୨୭. ଆତ୍ମା, ୨୮-ତାତା
୨୯. ତଲ୍ଲି , ୩୦-ଭୟଂ
୩୧. ଆତ୍ମାପନି ୩୨-ବଛତଲା
୩୩. ୟାଦବ୍, ୩୪-ଜ୍ଞାନଶକ୍ତି
୩୫. ସମାଧି , ୩୬-୬-୩=୬
୩୭. ସନ୍ତକମ୍ , ୩୮-ପ୍ରଭୂ-ପ୍ରଜା
୩୯. ତ୍ରୈତଶକମ୍, ୪୦. ତୋଲେବାଡୁ
୪୧. ତଲ୍ଲି ତଣ୍ଡ୍ରି, ୪୨. ନଟିଂଚେ ଆତ୍ମା
୪୩. ସଂଚିତ କର୍ମ, ୪୪. ଗୁରୁ ଚିହ୍ନଂ
୪୫. ଆସ୍ତି- ଦୋସ୍ତି, ୪୬. ବେଲୁଗୁବଂଟୁ
୪୭. ଧର୍ମଚକ୍ରଂ, ୪୮. ଦୈବଗ୍ରନ୍ଥମୁ
୪୯. ଭକ୍ତି-ଶ୍ରଦ୍ଧାଲୁ
୫୦. ପୁରୁଷୋତ୍ତମ
୫୧. ମତଦ୍ୱେଷମୁ, ୫୨. ଗ୍ରହୀତଶକ୍ତି
୫୩. ଆଡିଂଚେ ଆତ୍ମା
୫୪. ଏଦି ଶାସ୍ତ୍ରମୁ ?, ୫୫. ଭଗବନ୍ତୁଡୁ
୫୬. ଏଦି ଧର୍ମମୁ ?, ୫୭. ଗୁରୁ ପୌର୍ଣ୍ଣମୀ
୫୮. ଶ୍ରୀକୃଷ୍ଣାଷ୍ଟମୀ, ୫୯. ଗୋରୁ - ଗୁରୁ
୬୦. ଦଶ- ଦିଶାଲୁ, ୬୧. ମାଟା-ମନ୍ଦୁ
୬୨. ସୃଷ୍ଟି - ସୃଷ୍ଟିକର୍ତା
୬୩. କଲିୟୁଗମୁ, ୬୪. ସେବା ଶାତମୁ
୬୫. ପ୍ରକୃତି-ବିକୃତି, ୬୬. ପୈତ୍ୟଂ-ସୈତ୍ୟଂ
୬୭. ନୈଜଂ-ସହଜଂ, ୬୮. ଭକ୍ତି-ଭୟମୁ
୬୯. ସାମ୍ପ୍ରଦାୟମୁ, ୭୦. ଅଦୁରୁ-ବେଦୁରୁ
୭୧. ନି ବେନୁକାବାଡୁ, ୭୨. ଶବମୁ-ଶିବମୁ
୭୩. ଶୈବମୁ-ବୈଷ୍ଣବମୁ,
୭୪. ଧର୍ମମୁ-ଅଧର୍ମମୁ
୭୫. ଦ୍ରାବିଡୁଲୁ-ଆର୍ୟୁଲୁ
୭୬. କାୟି-ପଣ୍ଡୁ-କାୟି, ୭୭. ୟୁଗମୁ-ଯୋଗମୁ
୭୮. ଦେଉନିକି ମତମୁନ୍ନାଦା ?
୭୯. କର୍ମ ମର୍ମମୁ

# ଯୋଗୀଶ୍ୱରଙ୍କ ଦ୍ୱାରା କଥିତ ଗୃଞ୍ଜଲ୍ୟ ସୃଷ୍ଟିକାରୀ ତ୍ରିମତ ଆଧ୍ୟାତ୍ମିକ ପ୍ରସଙ୍ଗାବଳୀ (ତେଲୁଗୁ)


୮୦. ପୁଟ୍ଟୁଟା-ଗିଟ୍ଟୁଟା, ୮୧. ଏକତା-ଏକାଗ୍ରତା
୮୨. ଚମତ୍କାର ଆତ୍ମା, ୮୩. ନିଦର୍ଶ-ନିରୁପ
୮୪. ଗୁରୁବୁ ଏବରୁ ?, ୮୫. ତ୍ରୈତ ସିଦ୍ଧାନ୍ତମୁ
୮୬. ସ୍ତ୍ରୀ/ ପୁଂ - ଲିଙ୍ଗମୁ, ୮୭. ଜୀର୍ଣ୍ଣ+ଆଶୟମୁ
୮୮. ଶ୍ରୀକୃଷ୍ଣୁଡୁ ଏବରୁ ?
୮୯. ଆଟା-ଦୋବୁଚଲାଟା
୯୦. ପ୍ରଜାଲୁ-ମାନବୁଲୁ
୯୧. ଦନ୍ତମୁ-ଅନ୍ତମୁ, ୯୨. ମତମୁ-ପଥମୁ
୯୩. ଏଡୁ ଆକାଶମୁଲୁ, ୯୪. ଅର୍ଥମୁ-ଅପାର୍ଥମୁ
୯୫. ମୁଡୁ ଗ୍ରନ୍ଥମୁଲୁ, ୯୬. ଗ୍ରନ୍ଥମୁ-ବୋଧା
୯୭. ପ୍ରଭୂବୁ-ପ୍ରଭୂତ୍ୱଂ
୯୮. ଜ୍ଞାନମୁ-ବିଜ୍ଞାନମୁ
୯୯. ବାର-ମାସ-ବସ୍ତ୍ସର
୧୦୦. ଭୂତଂ-ମହାଭୂତଂ
୧୦୧. ସେକୁବଲି-କୁଲିସେବା
୧୦୨. ଆତ୍ମାକୁ ବେଂଟ୍ରକୁଲୁ ଗୁର୍ତ୍ତୁ
୧୦୩. କୋଡିପୁଞ୍ଜୁ-ପାଦରସମ୍
୧୦୪. ଇନ୍ଦୁ ମହାସମୂଦ୍ରମୁ
୧୦୫. ଶ୍ରୀକୃଷ୍ଣ ଜନ୍ମ ମଥୁରା
୧୦୬. ଅଧର୍ମ ଆରାଧନାଲୁ
୧୦୭. ପୁସ୍ତକମୁ-ଗ୍ରନ୍ଥମୁ
୧୦୮. ହରିକାଲୁ-ହରିଚେୟି
୧୦୯. ପୁଟଗୋସି-ମୁଲତ୍ରାଡୁ
୧୧୦. ୧୨୩ ଗୁରୁପୌର୍ଣ୍ଣମୀ
୧୧୧. କ୍ଷମିଂଚରାନି ପାପମୁ
୧୧୨. ମରଣମୁ -ଶରୀରମୁ
୧୧୩. ଦିବ୍ୟ ଖୁରାନ୍-ହଦୀସୁ
୧୧୪. ଇନ୍ଦୁ-ହିନ୍ଦୁ
୧୧୫. ସୁଖମୁ-ଆନନ୍ଦମୁ
୧୧୬. କାଲଜ୍ଞାନ ବାକ୍ୟମୁଲୁ
୧୧୭. ଭୌତିକମୁ-ଅଭୌତିକମୁ
୧୧୮. ଦେଉନି ଆଜ୍ଞା-ମରଣମୁ
୧୧୯. ଜ୍ଞାନମୁ ଦଗ୍‌ଗରା ଜାଗ୍ରତା
୧୨୦. ଚନ୍ଦ୍ରାକାରମୁ(ବଟ୍ଟତଲା)
୧୨୧. ଜ୍ଞାନମୁ କବ୍ଲା ଆଇନ୍ଦି !
୧୨୨. ଦେଉଡୁ-ଇଦ୍ଦରା ! ଓକରା !!
୧୨୩. ମତ ସାମରସଂ
୧୨୪. ମୋକ୍ଷମୁ-ମୋସମୁ
୧୨୫. ଅକ୍ଷର ଜ୍ଞାନମୁ
୧୨୬. ଲାଲା ଜଲମୁ
୧୨୭. ଦୈବ ଧର୍ମମୁଲୁ-ମତ ସାମ୍ପ୍ରଦାୟଲୁ
୧୨୮. ଆହାରମୁ ନିକା ! ନି ଆତ୍ମାକା !
୧୨୯. ମାତ୍ରା-ମନ୍ଦୁ
୧୩୦. କାଲଚକ୍ରଂ
୧୩୧. ବ୍ରହ୍ମବିଦ୍ୟା ,୧୩୨-ଶକ୍ତି
୧୩୩. ପୌର୍ଣ୍ଣମୀ-ଅମାବାସ୍ୟା
୧୩୪. ଈଶ୍ୱର-ପରମେଶ୍ୱର
୧୩୫. ପୁରୁଷୋତମ-ଶ୍ରୀରାମ
୧୩୬. ଦେଉନିକି ଓକଡେ କୁମାରୁଡୁ-ଦେଉନିକି ଅନେକମନ୍ଦି କୁମାରୁଲୁ
୧୩୭. ଜନ୍‌ଂ,୧୩୮- ଅଧିପତି
୧୩୯. ଗ୍ରହାନ୍ତର ବାସୁଲୁ
୧୪୦. ଦେଉଡୁ ଦ୍ୱିତୀୟୁଡା ? ଅଦ୍ୱିତିୟୁଡା ?
୧୪୧. ଆଧ୍ୟାତ୍ମିକ ପ୍ରଶ୍ନଲୁ-ଜବାବୁଲୁ
୧୪୨. ଗଶରୀରମୁଲୋ ରକ୍ତମୁ-ଗ୍ରନ୍ଥମୁଲୋ ଜ୍ଞାନମୁ

# ଇନ୍ଦୁ ଜ୍ଞାନବେଦିକା ଦ୍ୱାରା ପ୍ରକାଶିତ ଆଧ୍ୟାତ୍ମିକ ଗ୍ରନ୍ଥଗୁଡିକର ପ୍ରାପ୍ତିସ୍ଥାନ

## ପ୍ରବୋଧାଶ୍ରମ (ଶ୍ରୀକୃଷ୍ଣ ମନ୍ଦିର)

ଗ୍ରାମ-ଚିନ୍ନାପୋଡମଲା, ମଣ୍ଡଳ-ତାଡିପତ୍ରି, ଜିଲ୍ଲା- ଅନନ୍ତପୁରମ୍ (ଏ.ପି)

ଫୋନ୍ ନମ୍ବର : 6371487960, 8260963963, 6370369563.

*****

## ପ୍ରବୋଧା ସେବା ସମିତି (ଶାଖା)

ଗ୍ରାମ- କଡବ, ବେଗୁନିଆ, ଖୋରଧା, 752062 ଓଡିଶା

ସେଲ୍ ନମ୍ବର : 6371487960 (ପ୍ରେସିଡେଣ୍ଟ୍)

୧.କଳ୍ପନା ସୁନ୍ଦରାୟ:7978498668, ୨.ଏସ୍. ବିଶ୍ୱେଶ୍ୱର ରାଓ:9437527499.

୩.ତେଜସ୍ୱିନୀ ମାନସିଂହ:9777075446, ୪.ଦିପ୍ତିରଞ୍ଜନ ପଣ୍ଡା : 7873229092.

୫.ଲକ୍ଷ୍ମୀଧର ପାଇକରାୟ:9692557801, ୬.ରଘୁନାଥ ମାନସିଂହ : 6371487960.

*****

## ଇନ୍ଦୁ ଜ୍ଞାନବେଦିକା ଶାଖା,

ମଲ୍ଲିଗାଓଁ (ଗ୍ରାମ), କୋତପେଟା (ପୋ) ରାୟଗଡା ଜିଲ୍ଲା (ଓଡିଶା)

ସେଲ୍ ନଂ - 8260963963 (ପ୍ରେସିଡେଣ୍ଟ୍)

୧. ଏସ୍. ବିଶ୍ୱେଶ୍ୱର ରାଓ : 9437527499

୨. ଇ. ଅଶୋକ କୁମାର : 6370043490

୩. ଆର୍. ସନ୍ତୋଷ କୁମାର ଶର୍ମା : 6370369563

୪. ଡି.ରବି (ପାରଲାଖେମୁଣ୍ଡି) : 8248683055

୫. ଏସ୍. ଗୌରିଶଙ୍କର ରାଓ : 9348538123

୬. ଇ. ସିହାଂଚଲମ୍:9437527470, ୭. ଡି. ପ୍ରସାଦ୍ ରାଓ : 7013546537

**www.thraithashakam.org**

Youtube : thraitha siddantham

## ଯୋଗୀଶ୍ୱରଙ୍କ ଶୃଙ୍ଖଳ୍ୟାତ୍ମକ ତ୍ରିମତ ଆଧ୍ୟାତ୍ମିକ ରଚନା ସାରାଂଶ

୧. ତ୍ରୈତ ସିଦ୍ଧାନ୍ତର ଅକ୍ଷର ସମାବେଶ ହିଁ, ଆତ୍ମା ସମାର ହୋଇ ରହିଛି । ତ୍ରୈତ ସିଦ୍ଧାନ୍ତ ଗ୍ରନ୍ଥଗୁଡିକରେ କ୍ଷୟ, ଅକ୍ଷୟ ସମାଗ୍ରର ଏବଂ ପରମାତ୍ମା ସମାଗ୍ରର ରହିଛି ।

୨. ତ୍ରୈତ ସିଦ୍ଧାନ୍ତ ସମ୍ବନ୍ଧୀୟ ଗ୍ରନ୍ଥଗୁଡିକ ଭୌତିକତଃ ଲେଖିଛନ୍ତି ଯୋଗୀଶ୍ୱର । ତ୍ରୈତ ସିଦ୍ଧାନ୍ତ ଗ୍ରନ୍ଥଗୁଡିକରେ ଅଭୌତିକ ଭାବରେ ଯୋଗଶକ୍ତି ରହିଛି ।

୩. ତ୍ରୈତ ସିଦ୍ଧାନ୍ତ ଇନ୍ଦୁ (ହିନ୍ଦୁ) ଧର୍ମରେ ବିପ୍ଳବାତ୍ମକ ଭାବରେ ରହିଛି । ତ୍ରୈତ ସିଦ୍ଧାନ୍ତର ଜ୍ଞାନ ଶୃଙ୍ଖଲ୍ୟ ସୃଷ୍ଟି କରୁଛି । ପଢି ଦେଖନ୍ତୁ ।

୪. ତ୍ରୈତ ସିଦ୍ଧାନ୍ତ ସବୁଠାରୁ ମହାନ । ତ୍ରୈତ ସିଦ୍ଧାନ୍ତ  ସମସ୍ତ ଗ୍ରନ୍ଥଗୁଡିକ ଭିତରେ ମହାନ । ତାର ରଚୟିତା ହେଉଛନ୍ତି ଯୋଗୀମାନଙ୍କର ଈଶ୍ୱର ହୋଇଥିବା ଯୋଗୀଶ୍ୱର ।

୫. ତ୍ରୈତ ସିଦ୍ଧାନ୍ତ ଗ୍ରନ୍ଥଗୁଡିକୁ ଦେଖିଲେ ଦୁଷ୍ଟଶକ୍ତିମାନେ ଭୟରେ ଚାଲିଯାଇଥାନ୍ତି । ତ୍ରୈତ ସିଦ୍ଧାନ୍ତ ଗ୍ରନ୍ଥଗୁଡିକ ସେମାନଙ୍କ ପାଖରେ ରଖିଲେ ଯୋଗଶକ୍ତିର ଉତ୍ତାପକୁ ସେମାନେ ସହ୍ୟ କରି ପାରିନଥାନ୍ତି ।

୬. ଭଗବଦ୍ଗୀତା ପରେ କୁହାଯାଇଥିବା ଅତି ମହାନ ଜ୍ଞାନ ହେଉଛି ତ୍ରୈତ ସିଦ୍ଧାନ୍ତ ଜ୍ଞାନ । ତ୍ରୈତ ସିଦ୍ଧାନ୍ତ ଗ୍ରନ୍ଥଗୁଡିକରେ ଶ୍ରୀକୃଷ୍ଣ ଆଗରୁ କହି ନଥିବା ଜ୍ଞାନ ମଧ୍ୟ ଯୋଗୀଶ୍ୱର କହିଛନ୍ତି ।

୭. ତ୍ରୈତ ସିଦ୍ଧାନ୍ତ ଜ୍ଞାନ ମାନବ ଜୀବନର ଏକ ଉଜ୍ଜ୍ୱଳ ଆଲୋକ । ତ୍ରୈତ ସିଦ୍ଧାନ୍ତ ଆଲୋକକୁ ଗଲାପରେ ତାହା ଦୈବଶକ୍ତି ବୋଲି ଜଣାପଡେ ।

୮. ତ୍ରୈତ ସିଦ୍ଧାନ୍ତ ଭଗବଦ୍ଗୀତାକୁ ଲେଖିଛନ୍ତି ଯୋଗୀଶ୍ୱର । ସେଥିଲାଗି ତ୍ରୈତ ସିଦ୍ଧାନ୍ତ କଣ ଆଉ କେତେ ମହାନ ତାହା ଜଣା ପଡିଯାଇଛି ।

୯. ତ୍ରୈତ ସିଦ୍ଧାନ୍ତକୁ ଜାଣି ପାରିଲେ,ଯୋଗୀଶ୍ୱରଙ୍କ ରଚନାକୁ ପଢିପାରିଲେ କୌଣସି ମତାବଲମ୍ବୀ ତାହା ସ୍ୱୀକାର କରିବାକୁ ବାଧ୍ୟ ହୋଇଥାଏ ଏବଂ ଆଚରଣ କରିଥାଏ ।

୧୦. ତ୍ରୈତ ସିଦ୍ଧାନ୍ତକୁ ସାକ୍ଷାତ୍ ଭଗବାନ କହିଛନ୍ତି । ତେଣୁ ପ୍ରତ୍ୟେକ ମତର ସାରାଂଶ ତ୍ରୈତ ସିଦ୍ଧାନ୍ତରେ  ରହିଛି ।

୧୧. ତ୍ରୈତ ସିଦ୍ଧାନ୍ତକୁ ଜଣେ ବ୍ୟକ୍ତି ଲେଖି ନାହାନ୍ତି, ଜଣେ ବ୍ୟକ୍ତିଙ୍କର ଶକ୍ତି ଲେଖିଛି । ତେଣୁ ସେଥିରେ ଥିବା ରହସ୍ୟଗୁଡିକୁ ପଢି ଜାଣନ୍ତୁ ।

୧୨. ତ୍ରୈତ ସିଦ୍ଧାନ୍ତ ଭଗବଦ୍ଗୀତା, ବାଇବେଲ୍ କୋରାନରେ ରହିଛି ହେଲେ ହିନ୍ଦୁ, ମୁସ୍ଲିମ୍, କ୍ରୈସ୍ତବମାନଙ୍କୁ ତାହା ଜଣା ନାହିଁ ।

# ତ୍ରୈତ ସିଦ୍ଧାନ୍ତ

ଆଧ୍ୟାତ୍ମିକ ବିଦ୍ୟାରେ ତୃତୀୟ ସିଦ୍ଧାନ୍ତ ହୋଇ ରହିଥିବା ତ୍ରୈତ ସୃଷ୍ଟି ପ୍ରାରମ୍ଭରେ ପରମାତ୍ମା ରୋପଣ କରିଥିବା ମହାବୃକ୍ଷ ଭଳି ଥିଲା । କାଳକ୍ରମେ ତାହା ଦୁର୍ବଳ ହୋଇ ଶୁଖିଯିବା ଭଳି ସମସ୍ତଙ୍କ ପାଇଁ ଅଜଣା ରହିଗଲା । ମାୟା ପ୍ରଭାବରେ ମାନବଲୋକରେ ଅନେକକାଳ ଧରି ଅଜଣା ରହିଥିବା ତ୍ରୈତ ଏବେ କଅଁଳିଛି । ଏହି ବୃକ୍ଷ ଅଜ୍ଞାନ ନାମକ ରୋଗପାଇଁ ମହୌଷଧି ବୋଲି ଜଣାଇ ଅନେକଙ୍କ ପାଖରେ ପହଞ୍ଚାଇବା ମୋର ମହାଭାଗ୍ୟ ବୋଲି ଭାବୁଛି । କେତେ ମହାନ ମତବାଦୀମାନେ ହୁଅନ୍ତୁ, ସେମାନେ ଏହା ଆମର ବୋଲି ସ୍ୱୀକାର କରିବା ତ୍ରୈତର ମହାନତା ବୋଲି ଭାବୁଛି । ଆମ ମତ ଅଲଗା, ଆମ ଈଶ୍ୱର ଅଲଗା ବୋଲି ଏହାକୁ ଜାଣିଥିବା କେହି ମଧ୍ୟ କହି ପାରିବେ ନାହିଁ । ଏହା ସ୍ୱଚ୍ଛ ଦୈବ ଜ୍ଞାନ ବା ଐଶ୍ୱରୀୟ ଜ୍ଞାନ ହୋଇଥିବାରୁ ଜାଣିବା ଆଗରୁ ଏହା ବାବଦରେ କେଉଁଭଳି ନିନ୍ଦାକରି କହିଥିଲେ ମଧ୍ୟ, ଜାଣିବା ପରେ ନିଶ୍ଚୟ ସ୍ୱୀକାର କରିବବାକୁ ବାଧ୍ୟ ହୋଇଥାନ୍ତି । ପ୍ରାୟ ଦୁଇହଜାର ବର୍ଷରୁ ରହିଥିବା ଅଦ୍ୱୈତ, ଦ୍ୱୈତ ସିଦ୍ଧାନ୍ତ ଜାଣିଥିବା ଲୋକମାନେ କିଛି ଅନିଚ୍ଛା ପ୍ରକାଶ କରୁଥିଲେ ମଧ୍ୟ, ସେମାନେ ବୁଦ୍ଧିରେ ବିଚାର କରି, ସ୍ୱାନୁଭବ ଅନୁସାରେ ଦେଖିଲେ ଦ୍ୱୈତ, ଅଦ୍ୱୈତ କେବଳ କଥା କହିବା ପାଇଁ ରହିଛି ସିନା, ସତ୍ୟ ନିର୍ଦ୍ଧାରଣ ଅନୁଭବ, ବାସ୍ତବ ଆଚରଣ କେବଳ ତ୍ରୈତରେ ରହିଛି ବୋଲି ଜାଣି ପାରିବେ । ଅନ୍ୟ ମତଗୁଡିକୁ ମଧ୍ୟ ନିଜଠାରେ ମିଶାଇ ପାରୁଥିବା ତ୍ରୈତ ପରମାତ୍ମା ଜଣାଇଥିବା ବାସ୍ତବ ଇନ୍ଦୂପଥ ଭାବରେ (ଜ୍ଞାନମାର୍ଗ ଭାବରେ) ସମସ୍ତଙ୍କର ଉପକାର କରିବ ବୋଲି ଭାବୁଛି ।

ଇତି

**ଶ୍ରୀଶ୍ରୀଶ୍ରୀ ଆଚାର୍ଯ୍ୟ ପ୍ରବୋଧାନନ୍ଦ ଯୋଗୀଶ୍ୱର**

ଅବଶ୍ୟ ପାଠକରନ୍ତୁ ପାଠକରାନ୍ତୁ

ପ୍ରଥମ ଦୈବଗ୍ରନ୍ଥ

# ତ୍ରୈତ ସିଦ୍ଧାନ୍ତ ଭଗବଦ୍ଗୀତା

(୫୭୮ ଶ୍ଳୋକ ବିଶିଷ୍ଟ)

ଆଧ୍ୟାତ୍ମିକ ରଙ୍ଗମଞ୍ଚରେ ଚାଞ୍ଚଲ୍ୟାତ୍ମକ ହୋଇ, ବିଜ୍ଞାନ ମଂଚରେ ବିପ୍ଳବାତ୍ମକ ହୋଇ ପାରିଛି ତ୍ରୈତ ସିଦ୍ଧାନ୍ତ ଭଗବଦ୍ଗୀତା । ୫୨୫୧ ବର୍ଷରୁ ଅଜଣା ରହିଯାଇଥିବା ଐଶ୍ୱରୀୟ ରହସ୍ୟଗୁଡିକ ଏହି ଗ୍ରନ୍ଥରେ ପଦାରେ ପଡିଯାଇଛି । ଜୀବାତ୍ମା ଆଉ ପରମାତ୍ମାଙ୍କ ମଝିରେ ତୃତୀୟପାତ୍ର ହୋଇଥିବା ଆତ୍ମା କଅଣ, ତାହାର କାର୍ଯ୍ୟକଳାପ କଅଣ ତାହା ଜଣାଇଥିବା ତ୍ରୈତ ସିଦ୍ଧାନ୍ତ ଭଗବଦ୍ଗୀତା ହେଉଛି ଏହି ଗୀତା । ଏହି ଭଗବଦ୍ଗୀତା ଅଦ୍ୱୈତ, ବିଶିଷ୍ଟାଦ୍ୱୈତାଦି ସିଦ୍ଧାନ୍ତଗୁଡିକୁ ଖଣ୍ଡନ କରି ତ୍ରୈତ ସିଦ୍ଧାନ୍ତ ପ୍ରତିପାଦନ କରିଛି । ଏହାର ପଠନପାଠନରେ ଐଶ୍ୱରୀୟ ଜ୍ଞାନ କହିଲେ କଅଣ ଜଣାପଡିଥାଏ ।

**ରଚୟିତା** : ତ୍ରିମତ ଏକୈକ ଗୁରୁ, ତ୍ରୈତ ସିଦ୍ଧାନ୍ତ ଆଦିକର୍ତ୍ତା **ଶ୍ରୀଶ୍ରୀଶ୍ରୀ ଆଚାର୍ଯ୍ୟ ପ୍ରବୋଧାନନ୍ଦ ଯୋଗୀଶ୍ୱର**

ଅବଶ୍ୟ ପାଠକରନ୍ତୁ ପାଠକରାନ୍ତୁ

# ଶ୍ରୀକୃଷ୍ଣ ଈଶ୍ୱର (ପରମାତ୍ମା) ? କି ଭଗବାନ ?

ଏହି ଗ୍ରନ୍ଥ ଦ୍ୱାରା କୃଷ୍ଣ କହିଲେ କଅଣ ଏବଂ କିଏ ବୋଲି ଜଣାପଡିଥାଏ । ଈଶ୍ୱର ମାନବରୂପ ଧାରଣ କରିଥାନ୍ତି କହିବାକୁ ଏହା ଏକ ନିଦର୍ଶନ । ଏହା ଦ୍ୱାରା କେତେ ମହାନ ଜ୍ଞାନ ଜଣାପଡିବା ସହିତ, ଏପର୍ଯ୍ୟନ୍ତ ଜଣା ନଥିବା ଅନେକ ଆଧ୍ୟାତ୍ମିକ ରହସ୍ୟ ଜଣାପଡିଥାଏ । ଏହି ଜ୍ଞାନ ଦ୍ୱାରା ଈଶ୍ୱର ଅଲଗା, ଭଗବାନ ଅଲଗା ବୋଲି ଜଣାପଡିଥାଏ । କୃଷ୍ଣ ମଣିଷ ହେଲେହେଁ ତାଙ୍କ ମରଣରେ ଘଟିଥିବା ରହସ୍ୟ ଏପର୍ଯ୍ୟନ୍ତ କାହାକୁ ମଧ୍ୟ ଜଣା ନାହିଁ । କୃଷ୍ଣଙ୍କ ମରଣ ରହସ୍ୟ ଏହି ଗ୍ରନ୍ଥ ଦ୍ୱାରା ଜାଣି ପାରିଲେ ଭୂପୃଷ୍ଠରେ କୌଣସି ମତଭେଦ ରହିବ ନାହିଁ, ମତକଳହ ରହିବ ନାହିଁ ।

**ରଚୟିତା** : ତ୍ରିମତ ଏକୈକ ଗୁରୁ, ତ୍ରୈତ ସିଦ୍ଧାନ୍ତ ଆଦିକର୍ତ୍ତା **ଶ୍ରୀଶ୍ରୀଶ୍ରୀ ଆଚାର୍ଯ୍ୟ ପ୍ରବୋଧାନନ୍ଦ ଯୋଗୀଶ୍ୱର**

# ମନ୍ତବ୍ୟ

"ପ୍ର" ନାମକ ଅକ୍ଷରରେ ଏକ ବିଶିଷ୍ଟ ଅର୍ଥ ରହିଛି । ପଞ୍ଚଭୂତଗୁଡିକୁ ପଞ୍ଚ କହି ତା ପୂର୍ବରୁ "ପ୍ର" ଯୋଗ କରାଯାଇ ପ୍ରପଞ୍ଚ ନାମକ ଶବ୍ଦଟିଏ କୁହାଯାଇଛି । ତଦ୍ବତ ଲୟ ପୂର୍ବରୁ 'ପ୍ର' ଯୋଗ କରାଯାଇ ପ୍ରଲୟ ବା ପ୍ରଳୟ କୁହାଯାଇଛି । ଏହିଭଳି ଥିବା ଶବ୍ଦଗୁଡିକରେ 'ପ୍ର' ଯୋଗ କରାଯାଇ ସେଗୁଡିକର ବିଶେଷତା କୁହାଯାଇଥାଏ । ଏହି ପଦ୍ଧତି ଅନୁସାରେ ଏଠାରେ ବୋଧ ଶବ୍ଦରେ ମଧ୍ୟ 'ପ୍ର' ଯୋଗ କରାଯାଇଛି । ବୋଧ କହିଲେ ବାଣୀ ତେଣୁ ପ୍ରବୋଧ କହିଲେ 'ବିଶେଷ ବାଣୀ' କିମ୍ବା 'ଉନ୍ନତ ବାଣୀ' ବୋଲି ବୁଝାଯାଇଥାଏ । ଆମ ଦ୍ୱାରା କୁହାଯାଉଥିବା ବାଣୀରେ ସ୍ୱତନ୍ତ୍ର ଭାବରେ ତ୍ରୈତସିଦ୍ଧାନ୍ତ ରହିଥିବା କାରଣରୁ ଆମେ ତାହାକୁ ପ୍ରବୋଧ ନାମ ଦେଇଛୁ । ଆମ ବାଣୀଗୁଡିକରେ ଥିବା କେତେକ ସାରାଂଶକୁ ପ୍ରବୋଧ ତରଙ୍ଗ ବୋଲି ନାଆଁ ଦେଇ ଏହି ଗ୍ରନ୍ଥଟି ଲେଖିଛୁ । ଯୋଗୀ ବେମନଙ୍କ ପଦ୍ୟରେ ଅନେକ ଅର୍ଥ ଲୁଚି ରହିଥିବା ଭଳି ଏହି ପ୍ରବୋଧ ତରଙ୍ଗରେ ମଧ୍ୟ ଅନେକ ଅର୍ଥ ଲୁଚି ରହିଛି ।

ଭାଷାପ୍ରାବୀଣ୍ୟତା ନଥିଲେ ମଧ୍ୟ ଏହି ବାକ୍ୟଗୁଡିକରେ ଅଧିକ ଭାବ-ପ୍ରାବୀଣ୍ୟତା ରହିଛି । ଅନେକ ପୁସ୍ତକରେ ଆମେ ଦଶଫର୍ଦ୍ଦ ପଢିବା ପରେ ମଧ୍ୟ ତା'ଭିତରେ କିଛି ନୂଆ ଚିହ୍ନିବା ବିଷୟ ମିଳିନଥାଏ । ପଢିବାବେଳେ ସେଗୁଡିକରେ ଭାଷା ପ୍ରାବୀଣ୍ୟତା ଦେଖାଗଲେ ମଧ୍ୟ ଗ୍ରହଣ ଯୋଗ୍ୟ ଭାବ ନଥିଲେ ପଢି କିଛି ଲାଭ ରହେ ନାହିଁ । ଆମ ରଚନାର ପ୍ରତ୍ୟେକ ଫର୍ଦ୍ଦରେ ନିଶ୍ଚୟ କିଛିନାକିଛି ନୂଆ ବିଷୟ ଏବଂ କିଛି ଚିହ୍ନି ହେଉଥିବା ସାରକଥା ରହିଛି । ତା'ଛଡା ପ୍ରବୋଧ ତରଙ୍ଗକୁ ସହଜରେ ବୁଝିବାପାଇଁ ଗୋଟିଏ ଗୋଟିଏ ବିଷୟର ସାରାଂଶକୁ ଗୋଟିଏ ଗୋଟିଏ ବାକ୍ୟରେ ଲେଖି ଏଇ ପ୍ରବୋଧ ତରଙ୍ଗ ଲେଖାଯାଇଛି । ଏହି ଗ୍ରନ୍ଥରେ ଆଠଶହରୁ ଅଧିକ ବାକ୍ୟ ରହିଛି ଆଉ ପ୍ରତ୍ୟେକ ବାକ୍ୟରେ ମହାନ ଜ୍ଞାନସନ୍ଦେସ ଲୁଛି ରହିଛି ।

କେତେକଙ୍କ ମନରେ ଅନେକ ଦିନରୁ ରହି ଆସୁଥିବା ସନ୍ଦେହର, ଅନେକ ଗ୍ରନ୍ଥ ପଢି ମଧ୍ୟ ସେଗୁଡିକରୁ ମିଳିଥିବା ପ୍ରଶ୍ନର ସମାଧାନ ଏଥିରେ ବୁଝିପାରିବା ଭଳି ଦିଆଯାଇଛି । ପ୍ରତ୍ୟେକ ବାକ୍ୟରେ ଏକ ନୂଆ ବିଷୟକୁ ଜଣାଇ ଦିଆଯାଇଛି, କେତେକ ପ୍ରଶ୍ନ ସମୂହର ସମାଧାନ ମଧ୍ୟ ଗୋଟିଏ ଗୋଟିଏ ବାକ୍ୟରେ ରହିଛି । କେତେକ ବାକ୍ୟର ସମାହାରରେ ଏକ ଏକ ଗ୍ରନ୍ଥର ସାରାଂସ ମଧ୍ୟ ରହିଛି । ସେଥିଲାଗି ଏହି ଗ୍ରନ୍ଥ ନିଶ୍ଚୟ ଜ୍ଞାନଜୀଜ୍ଞାସୁ ମାନଙ୍କର ମଙ୍ଗଳ କରିବ ବୋଲି ଆମେ ବିଶ୍ୱାସ କରୁଛୁ । ଆମ ଦ୍ୱାରା କୁହାଯାଉଥିବା ପ୍ରତି ବିଷୟର ଶାସ୍ତ୍ରବଦ୍ଧତା ବଜାୟ ରହୁ, ଏହା ଆମର ମୁଖ୍ୟ ଉଦ୍ଦେଶ୍ୟ । ଶାସ୍ତ୍ରବଦ୍ଧତା ନଥିବା ଅନେକ ବିଷୟ ଶୁଣିବାକୁ ପଢିବାକୁ ଭଲ ଲାଗିଲେ ମଧ୍ୟ ତାହା ଜୀବନରେ ଉପଯୋଗ ହୋଇନଥାଏ । କମଳା ରସକୁ ସାଙ୍ଗେ ସାଙ୍ଗେ ପିଇଲେ ତାହା କେତେ ସୁଆଦ ଲାଗିଥାଏ, କିନ୍ତୁ ଘଣ୍ଟାଏ ପରେ ପିଇଲେ ତା'ର ସୁଆଦ ବଦଳିଯାଇଥାଏ । ପ୍ରଥମେ ଭଲ ଥିବା କମଳାରସ କିଛି ସମୟ ପରେ ଖରାପ ହୋଇ ଉପଯୋଗ ବିହୀନ ହୋଇଯାଇଥାଏ । ହେଲେ ମହୁ ପ୍ରଥମରୁ ଯେପରି ଥାଏ କେତେକାଳ ପରେ ମଧ୍ୟ ସେହିପରି ଥାଏ, ଆମ କାର୍ଯ୍ୟରେ ଲାଗେ । ଆମ ବାଣୀ ସେହିଭଳି ଭବିଷ୍ୟତ ଜୀବନରେ ମଧ୍ୟ ଉପଯୋଗ ହୋଇଥାଏ । ଶୁଣିବାକୁ ପ୍ରଥମେ ଭଲଲାଗି ପରେ କୌଣସି କାମରେ ଆସୁନଥିବା ଭଳି ବାଣୀ ନହୋଇ, ସବୁବେଳେ ଏକ ଜ୍ଞାନସାରାଂଶ ହୋଇ ଏଇ ପ୍ରବୋଧ ତରଙ୍ଗ ଜୀବନରେ ଉପଯୋଗ ହୋଇଥାଏ ବୋଲି ଜଣାଉଛୁ ।

ଇତି

ତ୍ରିମତ ଏକୈକ ଗୁରୁ, ଇନ୍ଦୁ ଧର୍ମପ୍ରଦାତା, ଋଞ୍ଚଲ୍ୟ ସୃଷ୍ଟିକାରୀ ରଚୟିତା,
ତ୍ରୈତ ସିଦ୍ଧାନ୍ତ ଆଦିକର୍ତ୍ତା

**ଶ୍ରୀଶ୍ରୀଶ୍ରୀ ଆଚାର୍ଯ୍ୟ ପ୍ରବୋଧାନନ୍ଦ ଯୋଗୀଶ୍ୱର**

# ପ୍ରବୋଧ ତରଙ୍ଗ

୧. ଆଖୁରୁ ରସକୁ ଆସ୍ୱାଦନ କରି ଆଖୁଛେଦାକୁ ଫିଙ୍ଗିଦେବା ଭଳି, ଗ୍ରନ୍ଥର ଭାବ ଗ୍ରହଣ କରି ଯେଉଁମାନେ ଭାଷାକୁ ଛାଡି ଦେଇଥା'ନ୍ତି ସେହିମାନେ ହିଁ ପରିଶୁଦ୍ଧ ପାଠକ ।

୨. ନିରନ୍ତର ଆତ୍ମଚିନ୍ତନ ଦ୍ୱାରା ତୁ ତୋତେ ଜାଣିପାରିବା ହିଁ ତୋ'ର ପ୍ରକୃତ କାର୍ଯ୍ୟ ।

୩. ଯେଉଁମାନେ ଜ୍ଞାନମାର୍ଗରେ ଯାତ୍ରା କରିବାକୁ ଇଚ୍ଛାକରନ୍ତି ସେମାନଙ୍କୁ ଅଜ୍ଞାନୀମାନେ କଣ୍ଟକସମ ଅବରୋଧ ହୋଇଥା'ନ୍ତି ।

୪. ପାଗଳକୁ ରତ୍ନ ଦେଲେ ସେ ସେଥିରୁ କୌଣସି ଲାଭ ପାଇପାରୁ ନଥିବା ଭଳି ମୁର୍ଖକୁ ଜ୍ଞାନପୋଦେଶ ଦେଲେ ସେ ସେଥିରୁ କୌଣସି ଲାଭ ପାଇପାରେ ନାହିଁ ।

୫. ଆହାର ପଦାର୍ଥ ଦ୍ୱାରା ଶରୀର, ଗୁଣବିଷୟ ଦ୍ୱାରା ମନ ବଞ୍ଚିଥାଏ ।

୬. ମନ ଜ୍ଞାନେନ୍ଦ୍ରିୟଗୁଡିକ ସହିତ ମିଶି ବିଷୟଗୁଡିକୁ ଆଣି ଜୀବକୁ ଜଣାଇଥାଏ । ଜୀବ ଅଜ୍ଞାନବଶ ହୋଇ ଅହଂ ସହିତ ମିଶି ବିଷୟଗୁଡିକର ଦୁଃଖସୁଖକୁ ଅନୁଭବ କରିଥାଏ ।

୭. ଅଳ୍ପସୁଖକୁ ଆଶାକରି ଜୀବ ଅନନ୍ତକଷ୍ଟ ଭୋଗ କରିଥାଏ ।

୮. ବାହ୍ୟନେତ୍ରକୁ ଦେଖାଯାଉଥିବା ଅନ୍ଧକାର ସୂର୍ଯ୍ୟୋଦୟ ହେବାଦ୍ୱାରା ଦୂର ହୋଇଥାଏ, ସେହିଭଳି ମନୋନେତ୍ରକୁ ଖୋଯାଉଥିବା ଅନ୍ଧକାର ଜ୍ଞାନୋଦୟ ହେବା ଦ୍ୱାରା ଦୂର ହୋଇଥାଏ ।

୯. ଦେହଶୁଦ୍ଧି ପାଇଁ ସ୍ନାନ ଆବଶ୍ୟକ, ଦେହୀ ଅର୍ଥାତ୍ ଜୀବାତ୍ମା ଶୁଦ୍ଧି ପାଇଁ ଜ୍ଞାନ ଆବଶ୍ୟକ ।

୧୦. ଗୋଟିଏ ଜନ୍ମରେ ଶରୀର ଭିତରକୁ ଜୀବ ପ୍ରବେଶ କରିବା

ଗୋଟିଏ ପର୍ଯ୍ୟାୟ ହେବାବେଳେ, ପୁଣି ଶରୀର ଭିତରୁ ଜୀବ ବାହାରକୁ ଚାଲିଯିବା ଆଉଗୋଟିଏ ପର୍ଯ୍ୟାୟ ହୋଇଥାଏ ।

୧୧. ଭୂପୃଷ୍ଠରେ ଜୀବରାଶିଙ୍କ ଜନ୍ମବିଧି ସମସ୍ତଙ୍କ ପାଇଁ ଏକ ପ୍ରକାରର, ହେଲେ ମରଣବିଧି ଚାରି ପ୍ରକାରର ।

୧୨. ଅନୁଭବ ଦ୍ୱାରା ଜୀବର କର୍ମକ୍ଷୟ ହୋଇଥାଏ, ହେଲେ ଅହଂକାର ଦ୍ୱାରା ଆହୁରି ଅନେକ କର୍ମ ବଢିଯାଇଥାଏ ।

୧୩. ଅଜ୍ଞାନ କାରଣରୁ ଅହଂକାର, ଅହଂକାର କାରଣରୁ ଜୀବର ଆଗାମୀକର୍ମ ସମ୍ଭବ ହୋଇଥାଏ ।

୧୪. ପରିଶୁଦ୍ଧ ଔଷଧ ସେବନ ଦ୍ୱାରା ଶରୀରରୁ ରୋଗ ଦୂରହେବା ଭଳି ପରିଶୁଦ୍ଧ ଜ୍ଞାନ ସେବନ କରିଥିବା ଜୀବର କର୍ମରୋଗ ଦୂର ହୋଇଥାଏ ।

୧୫. ଆରୋଗ୍ୟ ଦେଇ ପାରୁନଥିବା ଔଷଧ ଏବଂ ଆତ୍ମଜ୍ଞାନ ଦେଇ ପାରୁନଥିବା ବାଣୀର କୌଣସି ଆବଶ୍ୟକତା ନଥାଏ ।

୧୬. କାମ, କ୍ରୋଧ, ଲୋଭ, ମୋହ, ମଦ, ମାତ୍ସର୍ଯ୍ୟ ନାମକ ଆୟୁଧ ଦ୍ୱାରା ଜୀବ ନିଜେ ନିଜକୁ ହିଂସା କରିଥାଏ ।

୧୭. ଶରୀର ନାମକ ଗୃହରେ ଅଜ୍ଞାନ ନାମକ ଅନ୍ଧକାରରେ ଥିବା ଜୀବ ଜ୍ଞାନଦୀପକୁ ଜଳାଇ ଦେଖିଲେ ନିଜେ ନିଜକୁ ଜାଣି ପାରିଥାଏ ।

୧୮. ଅହଂକାର ଦୂର ନ ହେବା ପର୍ଯ୍ୟନ୍ତ ଅଜ୍ଞାନତା ଦୂର ହୋଇନଥାଏ । ଅଜ୍ଞାନତାର ଅନ୍ତ ନହେବା ପର୍ଯ୍ୟନ୍ତ ଆତ୍ମଦର୍ଶନ ହୋଇନଥାଏ ।

୧୯. ପଞ୍ଚଭୂତ ଦ୍ୱାରା ଜନ୍ମିତ ଶରୀର ଦିନେ ପଞ୍ଚଭୂତ ଦ୍ୱାରା ହିଁ ବିନାଶ ହୋଇଥାଏ ।

୨୦. ଅଷ୍ଟ ଐଶ୍ୱର୍ଯ୍ୟରେ ବୁଡିରହିଥିବା ଲୋକକୁ ଦେଖି ମୁଁ କାହିଁକି ଏପରି

ନହେଲି  ବୋଲି ଦୁଃଖକରି କିଛି  ଲାଭ ନାହିଁ, ଗତ ଜନ୍ମରେ ସେ କରିଥିବା ପୁଣ୍ୟଫଳ ହିଁ ତାର ଏଇ ସ୍ଥିତିକୁ ଆଣିଦେଇଛି ।

୨୧. ଅପାରସମୂଦ୍ରର ଏକ ଜଳବିନ୍ଦୁ ଭଳି ଶରୀରର ଜୀବାତ୍ମା ରହିଥାଏ ।

୨୨. **ବାହ୍ୟପୂଜା ଅପେକ୍ଷା ଭାବପୂଜା ହିଁ ପରମାତ୍ମାଙ୍କର ଅତିପ୍ରିୟ ।**

୨୩. ଆହାରପଦାର୍ଥର ପ୍ରଭାବ ଦ୍ୱାରା ଗୁଣ ବଦଳିନଥାଏ, ଗୁଣପ୍ରଭାବ ଦ୍ୱାରା ସେହି ଆହାରପଦାର୍ଥଗୁଡ଼ିକ ଖାଇବାକୁ  ଇଚ୍ଛା ହୁଏ ।

୨୪. ମାଛ ତା'ର ସ୍ୱସ୍ଥାନ ହୋଇଥିବା ପାଣିରେ ରହିଲେ ତାକୁ ଆନନ୍ଦ ମିଳିଥାଏ, ସେହିଭଳି ମନ ତା'ର ସ୍ୱସ୍ଥାନ ହୋଇଥିବା ଆତ୍ମାରେ ରହିଲେ ତା'ପାଇଁ ଆନନ୍ଦଦାୟକ ହୋଇଥାଏ ।

୨୫. ସଂକଳ୍ପ ରହିତ ହେବା ହିଁ ପ୍ରକୃତ ବ୍ରହ୍ମଯୋଗ ।

୨୬. ଆଡମ୍ବରପୂର୍ଣ୍ଣ ପୂଜାଗୁଡ଼ିକ ଅଜ୍ଞାନର କାରଣ ହୋଇଥାଏ ସିନା, ସେଗୁଡ଼ିକ ଆତ୍ମଭାବ ଜାଗ୍ରତ କରିପାରେ ନାହିଁ ।

୨୭. ପାତ୍ର ଧୋଇ କରାଯାଉଥିବା ରୋଷେଇ, ପାତ୍ର ଦେଖି ଦିଆ-ଯାଉଥିବା  ଜ୍ଞାନ ସତ୍‌ଫଳ ଦେଇଥାଏ ।

୨୮. ନୀତି-ନ୍ୟାୟ ବାହ୍ୟ ଉନ୍ନତିର, ଜ୍ଞାନ-ଧର୍ମ ଆତ୍ମା ଉନ୍ନତିର କାରଣ ହୋଇଥାଏ ।

୨୯. ମାୟା ବାହାରେ ଅଛି ବୋଲି ଭାବ୍ ନାହିଁ, ତାହା ତୋରି ମୁଣ୍ଡରେ ଅଛି । ମାୟାଜାଲରେ  ପଡିବା  କହିଲେ  କେଉଁଠି ବାହାରେ ନୁହେଁ, ତୋରି ମୁଣ୍ଡର ଆଲୋଚନାରେ ପଡିବା ବୋଲି ଜାଣ୍ ।

୩୦. ଅପରିମିତ ବେଗରେ ଦୌଡୁଥିବା ତୋ'ର ମନକୁ ସ୍ୱାଧିନ କର୍, ତେବେଯାଇ ଆତ୍ମା କଅଣ ଜାଣିପାରିବୁ ।

୩୧. କୁଳ, ମତକୁ ମଣିଷ ତିଆରି କରିଛି ସିନା, ମହାତ୍ମାମାନେ ତିଆରି କରିନାହାନ୍ତି ।

୩୨. ଦେହଭାବ ହିଁ ମାୟାଫାଶ, ଦେହୀଭାବ ହିଁ ଦିବ୍ୟଜ୍ଞାନ ।

୩୩. ଯିଏ ସର୍ବଜୀବସମନ୍ୱୟ ଶାସ୍ତ୍ର ବୋଧକରିଥାନ୍ତି ସେ ପ୍ରକୃତ ଗୁରୁ ।

୩୪. ଗୁଣିଗାରିଡି ବିଦ୍ୟାକୁ ଦେଖି ଜ୍ଞାନ ଭାବିବା, ମରୀଚିକାକୁ ଦେଖି ଜଳ ଭାବିବା ଭଳି ହୋଇଥାଏ ।

୩୫. କର୍ମ ଦ୍ୱାରା ଗୁଣ, ଗୁଣ ଦ୍ୱାରା ମନ, ମନ ଦ୍ୱାରା ଶରୀର ପରିଚ୍ଛଳିତ ହୁଏ ବୋଲି ନ ଜାଣିବା ଅଜ୍ଞାନ ହୋଇଥାଏ ।

୩୬. ବାହ୍ୟ ସଂସାରମୋହ ନାମକ ମଧୁପାନ ନିଶାରେ ପଡିଥିବା ବ୍ୟକ୍ତିଠାରେ ସତ୍ୟକୁ ଜାଣିବା କ୍ଷମତା ବା କୁଆଡୁ ଆସିବ ?

୩୭. ଚଞ୍ଚଳମନକୁ ଆୟତ୍ତ ନକରି ଦାଢିଛାଡି ବୁଲିଲେ କର୍ମ ବିନାଶ ହେବ ନାହିଁ ।

୩୮. ତୋଠାରେ ଉନ୍ନତ ଜ୍ଞାନ ଆହରଣ ନହେବା ଆଗରୁ କାହାକୁ ଉପଦେଶ ଦେବାପାଇଁ ବ୍ୟାକୁଳ ହୁଅନାହିଁ । ଉପଦେଶକୁ ସହିବା-ଶକ୍ତି ତୋଠାରେ ଆସିବାବେଳେ ଉପଦେଶ ସିଦ୍ଧିଲାଭ କରିଥାଏ ।

୩୯. ଜ୍ଞାନ ଜାଣି ଯିଏ ମନକୁ ଜିତିଛି ସେ ମହାତ୍ମା, କିନ୍ତୁ ଯିଏ ଅଜ୍ଞାନ କଥା କହେ ସେ ମନ୍ଦାତ୍ମା ।

୪୦. ସୁନ୍ଦରତା ଦେଖି ଆନନ୍ଦଲାଭ କର୍, ହେଲେ ତାକୁ ଅନୁଭବ କରିବାକୁ ଇଚ୍ଛାକଲେ କଷ୍ଟ ଆସିବା ଆରମ୍ଭ ହୋଇଯିବ ।

୪୧. ଶରୀରକୁ ବିନାଶ କରି କେହି ସେଥିରେ ଥିବା ଜୀବକୁ ଅଲଗା କରିଦେଇ ପାରେ, ହେଲେ କୌଣସି ମାନବ ଏକ ଶରୀର ତିଆରି କରି ସେଥିରେ ଜୀବଟିଏ ପ୍ରବେଶ କରାଇପାରିବ ନାହିଁ ।

୪୨. ପ୍ରକୃତ ଆତ୍ମଜ୍ଞାନ ଅବଗାହନ ନହେବା ପର୍ଯ୍ୟନ୍ତ ବିଷୟର ବିଷଜ୍ୱାଳାରୁ ଜୀବକୁ ମୁକ୍ତ କରାଇବା ଅସମ୍ଭବ ।

୪୩. ସୀମାହୀନ ଭାବରେ ତୋ'ଠାରେ ଆବିର୍ଭାବ ହେଉଥିବା ଆଲୋଚନାତରଙ୍ଗରେ ବନ୍ଧବାନ୍ଧ୍, ତେବେଯାଇ ଅଲୌକିକ ଆତ୍ମଭାବକୁ ପାଇପାରିବୁ ।

୪୪. ଆଶା ହିଁ ଆତ୍ମାବଗାହନର ଅବରୋଧ ହୋଇଥାଏ ।

୪୫. ମତବୈଷମ୍ୟ ନାମକ ମାୟାରେ ନପଡି, ମହୋନ୍ନତ ଭାବ ଜାଗ୍ରତ କରିପାରିଲେ, ଆତ୍ମଶିଖରରେ ପହଞ୍ଚିପାରିବୁ ।

୪୬. ସମ୍ମତିରୁ ହିଁ ସମସ୍ତ ମତ ସୃଷ୍ଟି ହୋଇଛି, ହେଲେ ମତିକୁ ସ୍ଥିର କରିପାରୁଥିବା ମତ ହେଉଛି ମହୋନ୍ନତ ମତ ।

୪୭. ପ୍ରତ୍ୟେକ ମତ ଅଚଳ ସ୍ଥିତି ପର୍ଯ୍ୟନ୍ତ ରହି ଚାଲିଯାଏ ।

୪୮. ବାଲୁଆ ମାଟିରେ ବୁଣାଯାଇଥିବା ମଞ୍ଜି, ସତ୍ୟବନ୍ତର ହୃଦୟରେ ବୁଣାଯାଇଥିବା ଜ୍ଞାନ ସତ୍‌ଫଳ ଦେଇଥାଏ ।

୪୯. ଅଜ୍ଞାନ ପଶୁପକ୍ଷୀମାନେ ଆହାର, ନିଦ୍ରା, ସମ୍ଭୋଗାଦି ବିଷୟର କାର୍ଯ୍ୟକଳାପରେ ବଞ୍ଚିଥା'ନ୍ତି, ଏତେ ଜ୍ଞାନ ଥିବା ମଣିଷ ଯଦି ସେଇଆହେଲା ତେବେ ପଶୁପକ୍ଷୀ ଆଉ ମାନବ ଭିତରେ ବା କି ପାର୍ଥକ୍ୟ ରହିବ ?

୫୦. ଅହଂକାର ରହିତ ହୋଇ, ଶରୀରକୁ କର୍ତ୍ତବ୍ୟପାଇଁ ଛାଡିଦେଇଥିବା ବ୍ୟକ୍ତି ହିଁ କର୍ମଯୋଗୀ ।

୫୧. ବିଷୟ ନାମକ ବନିସୀରେ, ସୁଖ ନାମକ ଚାରା ଗୁନ୍ଥି, ଆଶା ଦେଖାଇ, କର୍ମ ନାମକ ଖାଳେଇରେ, ମାଛ ନାମକ ଜୀବକୁ ଧରିରଖିଛି ମାୟା ନାମକ ଧୀବର ।

୫୨. କର୍ମ ନାମକ ଭୂଲ୍ ପାଇଁ ପ୍ରକୃତି ନାମକ ବନ୍ଦୀଶାଳାରେ ଜୀବ ଦଣ୍ଡକୁ ଅନୁଭବ କରିଥାଏ । କର୍ମରହିତ ହେବାବେଳେ ଜୀବକୁ ମୋକ୍ଷ ନାମକ ମୁକ୍ତି ମିଳିଥାଏ ।

୫୩. ଅଖକୁ ଆଧାର କରି ଚକ ଘୂରୁଥିବା ଭଳି, ଆତ୍ମାକୁ ଆଧାର କରି କର୍ମଚକ୍ର ଏବଂ ଗୁଣଚକ୍ର ଘୂରୁଛି ।

୫୪. ଯଦି ଈଶ୍ୱର ଅଛନ୍ତି ତେବେ ମୋତେ ଦେଖାଇଦେ' ବୋଲି ଯୁକ୍ତି କରନାହିଁ, ତୁ ତୋ'ର କର୍ମକୁ ଛାଡିପାରିଲେ ସେ ତୋତେ କ୍ଷଣକ ଭିତରେ ଦେଖାଦେବେ, ସେତେବେଳେ ତୁ ମଧ୍ୟ ଈଶ୍ୱର ହୋଇଯାଇଥିବୁ ।

୫୫. ଗୁଣରାଜିକୁ ଆଦେଶ ଦେଇଥାନ୍ତି ଗୁରୁ, ଗୁଣରାଜିର ଆଦେଶରେ କାର୍ଯ୍ୟ କରିଥାଏ ଜୀବ ।

୫୬. ଗୁଣାତୀତ ପରମାତ୍ମାଙ୍କୁ ଜାଣିବାକୁ ହେଲେ ତୁ ମଧ୍ୟ ଗୁଣାତୀତ ହେବାକୁ ପଡିବ ।

୫୭. ଗୁଣରାଜିର କୂଅରେ ପଡିଥିବା ଜୀବ ! ତୁ ଆତ୍ମଜ୍ଞାନ ଜାଣ୍, ଆତ୍ମଜ୍ଞାନ ହିଁ ତୋତେ ବାହାରକୁ ଆଣିପାରିବ ।

୫୮. ଦୈବଶକ୍ତି ଦ୍ୱାରା ପ୍ରଭାବିତ ହେଉଥିବା ଶରୀରର ସାହାଯ୍ୟ ନେଇ ବଞ୍ଚୁଥିବା ହେ ଜୀବ ! ତୁ ପରମାତ୍ମା ନାହାନ୍ତି ବୋଲି ଭାବ୍ ନାହିଁ ।

୫୯. ସୌନ୍ଦର୍ଯ୍ୟଗୁଡିକ ପ୍ରକୃତିର, ହେଲେ ପରମାତ୍ମା ନଥିଲେ ତାହା ପ୍ରକାଶିତ ହୋଇନଥାଏ ।

୬୦. ଜ୍ଞାନଦୃଷ୍ଟିରେ ପ୍ରକୃତିକୁ ପରିଶୀଳନ କଲେ, ପ୍ରକୃତି ଭିତରେ ଥିବା ପରମାତ୍ମା ତତ୍ତ୍ୱକୁ ଗ୍ରହଣ କରି ପାରିବୁ ।

୬୧. ଜନ୍ମରହିତ ହେବା ଅଦ୍ୱୈତସିଦ୍ଧି, ଆଲୋଚନାରେ ରହିବା ମାୟାସିଦ୍ଧି ହୋଇଥାଏ ।

୬୨. ଆସନ ନାମକ ସାଧନ ଦ୍ୱାରା ଅଙ୍ଗାରୋଗ୍ୟ ମିଳିଥାଏ ସିନା, ଆତ୍ମାରେ ଐକ୍ୟତା ମିଳିନଥାଏ । ସେହି ସାଧନଗୁଡ଼ିକ ଆସନ ହୋଇପାରେ ସିନା, ଯୋଗାସନ ହୋଇନଥାଏ ।

୬୩. ବିକଳାଙ୍ଗମାନଙ୍କୁ ଦେଖି ବିଚାର କରୁଛୁ ! ଗତ ଜନ୍ମର ପାପ କାରଣରୁ ହିଁ ଆଜି ସେମାନେ ଏଭଳି ଦଣ୍ଡ ଭୋଗୁଛନ୍ତି ।

୬୪. ବୁଢ଼ାହେଲେ ପରମାତ୍ମାଙ୍କୁ ଜାଣିବୁ ବୋଲି ଭାବୁଛୁ ! ହେଲେ ଚିନ୍ତା କରି କରି ବୁଢ଼ା ହୋଇଯାଇଥିବା ମନରେ ଆତ୍ମାବଗାହନ ହେବ ନାହିଁ ବୋଲି ଜାଣ୍ ।

୬୫. ମୋକ୍ଷ ନାମକ ଗୃହରେ ପ୍ରବେଶ କରିବାକୁ ହେଲେ ତିନିଗୋଟି ପାହାଚ ଚଢ଼ିବାକୁ ହେବ,ସେହି ତିନିପାହାଚ ହେଉଛି ଭକ୍ତିଯୋଗ, ଜ୍ଞାନଯୋଗ ଆଉ କର୍ମଯୋଗ, ଅର୍ଥାତ୍ ପ୍ରାରବ୍ଧ,ଆଗାମୀ, ସଞ୍ଚିତ ନାମକ କର୍ମକୁ ତୋତେ ଅତିକ୍ରମ କରିବାକୁ ହେବ ।

୬୬. ଭକ୍ତି ଦ୍ୱାରା ଜ୍ଞାନ, ଜ୍ଞାନ ଦ୍ୱାରା ଯୋଗ, ଯୋଗ ଦ୍ୱାରା ତତ୍ତ୍ୱ, ତତ୍ତ୍ୱଦ୍ୱାରା ମୁକ୍ତି ସିଦ୍ଧିଲାଭ କରିଥାଏ ।

୬୭. ଦୈବଜ୍ଞାନ କହିଲେ ଆଉକିଛି ନୁହେଁ ! କେବଳ ଆତ୍ମାବିଷୟ ବା ଆତ୍ମାଧର୍ମକୁ ଜାଣିବା ହିଁ ଦୈବଜ୍ଞାନ ।

୬୮. ବାହାରେ କରାଯାଉଥିବା ଯଜ୍ଞରେ କାଠ ବା ସମୀଧ ଜଳିଯିବା ଭଳି ଭିତରେ କରାଯାଉଥିବା ଯଜ୍ଞରେ କର୍ମ ଜଳି ଯାଇଥାଏ ।

୬୯. କର୍ମ ନଥିଲେ ଆଖିର ପଲକ ମଧ୍ୟ ପଡ଼ିବ ନାହିଁ । ଅହଂକାର ନଥିଲେ କୌଣସି କର୍ମ ମଧ୍ୟ ଆସିବ ନାହିଁ ।

୭୦. ଜୀବର କର୍ମକୁ ଅର୍ଥାତ୍ ପାପପୁଣ୍ୟକୁ କାର୍ଯ୍ୟରୂପରେ ପରିଣତ କରାଇବାପାଇଁ ପ୍ରକୃତିଶକ୍ତି ଶରୀର ଭିତରେ ରହିଛି, ଶରୀର ବାହାରେ ମଧ୍ୟ ରହିଛି ।

୭୧. ଜୀବ ଅହଂ ସହିତ ତାଦାତ୍ମ୍ୟ ହୋଇ କରୁଥିବା ନାନା କାର୍ଯ୍ୟରୁ ଦୁଇଟି ଫଳ ମିଳିଥାଏ, ତାହା ସ୍ଥୁଳଫଳ ଆଉ ସୂକ୍ଷ୍ମଫଳ ।

୭୨. ଜୀବ ଗତଜନ୍ମର ସୂକ୍ଷ୍ମକର୍ମକୁ ଏ ଜନ୍ମରେ ସ୍ଥୁଳତଃ ଅନୁଭବ କରିଥାଏ, ଏ ଜନ୍ମର ସୂକ୍ଷ୍ମଫଳକୁ ଆଗତ ଜନ୍ମରେ ଅନୁଭବ କରିଥାଏ ।

୭୩. ଜୀବ ଅର୍ଜନ କରିଥାଏ ପାପପୁଣ୍ୟ ଆଉ ଅନୁଭବ କରିଥାଏ ଦୁଃଖସୁଖ ।

୭୪. ଭଲ ହେଉ ବା ମନ୍ଦ ତା'ର ଫଳଆଶାକୁ ଛାଡି କାର୍ଯ୍ୟକଲେ ଜୀବ କର୍ମ ବନ୍ଧନରେ ପଡିନଥାଏ ।

୭୫. ମନ ନାମକ ପଶୁକୁ ନେଇ ଆତ୍ମା ନିକଟରେ ତୋର ଜ୍ଞାନ ନାମକ ଖଡ୍ଗ ଦ୍ୱାରା ବଳି ପକାଇ ଦେ, ସେତେବେଳେ ଆତ୍ମା ଅବ୍ୟୟାନନ୍ଦ ନାମକ ବରଦେବ ।

୭୬. ଆନନ୍ଦ ନାମକ ଆଶା ଦେଖାଇ ନାନା କଷ୍ଟ ଦେଇଥାଏ ମାୟା ।

ଜୀବକୁ ମାୟାମୋହିତ କରି ପଞ୍ଚଭୂତ ନାମକ ଉପକରଣ ସାହାଯ୍ୟରେ ପରମାତ୍ମା ଦେଖାଉଥିବା ଇନ୍ଦ୍ରଜାଲ ପ୍ରଦର୍ଶନ ହିଁ ଏଇ ଜଗତ ।

୭୭. କୁତନ୍ତ୍ର କରି ବୁଦ୍ଧି, ମତାଇ ମତାଇ ମନ, ନିର୍ଣ୍ଣୟ ନେବାରେ ଚିତ୍ତ, ଜୀବର କୀର୍ତ୍ତିଗାନ କରିବାରେ ଅହଂ ଅବିରାମ ଗତିରେ ଜୀବପାଇଁ କାର୍ଯ୍ୟ କରିଚାଲିଛନ୍ତି ।

୭୮. ଉପବାସ, ବ୍ରତ ଇତ୍ୟାଦି କରିବା ଦ୍ୱାରା ତୋ'ର ଶରୀର ଅସୁସ୍ଥ ହେବସିନା, ତୋତେ ସେଗୁଡିକ କର୍ମରୁ ମୁକୁଳାଇ ପାରିବେ ନାହିଁ । ଯୋଗ ଦ୍ୱାରା ତୁ ଭାବି ପାରୁନଥିବା ସ୍ଥିତିକୁ ମଧ୍ୟ ପାଇପାରିବୁ ।

୭୯. ଯେଉଁମାନେ ମାୟାକୁ ଜିତିଛନ୍ତି ସେମାନେ ମହନୀୟ ହେବେ ସିନା, ଯେଉଁମାନେ ମାୟାମୋହିତ କଥା କହୁଛନ୍ତି ସେମାନେ ମହନୀୟ ହୋଇପାରିବେ ନାହିଁ ।

୮୦. ତପସ୍ୟା ଆଉ ତପର କାଳଭେଦ ରହିଛି । ତପସ୍ୟା ବଡଅଶା, ତପ ଛୋଟଆଶା ।

୮୧. ତପ ଆଉ ତପସ୍ୟାକୁ ଛାଡିବା ପରେ ତତ୍ତ୍ୱ ଗୋଚର ହୋଇଥାଏ ।

୮୨. ମନକୁ ଏକ ବିଷୟ ଉପରେ ସ୍ଥିରକରିବା ପାଇଁ ଅଭ୍ୟାସ କଲେ, ତାପରେ ତାକୁ ସେହି ବିଷୟ ଉପରୁ ଫେରାଇଆଣିବା ବଡ କଷ୍ଟ ହୋଇଥାଏ ।

୮୩. ମନ ନାମକ ଗଛର ଆଧାର ହେଉଛି ବିଷୟ ନାମକ ଚେର । ଚେର ଛିଣ୍ଡିଗଲେ ଗଛ ମରିଯିବା ଭଳି, ବିଷୟଗୁଡିକୁ ଦୂର କରିଦେଲେ ମନ କାର୍ଯ୍ୟ କରିନଥାଏ ।

୮୪. ତୋ'ର ଗୋଟିଏ ଆଶା ପୁରଣ ହେଉ ହେଉ ଆଉ ଦଶଗୋଟି ଆଶା ଆସି ପହଞ୍ଚୁଥିବା ବେଳେ, ତୋ'ର ଆଶାକୁ ତୁ କେତେବେଳେ ବା ଦମନ କରିବୁ !

୮୫. ଅଜ୍ଞାନ ଜୀବର ଆୟୁଷ ଶେଷ ହୋଇଯାଉଥିବା ବେଳେ ତା'ର ଆଶା ବଢିଚାଲିଥାଏ ।

୮୬. ବାହ୍ୟ ସଂସାର ବାବଦରେ ବର୍ଣ୍ଣନା କରୁଥିବା ଲୋକ ଅପେକ୍ଷା ଭିତର ତତ୍ତ୍ୱକୁ ବର୍ଣ୍ଣନା କରୁଥିବା ଲୋକ ହିଁ ପ୍ରକୃତ ସନ୍ନ୍ୟାସୀ ।

୮୭. ଯେତେବେଳେ ତୋ'ଠାରେ ଜ୍ଞାନ ଜାଣିବା ପାଇଁ ସଂକଳ୍ପ ଜାତ ହେଉଛି ସେତେବେଳେ ତୁ ଆଉ ଡେରି ନକରି ଜ୍ଞାନ ଜାଣ୍ । କାହିଁକିନା ! ମନ ଅତିଚଞ୍ଚଳ ଆଉ ତୋ'ର ଜୀବନ ଅସ୍ଥିର ।

୮୮. ସଂକଳ୍ପ ରହିତ ସ୍ମୃତି ହିଁ ପରମାତ୍ମା ଆଉ ତୋ'ମଝିରେ ଥିବା ଆତ୍ମାକୁ ଗ୍ରହଣ କରିପାରିଥାଏ ।

୮୯. ଖାଲି ତୁ ତୋତେ ଜାଣିଗଲେ କ'ଣ ହେବ ? ତୋ'ବାହାରେ ମଧ୍ୟ ଥିବା ପରମାତ୍ମାଙ୍କୁ କ'ଣ ତୁ ଜାଣି ପାରିବୁ ! ତୋ'ର ସବୁକର୍ମ ବିନାଶ ହେବା ପରେ ତୁ ଯେତେବେଳେ ଶରୀର ଛାଡିବୁ ସେତେବେଳେ ପରବ୍ରହ୍ମଙ୍କୁ ଜାଣିପାରିବୁ ।

୯୦. ବିଷୟ ନାମକ ବିଷବୃକ୍ଷ ଥିବା ଅରଣ୍ୟରେ ଭ୍ରମଣ କରି ପଥହରା ହେଉଥିବା ହେ ଜୀବ ! ତୁ ଆଧ୍ୟାତ୍ମିକ ଆୟୁଧକୁ ଧର୍ ଆଉ ସେଗୁଡିକୁ କାଟିବା ଆରମ୍ଭ କର୍ ! ଦିନେ ଅଖଣ୍ଡ ପରବ୍ରହ୍ମ ନାମକ ବର୍ହିପ୍ରଦେଶରେ ପହଞ୍ଚି ପାରିବୁ ।

୯୧. ନୀଚ ବାଞ୍ଛାକୁ ତୋ'ହୃଦୟରେ ରଖ୍ ନାହିଁ, ତାହା ତୋତେ ଆତ୍ମଜ୍ଞାନଠାରୁ ବହୁତ ଦୂରକୁ ନେଇଯିବ ।

୯୨. ସୁଖଦାୟି କର୍ମ ମୋ'ପ୍ରମେୟ, ଦୁଃଖଦାୟି କର୍ମ ଦୈବପ୍ରମେୟ ଭାବିବା ଅଜ୍ଞାନ ହୋଇଥାଏ ।

୯୩. ତୋ' ଦେହର ସର୍ବାଙ୍ଗକୁ ମୋର କହୁଛୁ ସିନା, ମୋର କହୁଥିବା ତୁ କିଏ ତାହା ତୁ ଜାଣିପାରୁ ନାହୁଁ ।

୯୪. ସୁଖବେଳେ ଈଶ୍ୱର ମନେପଡନ୍ତି ନାହିଁ, ଦୁଃଖପଡିବା ବେଳେ ହିଁ ମନେପଡନ୍ତି ।

୯୫. ସାରା ଜଗତରେ ବ୍ୟାପୀରହିଥିବା ଜଗନ୍ନାଥ ଭଗରୁ ଜନ୍ମହୋଇ ଭଗବାନ ବୋଲାଇଥା'ନ୍ତି, ତାହାଙ୍କୁ ହିଁ ଅବଧୂତ କହିପାରିବା ।

୯୬. ଭକ୍ତହୃଦୟର ଆତ୍ମାଚିହ୍ନ ହିଁ ପଥର ତିଆରି ମନ୍ଦିରର ପ୍ରତିମାରୂପ ।

୯୭. ଅଷ୍ଟସିଦ୍ଧିରେ ଅଭିଳାଷ ରଖିଥିବା ଲୋକମାନେ ଅଚଳସିଦ୍ଧିରେ ପହଞ୍ଚିପାରନ୍ତି ନାହିଁ ।

୯୮. ମତିଭ୍ରଷ୍ଟଙ୍କୁ ଦେଖି ଯେଉଁମାନେ ତା'ଙ୍କୁ ଅବଧୂତ କହିଥା'ନ୍ତି ବାସ୍ତବରେ ସେଇମାନେ ହିଁ ମତିଭ୍ରଷ୍ଟ ।

୯୯. ନଦୀର ପ୍ରବାହ ପାର୍ ହେବାକୁ ଯେପରି ଭଲ ଡଙ୍ଗା ଆବଶ୍ୟକ, ସଂସାରନଦୀ ପାର୍‌ହେବାକୁ ସେପରି ଶୁଦ୍ଧଜ୍ଞାନନୌକା ଆବଶ୍ୟକ।

୧୦୦. ଜ୍ଞାନ କଳାରେ ତିଆରି ହୋଇଥିବା ନୌକାରେ ଜୀବକୁ ବସାଇ, ସଂସାରସାଗରକୁ ପାରକରାଇ ମୋକ୍ଷ ନାମକ ତୀରରେ ପହଞ୍ଚାଇ ପାରୁଥିବା ନାଉରିଆ ହିଁ ସଦ୍‌ଗୁରୁ ।

୧୦୧. ବିଷୟଚିନ୍ତା ନାମକ ବିଷଜଡରୁ ଜୀବକୁ ମୁକ୍ତିଦେବା ଶକ୍ତି ଗୋଟିଏ ଔଷଧର ରହିଛି । ସେହି ଔଷଧ ହେଉଛି ସଦ୍ଗୁରୁ ପ୍ରବୋଧାମୃତ ।

୧୦୨. ଆଶାଗ୍ରସ୍ତ ହୋଇ ଆତ୍ମାଶାନ୍ତି ନପାଇ ବିଚଳିତ ହେଉଥିବା ଜୀବ ! ସେଥିରୁ ମୁକୁଳିବା ପାଇଁ ତୁ ଗୁରୁ ପ୍ରବୋଧନ ମନ୍ତ୍ରର ଶରଣ ନେବା ଛଡା ତୋ'ର ଅନ୍ୟ କୌଣସି ଉପାୟ ନାହିଁ ।

୧୦୩. ଶଂଶୟ ରହିତ ହୋଇଯିବା ହିଁ ସଂପୂର୍ଣ୍ଣ ଜ୍ଞାନ ହୋଇଥାଏ ।

୧୦୪. ଗୋଟିଏ ଦିଗରେ ପ୍ରକୃତି ଆଉଗୋଟିଏ ଦିଗରେ ଥିବା ଆତ୍ମା ସହିତ ଅସମ୍ପର୍କିତ ଜୀବ ଦିନେ ପରମାତ୍ମା ହୋଇଯାଇ ପାରେ ।

୧୦୫. ଶରୀର ନାମକ ଦୀପରେ, କର୍ମ ନାମକ ତୈଳ ଢାଳି, ସେଥିରେ ସଳିତା ନାମକ ଆତ୍ମସ୍ମୃତିରେ ଜ୍ଞାନ ନାମକ ଜ୍ୟୋତି ଉତ୍ପନ୍ନ - କରି, ସେହି ଜ୍ୟୋତିରେ ଆତ୍ମାକୁ ଦେଖିବା ହିଁ ପ୍ରକୃତ ଦୀପ ଆରାଧନା ହୋଇଥାଏ ।

୧୦୬. ଜୀବ ତା'ର କର୍ମକୁ ଅନୁଭବ କରିବା ପାଇଁ କାଳ ହିଁ ଆଧାର ଭାବରେ ରହିଛି ।

୧୦୭. ପ୍ରତ୍ୟେକ ସମସ୍ୟାର ସମାଧାନ କରିଥାଏ କାଳ, ସେହି କାଳ ଆସିବା ପର୍ଯ୍ୟନ୍ତ ଜୀବକୁ ଅପେକ୍ଷା କରିବାକୁ ହେବ ।

୧୦୮. ସ୍ତ୍ରୀ ର ଯୌବନ ସୌନ୍ଦର୍ଯ୍ୟରେ ଚିତ୍ତଚାଞ୍ଚଲ୍ୟର ବଶୀଭୂତ ହେଉଥିବା ଜୀବ ସେହି ସ୍ତ୍ରୀ ଶରୀରର ଚୈତନ୍ୟଶକ୍ତି ହିଁ ସେହି ଶରୀର ସୌନ୍ଦର୍ଯ୍ୟ ବୋଲି ବୁଝି ପାରିନଥାଏ ।

୧୦୯. ଅନିତ୍ୟ ଶରୀରକୁ ଭଲପାଇ ଆନନ୍ଦିତ ହେଉଥିବା ଜୀବମାନେ ତାହା ବିନାଶ ହୋଇଗଲେ କାନ୍ଦିଥା'ନ୍ତି ସିନା, ସେହି ଶରୀରର ଆଧାର ହୋଇଥିବା ଆତ୍ମାକୁ ଯଦି ଚିହ୍ନି ପାରନ୍ତେ ତେବେ ସେମାନଙ୍କର ଦୁଃଖ ହିଁ ନଥା'ନ୍ତା ।

୧୧୦. ସୂର୍ଯ୍ୟକୁ ମେଘ ଘୋଡାଇ ରଖିବା ଭଳି ଜ୍ଞାନକୁ କାମ ବା ଆଶା ଘୋଡାଇ ରଖିଛି । ବାୟୁତରଙ୍ଗର ପ୍ରଭାବରେ ମେଘ ଉଡିଯିବା ବେଳେ ସୂର୍ଯ୍ୟ ପ୍ରକାଶିତ ହେବା ଭଳି, ପ୍ରବୋଧ ତରଙ୍ଗର ପ୍ରଭାବରେ କାମ ଅର୍ଥାତ୍ ଆଶାର ଅନ୍ତ ହୋଇ ଜ୍ଞାନ ପ୍ରକାଶିତ ହୋଇଥାଏ ।

୧୧୧. ତୋ'ଠାରେ ଥିବା ଜ୍ଞାନକୁ ପରୀକ୍ଷା କରିବା ପାଇଁ ଗୁରୁ ତୋ'ର ପରୀକ୍ଷା ନେଇଥା'ନ୍ତି ।

୧୧୨. କାଳ ସରିଗଲେ ଶରୀରର, କର୍ମ ସରିଗଲେ ଜୀବର କାର୍ଯ୍ୟ ସମାପ୍ତ ହୋଇଥାଏ ।

୧୧୩. ଯେଉଁମାନେ ପାଦରକ୍ଷକ ଧାରଣ କରିଥା'ନ୍ତି ସେମାନେ କଣ୍ଟକାବୃତ୍ତ ମାର୍ଗରେ ଯେପରି ନିର୍ଭୟରେ ଚାଲିପାରନ୍ତି, ସେହିପରି ଯେଉଁମାନେ ଜ୍ଞାନରକ୍ଷକ ଧାରଣ କରିଥା'ନ୍ତି ସେମାନେ କଣ୍ଟକ ସମ ସଂସାରମାର୍ଗକୁ ନିର୍ଭୟରେ ଅତିକ୍ରମ କରିପାରନ୍ତି ।

୧୧୪. ଯେଉଁମାନେ ଜ୍ଞାନକବଚ ଧାରଣ କରିଥା'ନ୍ତି ସେମାନଙ୍କଠାରେ

ଅରିଷଟ୍‌ବର୍ଗ ନାମକ ମନ୍ଦଗୁଣଗୁଡିକ ପ୍ରେରଣ କରୁଥିବା ବିଷବାଣ ଆସି ବାଜୁଥିଲେ ମଧ୍ୟ ତାହା ସେମାନଙ୍କର କୌଣସି କ୍ଷତି କରିପାରିନଥାଏ ।

୧୧୫. ବିଷୟ ଚିନ୍ତା ଛାଡି ପରମାର୍ଥ ଚିନ୍ତା କରିବାଦିନ ହିଁ ମାନବ ସ୍ୱଚ୍ଛ ଜୀବନ ନିର୍ବାହ କରିପାରିବ ।

୧୧୬. ତୁ ଯଦି ପ୍ରଥମେ ତୋତେ ଜାଣିପାରିବୁ ତେବେ, ତୋ'ଠାରେ ଥିବା ଅହଂକାରକୁ ତୁ ସହଜରେ ଜାଣିପାରିବୁ ।

୧୧୭. ତୁ ଯେତେ ଉନ୍ନତ ଆଲୋଚନା କର୍ କି ଯେତେ ଖରାପ ଆଲୋଚନା କର୍ କିଛି ଲାଭନାହିଁ ! ତୋ'ର ଯାହା ହେବାକୁ ଥିବ ତାହା ହିଁ ହେବ ।

୧୧୮. ଭୋଗଗୁଡିକ ଅନୁଭବକରିବା ପରେ ଯୋଗସିଦ୍ଧି ହାସଲ କରିବି ବୋଲି ବିଚାରରେ ଆଣ୍ ନାହିଁ, କାରଣ ! ସେତେବେଳେ ରୋଗସିଦ୍ଧି ହୋଇପାରେ ।

୧୧୯. ପ୍ରତ୍ୟେକ ଜୀବର ଭକ୍ତି ଅଛି, ହେଲେ ସେ ଭକ୍ତି ପ୍ରକୃତିଭକ୍ତି ନହୋଇ ପରମାତ୍ମାଭକ୍ତି ହେବା ଉଚିତ୍ ।

୧୨୦. ମନ୍ଦିରଗୁଡିକ କାମ୍ୟାର୍ଥ ସିଦ୍ଧି ପାଇଁ ନୁହେଁ, ଆତ୍ମାର୍ଥକୁ ଜାଣିବା ପାଇଁ ନିର୍ମାଣ କରାଯାଇଛି ।

୧୨୧. ଜ୍ଞାନହୀନ ମଣିଷର ଜୀବନରେ, ସୁଗନ୍ଧହୀନ ଫୁଲର ସୌନ୍ଦର୍ଯ୍ୟରେ କ'ଣ ବା ଲାଭ ଅଛି ?

୧୨୨. ମୁଣ୍ଡର ଚିନ୍ତାକୁ ନେଇ ଦୈବଙ୍କୁ ସମର୍ପଣ କଲେ ତରିଯିବୁ ସିନା, ମୁଣ୍ଡ ଲଣ୍ଡା ହୋଇ କେଶ ଅର୍ପଣ କଲେ କିଛି ଲାଭ ନାହିଁ ।

୧୨୩. କର୍ପୁର ଅଗ୍ନିରେ ଜଳି ନିଃଶେଷ ହେବା ପରେ ଯେପରି କର୍ପୁର ଆଉ ଅଗ୍ନିର ଅସ୍ତିତ୍ୱ ଶୂନ୍ୟରେ ମିଶିଯାଇଥାଏ,ସେହିଭଳି ଜ୍ଞାନାଗ୍ନି ଦ୍ୱାରା ଜଳାଇ ଦିଆଯାଉଥିବା କର୍ମ ନିଃଶେଷହେବା ପରେ ଜଳୁଥିବା କର୍ମ, ଜଳାଉଥିବା ଜ୍ଞାନ ଦୁଇଟିଯାକ ପରମାତ୍ମାରେ ଲୟ ହୋଇଯାଇଥା'ନ୍ତି ।

୧୨୪. ଆତ୍ମାସ୍ଥିତିକୁ ନଜାଣିବା ପର୍ଯ୍ୟନ୍ତ ତୁ ଅନୁକ୍ଷଣ ବ୍ୟାକୁଳହେବା ଉଚିତ୍, ଆତ୍ମାସ୍ଥିତି ହିଁ ତୋ' ଜୀବନର ବାସ୍ତବ ଲକ୍ଷ୍ୟ ।

୧୨୫. ନାନା ରୂପରେ ଥିବା ପ୍ରକୃତିର ପାଞ୍ଚଭାଗରେ ମିଶି ରହିଥିବା ପରମାତ୍ମାଙ୍କୁ ପାଇବାପାଇଁ ବ୍ୟାକୁଳହେଲେ ତୋ'ଠାରେ ଥିବା ଅଜ୍ଞାନତା ତୋ'ଠାରୁ ବହୁ ଦୂରକୁ ଚାଲିଯିବ ।

୧୨୬. ତୋ'ର ଶରୀର ହେଉଛି ସ୍ତ୍ରୀ, ସେଥିରେ ଥିବା ତୁ ହେଉଛୁ ପୁରୁଷ, ଉଭୟଙ୍କର ମିଳନରେ ଶରୀର ଚୈତନ୍ୟବନ୍ତ ହୋଇଥାଏ ।

୧୨୭. ଅନୁଭବହୀନ ଆତ୍ମବାଣୀ ଆକର୍ଷଣହୀନ ସୌନ୍ଦର୍ଯ୍ୟ ଭଳି ।

୧୨୮. ନରକ ଆଉ ସ୍ୱର୍ଗଲୋକଗୁଡିକ ଏଇ ନରଲୋକରେ ଅର୍ଥାତ୍ ଏଇ ଭୂପୃଷ୍ଠରେ ଅଛି । ଯେଉଁଠାରେ ଜୀବ ଦୁଃଖକଷ୍ଟ ଅନୁଭବ କରିଥାଏ ସେହି ପ୍ରଦେଶ ତା'ପାଇଁ ନରକଲୋକ, ଯେଉଁଠାରେ ଜୀବ ସୁଖସନ୍ତୋଷକୁ ଅନୁଭବ କରିଥାଏ ସେହି ପ୍ରଦେଶ ତା' ପାଇଁ ସ୍ୱର୍ଗଧାମ ।

୧୨୯. ଯିଏ କର୍ମକୁ ଛାଡି ଦେଇଛି ସେ ପ୍ରକୃତ ସ୍ୱାଧିନତା ପାଇଯାଇଛି ବୋଲି କହିପାରିବା ।

୧୩୦. ଆତ୍ମଜ୍ଞାନପାଇଁ ବ୍ୟବହୃତ ହେଉନଥିବା ଐଶ୍ୱର୍ଯ୍ୟ, ଅଙ୍ଗବଳ,

ଆୟୁଷ ଗାଆଁରେ ପଡିଥିବା ଚନ୍ଦ୍ରକୀରଣ ବ୍ୟର୍ଥ ହୋଇଯିବା ଭଳି ବ୍ୟର୍ଥ ହୋଇଯାଇଥାଏ ।

୧୩୧. ପ୍ରଥମେ ଅମୃତଭଳି ଲାଗି ପରେ ବିଷଭଳି ଲାଗିଥାଏ ପାର୍ଥୀବ-ବିଷୟ । ପ୍ରଥମେ ବିଷଭଳି ଲାଗି ପରେ ଅମୃତଭଳି ଲାଗିଥାଏ ଜ୍ଞାନବିଷୟ ।

୧୩୨. ସୂର୍ଯ୍ୟୋଦୟ ମଧ୍ୟ ଦୂର କରିପାରୁନଥିବା ଅନ୍ଧାରଟିଏ ରହିଛି, ତାହା ହେଉଛି ଅଜ୍ଞାନ, ସେହି ଅଜ୍ଞାନ ଜ୍ଞାନୋଦୟ ଦ୍ୱାରା ଦୂର ହୋଇଥାଏ ।

୧୩୩. ଜ୍ଞାନ ନଜାଣି ସାଧନା କରିବା, ବାଟ ନଜାଣି ଚାଲିବା ଭଳି ହୋଇଥାଏ ।

୧୩୪. ସ୍ତ୍ରୀମୋହ ନାମକ ଶିଙ୍କୁଳିପକାଇ, ସେଥିରେ ପୁତ୍ରମୋହ ନାମକ  ତାଲାପକାଇ ପ୍ରକୃତି ନାମକ ବନ୍ଦୀଶାଳାରେ କର୍ମ ନାମକ ଦଣ୍ଡ ଅନୁଭବ କରାଇଥାଏ ମାୟା ।

୧୩୫. ମନ କେଉଁଠାରେ ଅଛି ଜାଣିଛୁ ? ସେ ତୋ'ଭଳି ଶରୀରର ଗୋଟିଏ ସ୍ଥାନରେ ନାହିଁ । ଜାଗ୍ରତ ଅବସ୍ଥାରେ ସେ ତୋ'ର ସାରା ଶରୀରରେ ବିଛାଇହୋଇ ରହିଥାଏ ।

୧୩୬. କର୍ମକୁ ଆଧାର କରେ ଆତ୍ମା, କାର୍ଯ୍ୟ କରିଥାଏ ଶରୀର ଆଉ ଅନୁଭବ କରିଥାଏ ଜୀବାତ୍ମା ।

୧୩୭. ସମସ୍ତେ ସୁଖପାଇବା ଆଶାରେ କଷ୍ଟସାଧ୍ୟ ପୂଜା କରିଥା'ନ୍ତି ।

୧୩୮. ମାୟାଦର୍ପଣରେ ପ୍ରତିବିମ୍ବିତ ହେଉଥିବା ଜନ୍ମମରଣର ସ୍ୱରୂପ ହେଉଛି ଏଇ ଜଗତ ।

୧୩୯. ବଳଶାଳୀ ପ୍ରକୃତିଶକ୍ତିକୁ ନିଜର ଅଧିନ କରିବାକୁ ଚେଷ୍ଟା-

କରୁଥିବା ମାନବ ଶେଷରେ ଦିନେ ପ୍ରକୃତିଶକ୍ତି ଦ୍ୱାରା ବିନାଶ ହୋଇଥାଏ ।

୧୪୦. ଯେଉଁ ଆଧାରରେ ସବୁ ମୋର ବୋଲି କହୁଛୁ ସେହି ସ୍ମୃତିକୁ ଆଉଗୋଟିଏ କ୍ଷଣରେ ଅନ୍ତ କରିପାରୁଥିବା ଏକ ଅଜ୍ଞାତ ଶକ୍ତି ରହିଛି, ତାହା ହେଉଛି ତୋର ମୃତ୍ୟୁ ।

**୧୪୧. ମୁଁ ଇଚ୍ଛାକଲେ ତୁ ତୁହୋଇ ରହିବୁ, ମୁଁ ଇଚ୍ଛାକଲେ ତୁ ସର୍ବବ୍ୟାପୀ ହୋଇପାରିବୁ ବୋଲି କହିଥା'ନ୍ତି ପରମାତ୍ମା ।**

୧୪୨. ଅଜ୍ଞାନୀମାନେ ସଂସାରପାଇଁ କର୍ମ କରନ୍ତି, ଜ୍ଞାନୀମାନେ କର୍ମପାଇଁ ସଂସାର କରନ୍ତି ।

୧୪୩. ପ୍ରତ୍ୟେକ ଜନ୍ମରେ ଶରୀର ଭିନ୍ନ, ପ୍ରତ୍ୟେକ ଶରୀରରେ କର୍ମ ଭିନ୍ନ, ପ୍ରତ୍ୟେକ କର୍ମରେ ମନ ଭିନ୍ନ ଆଉ ପ୍ରତ୍ୟେକ ମନରେ ବୁଦ୍ଧି ମଧ୍ୟ ଭିନ୍ନ ।

୧୪୪. ଜ୍ଞାନ, ଅଜ୍ଞାନ ଉଭୟ ତୋ'ରିଠାରେ ଅଛି, ହେଲେ ଅଜ୍ଞାନମୁଣିରେ ଜ୍ଞାନ ବାନ୍ଧିହୋଇ ରହିଛି ।

୧୪୫. ଈଶ୍ୱରଙ୍କ ସେବାପାଇଁ ଆମେ ରହିବା ଉଚିତ୍ ସିନା, ଆମ ସେବାପାଇଁ ଈଶ୍ୱର ରହିବା ଅନୁଚିତ୍ ।

୧୪୬. ଫଳ ଆଶା କରି କରାଯାଉଥିବା କାର୍ଯ୍ୟ ବନ୍ଧନ ବଢାଏ, ଫଳ ଆଶା ନକରି କରାଯାଉଥିବା କାର୍ଯ୍ୟ ମୁକ୍ତି ଦେଇଥାଏ ।

୧୪୭. ମାତୃଗର୍ଭରୁ ଶରୀର, ବ୍ରହ୍ମଗର୍ଭରୁ ପ୍ରକୃତି ତିଆରି ହୋଇଛି ।

୧୪୮. ପ୍ରକୃତି ସମ୍ବନ୍ଧୀୟ ପ୍ରତ୍ୟେକ ଶରୀରରେ ପରମାତ୍ମା ସମ୍ବନ୍ଧୀୟ ଦୁଇଜଣ ପୁରୁଷ ରହିଛନ୍ତି । ସେମାନେ ହେଉଛନ୍ତି କ୍ଷର ଆଉ ଅକ୍ଷର ।

୧୪୯. ସ୍ତ୍ରୀ ପୁରୁଷର ସଂଯୋଗ ଫଳ ହିଁ ଦେହର କାରଣ । ପାପ ପୁଣ୍ୟର ସଂଯୋଗ ଫଳ ହିଁ ଜୀବ ଜନ୍ମର କାରଣ ।

୧୫୦. ତୁ ତୋ'ର କର୍ମକୁ ଅନୁଭବ କରିବାପାଇଁ ତୋର ଶରୀର ଜନ୍ମ ହୋଇଛି ସିନା, ତୋ' ଶରୀର କର୍ମ ଅନୁଭବ କରିବାପାଇଁ ତୁ ଜନ୍ମହୋଇ ନାହୁଁ ।

୧୫୧. କର୍ମ କହିଲେ କ'ଣ ତାହା ଜାଣିଯିବା ଦ୍ୱାରା କର୍ମବିମୁକ୍ତ ହୋଇପାରିବୁ । ମନ କହିଲେ କ'ଣ ଜାଣିବା ପରେ ମନକୁ ଜୟ କରିପାରିବୁ । ଆତ୍ମା କହିଲେ କ'ଣ ଜାଣିଯିବା ପରେ ଆତ୍ମାରେ ପହଞ୍ଚିପାରିବୁ ।

୧୫୨. ପ୍ରତ୍ୟେକ କାର୍ଯ୍ୟ ତୋ'ର ଇଚ୍ଛା ଅନୁସାରେ ହେଉଛି ବୋଲି ତୁ ଭାବୁଛୁ, ଏହା ସତ, ହେଲେ ତୋ'ର ଇଚ୍ଛା ତୋ'ର କର୍ମ ଅନୁସାରେ ଉଦ୍ଭବ ହୋଇଥାଏ ।

୧୫୩. ଆତ୍ମଜ୍ଞାନ ଜାଣି ନ ପାରିବା ହିଁ ଜୀବର ପ୍ରକୃତ ଦଣ୍ଡ ।

୧୫୪. ଆତ୍ମଜ୍ଞାନ ହିଁ କର୍ମନାମକ ସମୀଧକୁ ଜଳାଉଥିବା ଅଗ୍ନି,ଆତ୍ମଜ୍ଞାନ ହିଁ କର୍ମରୋଗକୁ ଭଲକରି ପାରୁଥିବା ଅମୋଘ ଔଷଧ,ଆତ୍ମଜ୍ଞାନ ହିଁ କର୍ମ ମାଳିନ୍ୟକୁ ଧୋଇଦେଉଥିବା ପରିଶୁଦ୍ଧ ଜଳ ।

୧୫୫. ମଧୁର ଲାଗୁଥିବା ବିଷଫଳ ଭଳି ରହିଥାଏ ବିଷୟସୁଖ, ତାହା ଅନୁଭବ କରୁଥିବାବେଳେ ମଧୁର ଲାଗିଥାଏ ସିନା ପରେ ଅତି ଦାରୁଣ ଫଳ ଦେଇଥାଏ ।

୧୫୬. ପୁଣ୍ୟ ମିଳିବା ପାଇଁ ଦାନ କଲେ, ସୁଖାନୁଭବ କରିବା ପାଇଁ ଜନ୍ମ ମିଳିଥାଏ ।

୧୫୭. ତୁ କରୁଥିବା ଦାନ, ଯଜ୍ଞ, ବେଦପାଠ ଆଉ ତପସ୍ୟା ନାମକ

ଚରିଗୋଟି ନିୟମ ଦ୍ୱାରା ପରମାତ୍ମାଙ୍କୁ ଜାଣି ହୁଏ ନାହିଁ ବୋଲି ଭଗବଦ୍ଗୀତାରେ ପରମାତ୍ମା ଏବଂ ଭଗବାନ କହିଛନ୍ତି ।

୧୫୮. ଯିଏ ଇନ୍ଦ୍ରିୟାତୀତ ଭାବରେ ଅର୍ଥାତ୍ ଇନ୍ଦ୍ରିୟଗୁଡିକର ଅଗୋଚର ଭାବରେ ରହିଛି, ତା'କୁ ତୁ ଇନ୍ଦ୍ରିୟାତୀତ ହେଲେ ଜାଣିପାରିବୁ ।

୧୫୯. ଜ୍ଞାନ ଜାଣିବା କ୍ରମରେ ଆମଠାରେ କେତେ ଅଜ୍ଞାନ ଥିଲା ତାହା ଜଣାପଡିଥାଏ ।

୧୬୦. ମଣିଷର ଘର ଭଳି ଜୀବର ଶରୀର ।

୧୬୧. କଷିଫଳ, କଞ୍ଚାଫଳ ହୋଇ ଦିନେ ପାଚିଲାଫଳ ହେବା ଭଳି, ତୋ'ଶରୀର ମଧ୍ୟ ବାଲ୍ୟ, ଯୌବନ, ବାର୍ଦ୍ଧକ୍ୟାଦି ଦଶାଭାବରେ ବଦଳିଥାଏ ।

୧୬୨. ଗଛର ପତ୍ର ରଙ୍ଗ ବଦଳାଇବା ଭଳି ତୋ'ଶରୀର ମଧ୍ୟ ବାର୍ଦ୍ଧକ୍ୟରେ ରଙ୍ଗ ବଦଳାଇଥାଏ ।

୧୬୩. ତୁ ଜାଗ୍ରତ,ସ୍ୱପ୍ନ ଏବଂ ନିଦ୍ରା ନାମକ ତିନି ଅବସ୍ଥାରେ ବନ୍ଦିହୋଇ ରହିଛୁ ।

୧୬୪. ତୁ ସ୍ଥୁଳ, ସୂକ୍ଷ୍ମ, କାରଣ ନାମକ ତିନି ବସ୍ତ୍ର ଦ୍ୱାରା ଢାଙ୍କିହୋଇ ରହିଛୁ ।

୧୬୫. ଯୋଗସାଧନ ବ୍ୟତୀତ ବ୍ରତ, କ୍ରତୁ,ତପସ୍ୟା,ବେଦପଠନ ଦ୍ୱାରା କିମ୍ବା ଅନ୍ୟ କୌଣସି ଆଚରଣ ଦ୍ୱାରା ଆତ୍ମା ଜଣାପଡିନଥାଏ ।

୧୬୬. ଖାଲି ଆତ୍ମାକୁ ଜାଣିଗଲେ ମୁକ୍ତି ମିଳିଯିବ ବୋଲି ଭାବ୍ ନାହିଁ, କର୍ମବିମୁକ୍ତି ହେଲେଯାଇ ମୁକ୍ତି ମିଳିବ ।

୧୬୭. କେବଳ ଅହଂକାର କର୍ମବନ୍ଧନ ଏବଂ କର୍ମବିମୁକ୍ତର କାରଣ ହୋଇଥାଏ ।

୧୬୮. କେବଳ ମନ ଗୁଣରହିତ ହେବାପାଇଁ କିମ୍ବା ଗୁଣରେ ବିଚରଣ କରିବାପାଇଁ କାରଣ ହୋଇଥାଏ ।

୧୬୯. ଭଗବାନ ସାକାର, ପରମାତ୍ମା ନିରାକାର ।

୧୭୦. ପ୍ରତ୍ୟେକ କାର୍ଯ୍ୟ ଗୁଣ ଦ୍ୱାରା, ପ୍ରତ୍ୟେକ ଗୁଣ କର୍ମ ଦ୍ୱାରା, ପ୍ରତ୍ୟେକ କର୍ମ କାର୍ଯ୍ୟ ଦ୍ୱାରା ଆସିଥାଏ, ସେଥିଲାଗି ଜୀବ ଜନ୍ମମରଣ ଚକ୍ରରେ ଘୂରିବୁଲିଥାଏ ।

୧୭୧. ଜ୍ଞାନେନ୍ଦ୍ରିୟଗୁଡ଼ିକର ବିଷୟସ୍ମୃତି ହିଁ ତୋ'ର ମନ ।

୧୭୨. ଶରୀର ଭିତରକୁ ଜୀବ କିପରି ଆସିଲା ଯିଏ ନଜାଣିଛି, ଶରୀର ଭିତରୁ ଜୀବ କିପରି ବାହାରକୁ ଗଲା ସେ କିପରି ଜାଣିବ ?

୧୭୩. କେତେବଡ ଯୋଗୀ ହେଲେ ମଧ୍ୟ ଶରୀରରେ ଥିବା ପର୍ଯ୍ୟନ୍ତ କେବେ ମଧ୍ୟ ପରମାତ୍ମାଙ୍କୁ ଜାଣି ପାରିବ ନାହିଁ ।

୧୭୪. ପ୍ରକୃତିକାର୍ଯ୍ୟକୁ ସ୍ୱଧର୍ମ ଭାବ୍ ନାହିଁ, ଆତ୍ମାକାର୍ଯ୍ୟ ହିଁ ସ୍ୱଧର୍ମ ।

୧୭୫. ପାପ ଦୁଇ ପ୍ରକାରର, ଗୋଟିଏ କ୍ଷମଣୀୟ ପାପ ଆଉ ଗୋଟିଏ ଅକ୍ଷମଣୀୟ ପାପ ।

୧୭୬. ଲିଙ୍ଗ ଗୋଟିଏ ହେଲେ ମଧ୍ୟ ତାହା ତିନି ପ୍ରକାରର, ଅଙ୍ଗ ଗୋଟିଏ ହେଲେ ମଧ୍ୟ ତାହା ପାଞ୍ଚ ପ୍ରକାରର ।

୧୭୭. ପିତାଶରୀରରୁ ଯେଉଁମାନେ ଜନ୍ମ ହୋଇଥା'ନ୍ତି ସେମାନେ ପୁତ୍ର, ଗୁରୁଜ୍ଞାନରେ ଯେଉଁମାନେ ନୂଆଜନ୍ମ ପାଇଥା'ନ୍ତି ସେମାନେ ଜ୍ଞାନପୁତ୍ର ।

୧୭୮. ଗୋଟିଏ କାର୍ଯ୍ୟ ହେବା ପରେ ତାହା ମୁଁ କଲି ବୋଲି କହନ୍ତି, କୌଣସି କାର୍ଯ୍ୟ ଚେଷ୍ଟାକରି ଯଦି ନହେଲା ତେବେ ତାହା ମୋ' ଭାଗ୍ୟ ଅର୍ଥାତ୍ ମୋ' କର୍ମ ବୋଲି କହନ୍ତି, କିନ୍ତୁ ସବୁକାର୍ଯ୍ୟର କାରଣ ହେଉଛି କର୍ମ ।

୧୭୯. 'ଧର୍ମାର୍ଥ କାମମୋକ୍ଷ' କହିବା ଅସତ୍ୟ । 'କାମାର୍ଥ ଧର୍ମମୋକ୍ଷ' କହିବା ଶୁଦ୍ଧସତ୍ୟ, କାରଣ ! ଧର୍ମ ଦ୍ୱାରା ଧନ, କାମ ବା ଆଶା ଦ୍ୱାରା ମୋକ୍ଷ ମିଳିବା ଅସତ୍ୟ ।

୧୮୦. ଧର୍ମ ଦ୍ୱାରା ମୋକ୍ଷ, କାମ ବା ଆଶା ଦ୍ୱାରା ଧନ ମିଳିଥାଏ ।

୧୮୧. ତୋ'ଶରୀରର ପ୍ରତ୍ୟେକ ସ୍ପନ୍ଦନ ଆତ୍ମାର ହେଲେ ମଧ୍ୟ ତାହା ତୋ'ର କର୍ମାନୁସାରେ ରହିଥାଏ ।

୧୮୨. ଆତ୍ମା ବାହାରେ ନାହିଁ, ଶରୀରରେ ରହିଛି ବୋଲି ଜାଣ୍ ।

୧୮୩. ମରଣରେ ଆତ୍ମା ଜୀବାତ୍ମା ଶରୀରରୁ ଚାଲିଯିବା ପରେ ସେଥିରେ କେବଳ ପରମାତ୍ମା ବଳକା ରହିଥା'ନ୍ତି ।

୧୮୪. "ଧନମୂଳମିଦଂ ଜଗତ୍" ବୋଲି କହନ୍ତି, ସେହି ଧନର କାରଣ କର୍ମ ହୋଇଥିବାରୁ "କର୍ମମୂଳମିଦମ୍ ଜଗତ୍" କହିବା ଉଚିତ୍, ଏହା ହିଁ ସତ୍ୟ ।

୧୮୫. ସନ୍ତାନର ପିତା କିଏ ମାତାକୁ ଜଣାଥିବା ଭଳି, ଜୀବର ପିତା କିଏ କେବଳ ଗୁରୁଙ୍କୁ ଜଣାଥାଏ ।

୧୮୬. ଆହାର ଦ୍ୱାରା ଶରୀର ଆରୋଗ୍ୟ, ବିଷୟାହାର ଦ୍ୱାରା ମନ ଆରୋଗ୍ୟ ରହିଥାଏ ।

୧୮୭. ଆହାର ଗୁଣଗୁଡିକର କାରଣ ନୁହେଁ, ଗୁଣଗୁଡିକ ହିଁ ଆହାରର କାରଣ ।

୧୮୮. ଅଜ୍ଞାନ ଦ୍ୱାରା ଲୋକଗୁଡିକ ଆଉ କେଉଁଠାରେ ଅଛି ବୋଲି ଭାବ୍ ନାହିଁ । ସର୍ବଲୋକ ତୋ'ରି ମୁଣ୍ଡରେ ରହିଛି ।

୧୮୯. ଖାଲି ହୁଙ୍କାକୁ ଦେଖିଲେ ଯେ, ହୁଙ୍କା ଭିତରେ ଥିବା ସାପକୁ ଚିହ୍ନିଯିବୁ ଏକଥା ଭାବ୍ ନାହିଁ, ସେହିଭଳି ଖାଲି ଶରୀରକୁ

ଦେଖିଦେଲେ ଯେ, ଜୀବାତ୍ମାକୁ ଚିହ୍ନିଯିବୁ ଏକଥା ମଧ୍ୟ ଭାବ୍ ନାହିଁ ।

୧୯୦. ଦୀପରୁ ତେଲ ସରିଗଲେ ସଳିତା ଲିଭିଯିବା ଭଳି, ଶରୀରର କର୍ମ ସରିଗଲେ ଜୀବାତ୍ମା ଅନ୍ତ ହୋଇଯାଏ ।

୧୯୧. ଜୀବକୁ ସଂକଳ୍ପ ବିକଳ୍ପ ଦେଇ, ସେଗୁଡିକର ବିଚାର ଅନୁସାରେ କାର୍ଯ୍ୟ କରାଇ ସୁଖଦୁଃଖର ଭାବ ଦେଇଥାଏ ପ୍ରାରବ୍ଧକର୍ମ ।

୧୯୨. ତୁ ଯେତେ ବିକଳ ହେଲେ ମଧ୍ୟ ତୋ'କର୍ମରେ ଥିବା ଫଳଠାରୁ କିଛି ଅଧିକ ମିଳିବ ନାହିଁ ।

୧୯୩. ଜୀବର କର୍ମ ବିମୋଚନ ହେବା ପାଇଁ ଦୁଇଟି ମାର୍ଗ ରହିଛି । ଗୋଟିଏ ହେଲା ଅନୁଭବ କରିବା, ଆଉ ଗୋଟିଏ ହେଲା କର୍ମକୁ ଜ୍ଞାନାଗ୍ନିରେ ଆହୁତି ଦେବା ।

୧୯୪. ତୋ'ଠାରୁ ଭିନ୍ନ ଥିବା ପ୍ରକୃତି ହିଁ ତୋ'ର ଶରୀର ।

୧୯୫. ତୋ'ଠାରୁ ଭିନ୍ନ ଥିବା ପ୍ରକୃତି ଅର୍ଥାତ୍ ଶରୀରକୁ ମୁଁ ବୋଲି ଭାବୁଥିବା ପର୍ଯ୍ୟନ୍ତ ଅଜ୍ଞାନତା ତୋ'ଠାରୁ ଛାଡି ଚାଲିଯିବ ନାହିଁ ।

୧୯୬. କର୍ମ ଥିବାବେଳେ ତୁ ଶରୀର,କର୍ମ ସମାପ୍ତ ହୋଇଗଲେ ତୁ କାଳ ।

୧୯୭. ରାତିରେ ବସାରେ ଶୋଇ ଦିନରେ ଚରିବାକୁ ଯାଉଥିବା ପକ୍ଷୀ ଭଳି ତୋର ମନ, ମନ ଶୋଇବାବେଳେ ଆତ୍ମାନାମକ ବସାରେ ଶୋଇ, ଉଠିବା ପରେ ବିଷୟରେ ବିଚରଣ କରିଥାଏ ।

୧୯୮. ଆତ୍ମା ହିଁ ତୋ'ର ମିତ୍ର, ଅଜ୍ଞାନ ଦ୍ୱାରା ତା'କୁ ଶତ୍ରୁ ଭାବୁଛୁ, ହେଲେ ପ୍ରକୃତି ହିଁ ତୋର ଶତ୍ରୁ, ଅଜ୍ଞାନ କାରଣରୁ ତୁ ପ୍ରକୃତିକୁ ମିତ୍ର ଭାବୁଛୁ ।

୧୯୯. ଭୋକ ନଥିବା ଲୋକକୁ ଖାଇବାକୁ ଦେବା, ଇଚ୍ଛା ନଥିବା

ଲୋକକୁ ଆତ୍ମଜ୍ଞାନ କହିବା ଉଭୟ ପ୍ରୟୋଜନହୀନ କାର୍ଯ୍ୟ ହୋଇଥାଏ ।

୨୦୦. ବିଷୟଚିନ୍ତାଠାରୁ ତୁ ଦୂରକୁ ଗଲେ ବିଶ୍ୱେଶ୍ୱର ତୋ'ର ନିକଟ ହୋଇଥା'ନ୍ତି ।

୨୦୧. ଅହଂ ଭାବ ନେଇ ଆତ୍ମାର ଆରାଧନା କର୍ ନାହିଁ । ଅହଂକାର ରହିତ ହୋଇ ଆତ୍ମାର ଆରାଧନା କଲେ ପରମାତ୍ମାଙ୍କୁ ପାଇପାରିବୁ ।

୨୦୨. ତୋ'ଶରୀର କରୁଥିବା କାର୍ଯ୍ୟଗୁଡ଼ିକ ସହିତ ତୋତେ କିଏ ସମ୍ବନ୍ଧୀତ କରୁଛି ଜାଣିଛୁ ! ସେ ହେଉଛି ଅହଂ ।

୨୦୩. ତୁ କାହା ସହିତ ମିଶିଲେ କିଛିକଥା ନାହିଁ, ଅହଂ ଠାରୁ ଦୂରରେ ରହ ।

୨୦୪. ପ୍ରତ୍ୟେକ ଗୁଣ ହାତୀ ଭଳି ବଳୁଆ, ହେଲେ ଜ୍ଞାନ ନାମକ ଅଙ୍କୁଶକୁ ସେ ଭୟ କରିଥାଏ ।

୨୦୫. ତୋ'ଶରୀର ଭିତରେ ତୋତେ ଦେଖାଯାଉ ନଥିବା ପ୍ରକୃତି ଅର୍ଥାତ୍ ଗୁଣରାଜି ସହିତ, ବାହାରେ ତୋତେ ଦେଖାଯାଉଥିବା ପ୍ରକୃତିର ଅଭିନ୍ନ ସମ୍ପର୍କ ରହିଛି ।

୨୦୬. ଦ୍ରବ୍ୟଯଜ୍ଞର ଖର୍ଚ୍ଚପାଇଁ କର୍ମ ଅର୍ଜନ କରୁଛୁ, ହେଲେ କିଛି ଲାଭ ନାହିଁ, କର୍ମଯଜ୍ଞପାଇଁ ଜ୍ଞାନାର୍ଜନ କଲେ ମୁକ୍ତି ପାଇବୁ ।

୨୦୭. ପ୍ରତ୍ୟେକ ଜୀବ ଫଳାଶୟୀ ; ତଥାପି କେତେକଙ୍କଠାରେ ଜ୍ଞାନଦୃଷ୍ଟି ରହିଥାଏ ।

୨୦୮. ଗୁଣରାଜି ତୋ'ମୁଣ୍ଡରେ, ଗୁଣରାଜିର କାର୍ଯ୍ୟ ତୋ'ଆଖି ଆଗରେ ହେଉଛି ବୋଲି ଜାଣ୍ ।

୨୦୯. ଅହଂ ତୋପାଇଁ କର୍ମ ଆଣିଥାଏ, କର୍ମ ଦୁଃଖସୁଖ ଦେଇଥାଏ । ଗୁରୁସେବା ତୋତେ ଜ୍ଞାନଦିଏ,ଜ୍ଞାନ ତୋର କର୍ମ ବିନାଶକରେ ।

୨୧୦. କର୍ମବନ୍ଧନ କିପରି ଆସୁଛି ପ୍ରଥମେ ଜାଣ୍, ତା'ପରେ କର୍ମବନ୍ଧନରୁ କିପରି ମୁକୁଳିବୁ ସହଜରେ ଜାଣିପାରିବୁ ।

୨୧୧. ଆଶାରାଜି ତୋ'ର ସ୍ମୃତିରେ ବିରାଜମାନ ହୋଇ ତୋତେ ବିଚଳିତ କରିଥା'ନ୍ତି ।

୨୧୨. ଘଟିବାକୁ ଥିବା ଭବିଷ୍ୟତ ବାବଦରେ ଜାଣିବା ଦ୍ୱାରା ତୋତେ କିଛି ଲାଭ ମିଳିବ ନାହିଁ । ଭବିଷ୍ୟତରେ ଯାହା ହେବାକୁ ଅଛି ସେ ବାବଦରେ ତୁ ଜାଣ୍ କି ନ ଜାଣ୍ ତାହା ନିଶ୍ଚୟ ଘଟିବ ।

୨୧୩. ତୋ'ର ଅପଜୟ କରୁଥିବା ଶକୁନକୁ ବିଜୟ ଆସିବା ପର୍ଯ୍ୟନ୍ତ ଆହ୍ୱାନ କର୍ ।

୨୧୪. ଶରୀର ଚଳପ୍ରଚଳ ହେଉଥିବା ବେଳେ ଯିଏ ମନକୁ ଅଚଳ କରିଥାଏ ସେ ମହାତ୍ମା । ଶରୀର ସ୍ଥିର ଥିବାବେଳେ ଯିଏ ମନକୁ ଅସ୍ଥିର କରିଥାଏ ସେ ମନ୍ଦାତ୍ମା ।

୨୧୫. ଗୁଣ ନାମକ ବିଷଦାନ୍ତ ଥିବା ମାୟାସର୍ପ ତୋତେ ଦଂଶନ କରୁଛି, ସେହି ବିଷକୁ ଝାଡିଦେଇ ପାରୁଥିବା ଉପଯୁକ୍ତ ଔଷଧ ହେଉଛି ଆତ୍ମଜ୍ଞାନ ।

୨୧୬. କାମନା ରହିତ ବିଚାର ଦ୍ୱାରା ପ୍ରକୃତିର ପରିଶୀଳନ କଲେ ତାହା ତୋ'ଦ୍ୱାରା ଶୋଧିତ ହୋଇଥାଏ, କିନ୍ତୁ କାମନା ରଖି ବିଚାର କଲେ ସେ ତୋତେ ବାନ୍ଧିଦେବ ।

୨୧୭. ତୋ'ର ଅଜାଣତରେ ତୋ'ତୃପ୍ତିର ବଳି ଖାଉଥିବା ମହାଶକ୍ତି ହେଉଛି ଆଶା, ଅର୍ଥାତ୍ କାମନା ।

୨୧୮. ଆଶାକୁ ତୃପ୍ତି ଦେବା ପାଇଁ ଆଶା କରିବା ଦ୍ୱାରା ତୋ'ର ଆୟୁଷ କ୍ଷୀଣ ହୋଇଥାଏ ସିନା, ତୋ'ର ଆଶା କଦାପି ତୃପ୍ତ ହୋଇନଥାଏ ।

୨୧୯. ଆଶା ନାମକ ଅନ୍ଧକାରକୁ ଦୂର କରିବାକୁ ହେଲେ କେବଳ

ଆତ୍ମବହ୍ନିର ଆବଶ୍ୟକ ହୋଇଥାଏ, କିନ୍ତୁ ଅନ୍ୟ କୌଣସି ସାଧନ ଦ୍ୱାରା ତାହା ଦୂର ହୋଇନଥାଏ ।

୨୨୦. ସୁଯୋଗ ମିଳିଲେ ଆଶା ଆକାଶଠାରୁ ମଧ୍ୟ ବଡ ହୋଇଯାଏ ।

୨୨୧. ଏ ଜନ୍ମର ଆଶା ଆଉଏକ ଜନ୍ମରେ ପୁରଣ ହୋଇଥାଏ ।

୨୨୨. ମାୟା ଆଉ ମନର ମଝିରେ ଲଢେଇ ଠିଆକରି ମନ ଦ୍ୱାରା ମାୟାକୁ ଜିତିବା ହିଁ ପ୍ରକୃତ ଯୋଗସାଧନା ହୋଇଥାଏ ।

୨୨୩. ମଣିଷର ଜୀବନଯାତ୍ରା ନିମନ୍ତେ ଦୁଇଗୋଟି ମାର୍ଗ ରହିଛି, ସେ ଦୁଇଟିରୁ ଗୋଟିଏ ହେଉଛି ମାୟାମାର୍ଗ ଅର୍ଥାତ୍ ପ୍ରକୃତିମାର୍ଗ ଆଉ ଅନ୍ୟମାର୍ଗଟି ହେଉଛି ଦୈବମାର୍ଗ ଅର୍ଥାତ୍ ପରମାତ୍ମାମାର୍ଗ ।

୨୨୪. କଥାରେ ଥିବା ଭଲ ଆଉ ମନ୍ଦ ଭିତରୁ କେବଳ ଭଲକୁ ଗ୍ରହଣ କରି ମନ୍ଦକୁ ତ୍ୟାଗ କରିଦେବା ଉଚିତ୍ ।

୨୨୫. ଜଣେ ମଣିଷଠାରେ ଥିବା ଜ୍ଞାନ ଆଉ ଅଜ୍ଞାନରୁ କେବଳ ଜ୍ଞାନକୁ ଗ୍ରହଣ କରି ଅଜ୍ଞାନକୁ ଛାଡିଦେବା ଉଚିତ୍ ।

୨୨୬. ମଣିଷ କହୁଥିବା ସବୁକଥା ସତ ବୋଲି ଭାବ୍ ନାହିଁ । ପରମାତ୍ମା କହିଥିବା ପ୍ରତ୍ୟେକ କଥା ସତ ବୋଲି ଭାବ୍ ।

୨୨୭. ଭୂପୃଷ୍ଠରେ ମିତ୍ରମାନେ ଆଉ ଶତ୍ରୁମାନେ ଥିବା ଭଳି, ଶରୀରରେ ଜୀବ ପାଇଁ ଭଲଗୁଣ ଏବଂ ମନ୍ଦଗୁଣ ନାମକ ଦୁଇ ଦଳର ଗୁଣଗୁଡିଏ ରହିଛନ୍ତି ।

୨୨୮. ଖଟାପାଇଁ ଲୁଣ, ପିତା ପାଇଁ ମିଠା ଯେଉଁଭଳି ବିପରୀତ ହୋଇ ରହିଛି, ସେହିଭଳି ଶରୀରରେ କାମପାଇଁ ଦାନ, କ୍ରୋଧପାଇଁ ଦୟା, ଲୋଭପାଇଁ ଉଦାସୀନତା, ମୋହପାଇଁ ବୈରାଗ୍ୟ, ମଦପାଇଁ ବିନୟ, ମାତ୍ସର୍ଯ୍ୟପାଇଁ ପ୍ରେମ ନାମକ ଗୁଣ ବିପରୀତ ଭାବରେ ରହିଛି ।

୨୨୯. ଲୁଣପାଣିରେ ମିଶିଥିବା ଲୁଣ ଜଣା ନପଡିବା ଭଳି ଶରୀରରେ ମାୟା ଅଜଣାଭାବରେ ରହିଛି ।

୨୩୦. ଆଦେଶ ଅଧିକାର ଯୁକ୍ତ ହେବା ଭଳି, ଉପଦେଶ ଅନଧିକାର ଯୁକ୍ତ ହୋଇ ରହିଛି ।

୨୩୧. ସୃଷ୍ଟିରେ ଦେଶ, ପ୍ରଦେଶ ଦେଖାଯିବା ଭଳି, ଜ୍ଞାନଦୃଷ୍ଟିରେ ଉପଦେଶ ଆଉ ଅପ୍ରଦେଶ ଦେଖାଯାଇଥାଏ ।

୨୩୨. ଆଖିରେ ଦୃଷ୍ଟି ରହିଛି, ସେହିଭଳି ବୁଦ୍ଧିରେ ଜ୍ଞାନଦୃଷ୍ଟି ରହିଛି ।

୨୩୩. ରୋଗ ପାଇଁ ଔଷଧ, ମାୟାରୋଗ ପାଇଁ ଦିବ୍ୟଔଷଧ ଆବଶ୍ୟକ

୨୩୪. ଔଷଧ ବସ୍ତୁଯୁକ୍ତ ହେବାବେଳେ, ଦିବ୍ୟୌଷଧ ଜ୍ଞାନଯୁକ୍ତ ହୋଇଥାଏ ।

୨୩୫. ରୋଗ-ଶରୀରର, କଷ୍ଟ-ଜୀବର, କର୍ତ୍ତୃତ୍ୱ-ଆତ୍ମାର, ତଟସ୍ଥତା-ପରମାତ୍ମାଙ୍କର ।

୨୩୬. ଅତି ବଡ ହାତୀ ଶରୀରରେ ଜୀବାତ୍ମା, ଆତ୍ମା, ପରମାତ୍ମା ରହିଥିବା ଭଳି ଅତିଛୋଟ ପିମ୍ପୁଡି ଶରୀରରେ ମଧ୍ୟ ଜୀବାତ୍ମା, ଆତ୍ମା, ପରମାତ୍ମା ରହିଥା'ନ୍ତି ।

୨୩୭. ମଣିଷକୁ ଅଜ୍ଞାନର ଅବଗାହନ ହେବା ଭଳି ଜ୍ଞାନର ଅବଗାହନ ହୋଇନଥାଏ ।

୨୩୮. ବର୍ଷାହେଲେ ମାଟିରୁ ଜିଆମାନେ ବାହାରକୁ ଆସିବା ଭଳି, ପାଣିହେଲେ ବେଙ୍ଗମାନେ ବାହାରକୁ ଆସିଥା'ନ୍ତି, ସେହିଭଳି କେବଳ ଜ୍ଞାନପାଇଁ ଜୀଜ୍ଞାସୁମାନେ ହିଁ ବାହାରକୁ ଆସିଥା'ନ୍ତି ।

୨୩୯. ନେତ୍ରରେ ଦୃଶ୍ୟଟିଏ ଦେଖାଯିବା ଭଳି ଜ୍ଞାନନେତ୍ରରେ ଜ୍ଞାନ ଦୃଶ୍ୟ ହୋଇଥାଏ ।

୨୪୦. ଭୂପୃଷ୍ଠର ଗୁରୁମାନଙ୍କ ଉପରେ ମାୟା ଅଧିକାର ଜମାଇ ରହିଛି । ତେଣୁ ସତର୍କ ରହ ।

୨୪୧. ଭଗବାନ ଦୈବଜ୍ଞାନ କହିଥା'ନ୍ତି, ମଣିଷ କଦାପି କହିପାରେ ନାହିଁ ।

୨୪୨. ଜଗତରେ ମାୟା ହିଁ ଭଗବାନଙ୍କ ଭଳି ପ୍ରକଟିତ ହୋଇଥାଏ ।

୨୪୩. ପରମାତ୍ମା ମାୟା ଭଳି ଜଗତରେ ପ୍ରକଟିତ ହୋଇଥା'ନ୍ତି ।

୨୪୪. ଜଗତରେ ମାୟା ପରମାତ୍ମଙ୍କ ଭଳି, ପରମାତ୍ମା ମାୟା ଭଳି ଦେଖାଯିବା ସାଧାରଣ କଥା ।

୨୪୫. ଜଗତରେ ମାୟା କିମ୍ବା ପରମେଶ୍ୱରଙ୍କୁ ଜାଣିବାପାଇଁ ମହାନ ଜ୍ଞାନ ଆବଶ୍ୟକ ହୋଇଥାଏ ।

୨୪୬. ଭଗବାନ ମାୟାଭଳି ଦେଖାଗଲେ ମଧ୍ୟ ଶେଷରେ ଦୈବଜ୍ଞାନ କହିଥା'ନ୍ତି । ମାୟା ଭଗବାନଙ୍କ ଭଳି ଦେଖାଗଲେ ମଧ୍ୟ ଶେଷରେ ମଣିଷକୁ ଦୈବମାର୍ଗରୁ ବିଚ୍ୟୁତ କରି ନିଜ ମାର୍ଗର ଅନୁସରଣ କରାଇଥାଏ ।

୨୪୭. ପରମାତ୍ମା କୁଳ, ମତ ତିଆରି କରିନାହାନ୍ତି ।

୨୪୮. ମାୟାକୁ ପରମାତ୍ମା ତିଆରି କରିଛନ୍ତି, ମଣିଷକୁ ମଧ୍ୟ ପରମାତ୍ମା ତିଆରି କରିଛନ୍ତି ।

୨୪୯. ମତ ଅନୁସାରେ ଅନେକ ନିୟମରେ, ଅନେକ ନାଆଁରେ ପରମାତ୍ମାଙ୍କ ଉପାସନା କରାଯାଇଥାଏ ।

୨୫୦. ସର୍ବଜଗତର ଅଧିପତି, ସର୍ବ ପ୍ରପଞ୍ଚର ସୃଷ୍ଟିକର୍ତ୍ତା, ବିଶ୍ୱର ମୂଳକର୍ତ୍ତା ଭାବରେ କେବଳ ପରମାତ୍ମା ଥାଆନ୍ତି ।

୨୫୧. ପରମାତ୍ମାଙ୍କର ନାମ ନାହିଁ କି ରୂପ ନାହିଁ ।

୨୫୨. ପରମାତ୍ମା ନିଜକଥା ନିଜେ କହନ୍ତି, କାରଣ ! ଅନ୍ୟମାନଙ୍କୁ ତାଙ୍କ କଥା ଜଣାନଥାଏ ।

୨୫୩. ପରମାତ୍ମା ନିଜ ବାବଦରେ କହିବାପାଇଁ ଭୂପୃଷ୍ଠକୁ ଆସିବା ବେଳେ ଭଗବାନଭାବରେ କଥିତ ହୋଇଥା'ନ୍ତି, ସେତେବେଳେ ତାଙ୍କର ରୂପ, ନାମ ରହିଥାଏ ।

୨୫୪. ଅନ୍ଧବିଶ୍ୱାସ ଆଉ ମୂଢ଼ଜ୍ଞାନ ଦୁଇଟିଯାକ ଗୋଟିଏ ଜାତିର ।

୨୫୫. ମଣିଷର ଅରୋଗ୍ୟ ଭଳି ରହିଥାଏ ବିଶ୍ୱାସ, ହେଲେ ଅନ୍ଧବିଶ୍ୱାସ ରୋଗ ଭଳି ରହିଥାଏ ।

୨୫୬. ତୋ'ର ପିତା ଆଉ ମାତା ବିଶ୍ୱାସନୀୟ, କିନ୍ତୁ ତୋ'ର କୁଳମତ ଅନ୍ଧବିଶ୍ୱାସ ।

୨୫୭. ଶାସ୍ତ୍ର ବିଶ୍ୱାସ, ପୁରାଣ ଅନ୍ଧବିଶ୍ୱାସ ।

୨୫୮. ଶାସ୍ତ୍ରବଦ୍ଧ ବିଶ୍ୱାସ ସତ୍ୟ ଅଟେ, ହେତୁବଦ୍ଧତା ନଥିବା ଅନ୍ଧବିଶ୍ୱାସ କେବେ ମଧ୍ୟ ସତ୍ୟ ନୁହେଁ ।

୨୫୯. ପରମାତ୍ମାଙ୍କୁ ଆରାଧନା କରିବା ବିଶ୍ୱାସ ହୋଇଥାଏ, କିନ୍ତୁ ନାନା ଦେବତାରାଧନା ଅନ୍ଧବିଶ୍ୱାସ ହୋଇଥାଏ ।

୨୬୦. ବିଶ୍ୱାସ ରହିପାରେ ବା ନ ରହିପାରେ, ହେଲେ ଅନ୍ଧବିଶ୍ୱାସ ରହିବା ଅନୁଚିତ ।

୨୬୧. ଜ୍ୟୋତିଷ୍ୟ ଶାସ୍ତ୍ରରେ ବିଶ୍ୱାସ ଅଛି, ବାସ୍ତୁଶାସ୍ତ୍ର ଅନ୍ଧବିଶ୍ୱାସ ।

୨୬୨. ଅଜ୍ଞାନୀମାନଙ୍କ ସେବା କର ନାହିଁ, ଜ୍ଞାନୀମାନଙ୍କ ସେବାକଲେ ଜୀବନ ପାଇଁ ଜ୍ଞାନ ମିଳିଥାଏ ।

୨୬୩. ମନର ଆକାର ଅଛି, ତା'କାର୍ଯ୍ୟର ସୀମା ନାହିଁ ।

୨୬୪. ଲୋଚନ କହିଲେ ଆଖି, ଭିତରଆଖିକୁ ଆଲୋଚନ କୁହାଯାଏ ।

୨୬୫. ବାହାର ଆଖି ଦୁଇଟି ମିଶି ଏକ ଦୃଶ୍ୟକୁ ଦେଖାଇଥାଏ ସିନା, ଭିତର ଆଖି ଦୁଇଟି ମିଶି ଦେଖାଇପାରି ନଥାଏ ।

୨୬୬. ମଣିଷର ଦୁଇଟି ଆଖି ଜନ୍ମରୁ ଆସିଥାଏ, ମଣିଷ ବଡହେବା ପରେ ଆଉ ଦୁଇଟି ଆଖି ଆସିଥାଏ ।

୨୬୭. ଭିତର ଆଖିଦୁଇଟି ଅଲଗା ଅଲଗା, ଗୋଟିଏ ପ୍ରାପଞ୍ଚିକ ବିଷୟ ଦେଖାଏ ଆଉ ଗୋଟିଏ ଦୈବିବିଷୟ ଦେଖାଏ । ପ୍ରଥମଟି ମନୋନେତ୍ର ଅନ୍ୟଟି ଜ୍ଞାନନେତ୍ର ।

୨୬୮. ପ୍ରତ୍ୟେକ ମଣିଷର ତିନିଗୋଟି ନେତ୍ର କର୍ମ ଦ୍ୱାରା ଆସିଥାଏ, ଶ୍ରଦ୍ଧା ଦ୍ୱାରା ଆଉ ଗୋଟିଏ ନେତ୍ର ଆସିଥାଏ,ତାହା ଜ୍ଞାନନେତ୍ର ।

୨୬୯. ମାନବର ମନୋନେତ୍ର ଖୋଲିଲେ ଜ୍ଞାନନେତ୍ର ବନ୍ଦ ହୋଇଯାଏ, ଜ୍ଞାନନେତ୍ର ଖୋଲିଲେ ମନୋନେତ୍ର ବନ୍ଦ ହୋଇଯାଏ ।

୨୭୦. କେଉଁଟି ଜ୍ଞାନନେତ୍ର, କେଉଁଟି ମନୋନେତ୍ର ତାହା ସହଜରେ ଜାଣି ହୋଇନଥାଏ ।

୨୭୧. କେବଳ ଭଗବାନଙ୍କର ଜ୍ଞାନନେତ୍ର, ମନୋନେତ୍ର ଏକ ସମୟରେ କାର୍ଯ୍ୟ କରିଥାଏ ।

୨୭୨. ଦେଶରେ ଅତ୍ୟୁନ୍ନତ ଜ୍ଞାନ, ଅତ୍ୟୁନ୍ନତ ଅଜ୍ଞାନ ମଧ୍ୟ ରହିଛି । ଯାହାର ଯାହା ଦରକାର ତାହା ମିଳିଥାଏ ।

୨୭୩. ଦେଶରେ ବୋଧକମାନେ ଅନେକ ଅଛନ୍ତି, ସେମାନେ ସମସ୍ତେ ଗୁରୁ ଭଳି ଦେଖାଯାଆନ୍ତି; ତଥାପି କୌଣସି ଏକ ସମୟରେ ଜଣେ ଗୁରୁ ମଧ୍ୟ ଥାଆନ୍ତି ।

୨୭୪. ଏକ ଟଙ୍କାରେ ଶହେ ପଇସା ଥିବା ଭଳି ସମାଜରେ ୯୯ ପଇସା ସ୍ଥିତି ପର୍ଯ୍ୟନ୍ତ ବୋଧକମାନେ ଥାଆନ୍ତି, ୧୦୦କୁ ୧୦୦ ପଇସା ସ୍ଥିତିରେ ଗୁରୁ ରହିଥା'ନ୍ତି ।

୨୭୫. ଗୁରୁଙ୍କୁ ଚିହ୍ନିବା ଅତିକଷ୍ଟ । କାରଣ ! ୧ ପଇସା ସ୍ଥିତିରୁ ୯୯ ପଇସା ସ୍ଥିତି ପର୍ଯ୍ୟନ୍ତ ମଣିଷକୁ ଅନ୍ୟମାନେ ଗୁରୁ ଭଳି ଦେଖାଯାଆନ୍ତି ।

୨୭୬. ଗୁରୁ ବୋଧକମାନଙ୍କ ଭଳି, ବୋଧକମାନେ ଗୁରୁଙ୍କ ଭଳି ଦେଖାଯିବା ସାଧାରଣକଥା;ତଥାପି ଗୁରୁ ହିଁ ଗୁରୁ, ବୋଧକ ହିଁ ବୋଧକ ।

୨୭୭. ଭଗବାନ ହିଁ ପ୍ରକୃତ ଗୁରୁ ହୋଇଥିବାରୁ ସେ କିଛିକାଳ ଭୌତିକତଃ,ଆଉକିଛିକାଳ ଅଭୌତିକତଃ ଦେଖାଯାଇଥା'ନ୍ତି ।

୨୭୮. ପ୍ରକୃତ ଗୁରୁ ହୋଇଥିବା ଭଗବାନ ହିଁ ଜଗଦ୍ଗୁରୁ, ଅଧିକ ଶିଷ୍ୟମାନେ ଥିଲେ ମଧ୍ୟ କେହି ଜଗଦ୍ଗୁରୁ ହୋଇପାରିବେ ନାହିଁ ।

୨୭୯. ଜଗତରେ ସର୍ବଜୀବରାଶି ସମ୍ବନ୍ଧୀୟ ଜ୍ଞାନ ଯିଏ ଜଣାଇଥା'ନ୍ତି ସେ ହିଁ ପ୍ରକୃତ ଜଗଦ୍ଗୁରୁ ।

୨୮୦. ଜଗଦ୍ଗୁରୁ ହୋଇଥିବା ଭଗବାନ ପିତାବୀର୍ଯ୍ୟରୁ ନୁହେଁ, ନିଜର ସଂକଳ୍ପରୁ ଜନ୍ମ ହୋଇଥା'ନ୍ତି ।

୨୮୧. ଭୂପୃଷ୍ଠରେ ଭଗବାନଙ୍କର କେହି ମାଆ ଥାଇପାରନ୍ତି ସିନା, ପିତା ନଥା'ନ୍ତି ।

୨୮୨. ପରମାତ୍ମାଙ୍କର ପ୍ରତିନିଧି ହେଉଛନ୍ତି ଭଗବାନ । ଭଗବାନ ସାକାର ହୋଇଥିବା ସ୍ଥଳେ ପରମାତ୍ମା ନିରାକାର ହୋଇଥା'ନ୍ତି ।

୨୮୩. ପ୍ରପଞ୍ଚରେ ଥିବା ଭଗବାନଙ୍କ ଦ୍ୱାରା ହିଁ ପରମାତ୍ମାଙ୍କୁ ଜାଣିବା ସୁଯୋଗ ଥାଏ ।

୨୮୪. ଭଗବାନଙ୍କ ବ୍ୟତୀତ କୌଣସି ମାନବ ପରମାତ୍ମାଙ୍କ ବାବଦରେ ଜଣାଇପାରିବ ନାହିଁ ।

୨୮୫. ଭଗବାନ ଦୈବଅଂଶ ଅର୍ଥାତ୍ ପରମାତ୍ମାଙ୍କ ଅଂଶ ହୋଇଥିବାରୁ ପରମାତ୍ମାଙ୍କ ବାବଦରେ କେବଳ ତାଙ୍କୁ ହିଁ ଜଣାଥାଏ ।

୨୮୬. ପରମାତ୍ମା ଭୂପୃଷ୍ଠରେ କେତେବେଳେ, କେଉଁଠାରେ, କିପରି, କେଉଁ ରୂପରେ ଜନ୍ମ ହୋଇଥା'ନ୍ତି ତାହା କାହାକୁ ଜଣାନଥାଏ । ତେଣୁ ତାଙ୍କ ଅବତାରକୁ ପ୍ରଜାମାନେ ବିଭିନ୍ନ ପ୍ରକାରରେ ଦେଖିଥା'ନ୍ତି ।

୨୮୭. ମାନବ ଭାବରେ ଆସୁଥିବା ପରମାତ୍ମା ଏକ ଜନ୍ମରେ ଭିକାରି ଭଳି ଆସି ଆଉ ଏକ ଜନ୍ମରେ ଧନବାନ ହୋଇପାରନ୍ତି । ସେହିଭଳି ଏକ ଜନ୍ମରେ ବ୍ରହ୍ମଚାରୀ ହୋଇ ଅନ୍ୟଏକ ଜନ୍ମରେ ବହୁଭାର୍ଯ୍ୟା ଯୁକ୍ତ ହୋଇ ବିଳାସବନ୍ତ ପୁରୁଷ ଭାବରେ ଦେଖାଦେଇ ପାରନ୍ତି, ସେଥିଲାଗି ତାଙ୍କୁ ଚିହ୍ନିବା ଅତିକଷ୍ଟ ହୋଇଥାଏ ।

୨୮୮. ପରମାତ୍ମା ମାନବରୂପରେ ଭୂପୃଷ୍ଠକୁ ଆସିବା ବେଳେ ଜ୍ଞାନୀ ବୋଲାଉଥିବା ଅଜ୍ଞାନୀ ଲୋକମାନେ ତାଙ୍କୁ ଚିହ୍ନି ତ ପାରନ୍ତି ନାହିଁ ! ପରମାତ୍ମା କେଉଁ ଜନ୍ମରେ କହିଥିବା ଜ୍ଞାନକୁ ତାଙ୍କୁ ହିଁ କହୁଥାଇ ନିଜଠାରୁ ଅତି ନ୍ୟୁନ ମନେକରନ୍ତି ।

୨୮୯. ପୂର୍ବେ ପରମାତ୍ମା ଭଗବାନଭାବରେ କହିଥିବା ବାଣୀକୁ ଯେଉଁମାନେ ବିଶ୍ୱାସ କରନ୍ତି ନାହିଁ, ସେମାନେ ପରମାତ୍ମା ଭଗବାନ ହୋଇ ପରଜନ୍ମରେ କହୁଥିବା ଜ୍ଞାନକୁ ବୁଝି ନପାରି ତାଙ୍କୁ ଚିହ୍ନିପାରନ୍ତି ନାହିଁ ।

୨୯୦. ଜୀବ ପରମାତ୍ମାରେ ଲୀନ ହେଲେ ତାହା ଜୀବଦୈବ ଐକ୍ୟସନ୍ଧାନ ହୋଇଥାଏ, ତାହା ହିଁ 'ସର୍ବବ୍ୟାପୀ ହୋଇଯିବା' ବା ମୋକ୍ଷ ପାଇବା ବୋଲି ଜାଣି ନପାରି,

ମୋକ୍ଷକୁ ଏକ ସ୍ଥାନ, ସ୍ୱର୍ଗ ବା ଏକ ବିଶାଳ ଭବନ ଭାବିବା ଅଜ୍ଞାନ ହୋଇଥାଏ ।

୨୯୧. ଯିଏ ପରମାତ୍ମାରେ ଲୀନ ହୋଇଥାଏ ସେ ପରମାତ୍ମାଙ୍କଠାରୁ ଭିନ୍ନ ନଥାଏ, ତେଣୁ ସେଠାରେ ଏକ ସ୍ଥାନ, ବିଶାଳ ଭବନ ଇତ୍ୟାଦି ନଥାଏ ।

୨୯୨. ଯିଏ ପରମାତ୍ମାରେ ଲୀନ ହୁଏ ସେ ପରମାତ୍ମା ହୋଇଯାଏ ବା ପରମାତ୍ମା ସେ ହୋଇଯା'ନ୍ତି, ତେଣୁ ସେ ଅଣୁ ଅଣୁ ହୋଇ ସର୍ବତ୍ର ବ୍ୟାପୀଯାଇଥାଏ ।

୨୯୩. ମାୟା ବା ସୈତାନ୍ କିମ୍ବା ସାତାନ୍ ମାନବକୁ ମତ ଦ୍ୱାରା ଭ୍ରମିତ କରିଥାଏ ।

୨୯୪. ମତ ପରମାତ୍ମାଙ୍କୁ ଜଣାଇପାରି ନଥାଏ, ପରମାତ୍ମାଙ୍କୁ ଜଣାଇଥାଏ ଜ୍ଞାନ ।

୨୯୫. ପରମାତ୍ମା କୌଣସି ମତର ନୁହନ୍ତି ।

୨୯୬. ମତ ପଛରେ ପରମାତ୍ମାଙ୍କୁ ଭାବନା କରି, ମତ ଭିତରେ ପରମାତ୍ମାଙ୍କୁ ପରିମିତ କରି କଥାକହିବା ଅଜ୍ଞାନ ହୋଇଥାଏ । ସମସ୍ତ ମତର ଆରାଧ୍ୟ ଏକୈକ ପରମାତ୍ମା ବୋଲି ଜାଣିଯିବା ପ୍ରକୃତ ଜ୍ଞାନ ହୋଇଥାଏ ।

୨୯୭. ପରମାତ୍ମା ଯେତେବେଳେ ଆସିଲେ ମଧ୍ୟ ଭଗବାନ ହୋଇ ଭୂପୃଷ୍ଠକୁ ଆସିଥା'ନ୍ତି ଅର୍ଥାତ୍ ପୁରୁଷ ଭାବରେ ଆସିଥା'ନ୍ତି ସିନା, କେବେ ମଧ୍ୟ ସ୍ତ୍ରୀ ଆକାର ଧାରଣକରି ଆସିନଥା'ନ୍ତି ।

୨୯୮. ସ୍ତ୍ରୀ, ପରୁଷଙ୍କ ଭିତରୁ ସ୍ତ୍ରୀ ପ୍ରକୃତିର, ପୁରୁଷ ପରମାତ୍ମାଙ୍କର ଚିହ୍ନ ବୋଲି ଜାଣିବା ଉଚିତ୍ ।

୨୯୯. ପରମାତ୍ମା ପୁରୁଷ ଜନ୍ମ ନେଇ ଭୂପୃଷ୍ଠକୁ ଆସିବାବେଳେ ପ୍ରକୃତି ମଧ୍ୟ ପୁରୁଷ ଜନ୍ମ ନେଇ ଭଗବାନ ଭାବରେ ପରିଚିତ ହୋଇଥାଏ ।

୩୦୦. ଭୂପୃଷ୍ଠକୁ ପରମାତ୍ମା ଆସନ୍ତୁ କି ପ୍ରକୃତି ଆସୁ, ସେମାନଙ୍କୁ କେହି ଚିହ୍ନି ନ ପାରିବା ଭଳି ସେମାନେ ସତର୍କ ରହିଥା'ନ୍ତି ।

୩୦୧. ଭୂପୃଷ୍ଠକୁ ଆସିଥିବା ପରମାତ୍ମା ମୁଁ ଭଗବାନ ବୋଲି କହନ୍ତି ନାହିଁ କି ଭୂପୃଷ୍ଠକୁ ଆସିଥିବା ପ୍ରକୃତି ମୁଁ ମାୟା ବୋଲି କହେ ନାହିଁ ।

୩୦୨. ସମ୍ପୂର୍ଣ୍ଣ ଦୈବଜ୍ଞାନ ଜାଣି ନଥିବା ଲୋକମାନେ ଭଗବାନଙ୍କୁ ସାମାନ୍ୟ ମାନବ ଭାବିଥା'ନ୍ତି ଆଉ ମାୟାକୁ ଭଗବାନ ଭାବିଥା'ନ୍ତି ।

୩୦୩. ଭୂପୃଷ୍ଠରେ ଜନ୍ମ ହୋଇଥିବା ପ୍ରତ୍ୟେକ ଜୀବ ଆତ୍ମା ଅଂଶର ହେଲେ ମଧ୍ୟ ସମସ୍ତଙ୍କର ପ୍ରକୃତି ଲକ୍ଷ୍ୟଣ ରହିଥାଏ ।

୩୦୪. ଜୀବାତ୍ମା ପୁରୁଷ ଅଂଶ ହେଲେ ମଧ୍ୟ, ପ୍ରକୃତି ଅଂଶ ହୋଇଥିବା ନପୁଂସକ ଭାବରେ ଥାଏ ।

୩୦୫. ଶରୀରରେ ୩ପ୍ରକାର ଆତ୍ମା ଏବଂ ୫ପ୍ରକାର ପ୍ରକୃତି ଥାଆନ୍ତି ।

୩୦୬. ପରମାତ୍ମା, ଆତ୍ମା, ଜୀବାତ୍ମା କୁହାଯାଉଥିବା ତିନିଆତ୍ମା ସହିତ ଆକାଶ, ଅଗ୍ନି, ବାୟୁ, ଜଳ, ଭୂମି ନାମକ ପ୍ରକୃତି ଅଂଶ ପାଞ୍ଚଗୋଟି ମିଶି ଶରୀର ସୃଷ୍ଟି ହୋଇଥାଏ ।

୩୦୭. ଶରୀର ପାଞ୍ଚ ପ୍ରକାରର ଉପକରଣ ହୋଇଥିବା ବେଳେ, ଶରୀରକୁ ଉପଯୋଗକରି ଆତ୍ମା କାର୍ଯ୍ୟ କରିଥାଏ, ସେଥିରେ ପରମାତ୍ମା ସାକ୍ଷୀ ଭାବରେ ରହୁଥାଇ ଜୀବାତ୍ମା କେବଳ ଅନୁଭବ କରିଥାଏ ।

୩୦୮. ଶରୀରରେ ଦେଖାଯାଉଥିବା ଅବୟବ, ଦେଖାଯାଉ ନଥିବା ଗୁଣରାଜି ମନ, ବୁଦ୍ଧି, ଚିତ୍ତ, ଅହଂ ଇତ୍ୟାଦି ପ୍ରକୃତି ଅଂଶର ହୋଇ ଥିବାବେଳେ, ଆତ୍ମା, ଜୀବାତ୍ମା ପରମାତ୍ମା ଅଂଶହୋଇ ଥାଆନ୍ତି ।

୩୦୯. ସାରା ଶରୀରରେ ବ୍ୟାପୀରହି,ନାନା କାର୍ଯ୍ୟ କରୁଥାଇ, କେହି ଜାଣି ନପାରିବା ସ୍ଥିତିରେ ଥାଏ ଆତ୍ମା । ଶରୀରରେ କୌଣସି ଏକ ସ୍ଥାନରେ ଥିବା ଜୀବାତ୍ମା କିଛି କରୁନଥିଲେ ମଧ୍ୟ, ତା'କୁ କିଛି ଜଣା ନଥିଲେ ମଧ୍ୟ, ସବୁ କରୁଛି, ସବୁ ଜାଣିଛି ବୋଲି ଭାବିଥାଏ ।

୩୧୦. ସାରା ଶରୀର ପ୍ରକୃତି, ଶରୀରର ମୂଳ ସୂତ୍ରଧାରୀ ପରମାତ୍ମା ଆଉ ସବୁସମୟର ପାତ୍ରଧାରୀ ଭାବରେ ଥାଏ ଆତ୍ମା, ସୂତ୍ରଧାରୀ କି ପାତ୍ରଧାରୀ ହୋଇନଥିବା ଜୀବାତ୍ମା ସାରାଶରୀର ହିଁ ମୁଁ ବୋଲି ଭ୍ରମିତ ହୋଇ ଆତ୍ମା, ପରମାତ୍ମାଙ୍କୁ କିମ୍ବା ପ୍ରକୃତିକୁ ମଧ୍ୟ ଜାଣି ପାରିନଥାଏ ।

୩୧୧. ଶରୀରରେ ଏକ କ୍ଷଣ ମଧ୍ୟ ବିଶ୍ରାମ ନନେଇ କାର୍ଯ୍ୟ କରିଥାଏ ଆତ୍ମା । ହେଉଥିବା କାର୍ଯ୍ୟକୁ ଦେଖି କିଛି ସମୟ ଜୀବାତ୍ମା ଅନୁଭବ କରିଥାଏ, ଆଉକିଛି ସମୟ ନଦେଖି ଚୂପ୍ ରହିଥାଏ । ଦେଖି ଅନୁଭବ କରୁଥିବା କାଳକୁ ଜାଗ୍ରତାବସ୍ଥା, ନଦେଖି ଚୂପ୍ ରହିବା କାଳକୁ ନିଦ୍ରାବସ୍ଥା କୁହାଯାଏ ।

୩୧୨. ଶରୀରର ଜୀବାତ୍ମା କିଛି ଜାଣିନଥିବା, କିଛି କରି ପାରୁନଥିବା ସର୍ବଦିଶାନ୍ଧ (ସବୁ ଦିଗରୁ ଅକ୍ଷମ) । ତା'କୁ ଜ୍ଞାନେନ୍ଦ୍ରିୟଗୁଡିକ ସମସ୍ତ ବିଷୟ ଜଣାଇଥା'ନ୍ତି ।

୩୧୩. ଶରୀରରେ ନିଜର ସ୍ୱରୂପ ସ୍ଥିତିକୁ ଜାଣି ନଥିବା ଜୀବାତ୍ମା ସବୁ ଜାଣିଛି, ସବୁ କରୁଛି ବୋଲି ଭ୍ରମିତ ହୋଇଥାଏ ।

୩୧୪. ପରମାତ୍ମା, ଆତ୍ମା, ଜୀବାତ୍ମା କ୍ରମରୁ ଜୀବାତ୍ମା ଶେଷରେ ଥିଲେ ମଧ୍ୟ ପ୍ରଥମରେ ଥାଏ ବୋଲି ଭ୍ରମିତ ହୋଇଥାଏ ।

୩୧୫. ପ୍ରତ୍ୟେକ ମାନବର ହସ୍ତରେ ଜୀବାତ୍ମାରେଖା, ଆତ୍ମାରେଖା ଦେଖାଯିବା ଭଳି, ଦୁଇରେଖାର ଉପରେ ପରମାତ୍ମାରେଖା ସ୍ୱତନ୍ତ୍ରଭାବରେ ଦେଖାଯିବା ଭଳି ମାତୃଗର୍ଭରୁ ମୁଦ୍ରିତ ହୋଇଥାଏ ।

୩୧୬. ପରମାତ୍ମା ସାରା ବିଶ୍ୱରେ, ଆତ୍ମା ସାରା ଶରୀରରେ, ଜୀବାତ୍ମା ଶରୀରସ୍ଥ ମୁଣ୍ଡର ଏକ ସୂଚିମୂନ ଭଳି ସ୍ଥାନରେ ରହିଥା'ନ୍ତି ।

୩୧୭. ଆତ୍ମା, ଜୀବାତ୍ମା ଉଭୟ ଜୋଡିଆତ୍ମା ଅର୍ଥାତ୍ ଜୁଗଳାତ୍ମାଭାବରେ ରହିଥା'ନ୍ତି । ଜୀବାତ୍ମାକୁ ଛାଡି ଆତ୍ମା, ଆତ୍ମାକୁ ଛାଡି ଜୀବାତ୍ମା କଦାପି ରହିପାରେ ନାହିଁ ।

୩୧୮. ଶରୀରରେ ସୂଚିମୁନର ସ୍ଥାନରେ ଜୀବାତ୍ମା ରହିଥିବା ସ୍ଥଳେ ପରମାତ୍ମା ସାରା ବିଶ୍ୱରେ ସୂଚିମୂନର ସ୍ଥାନ ମଧ୍ୟ ନଛାଡି ବ୍ୟାପୀରହିଥା'ନ୍ତି ।

୩୧୯. ଜୀବାତ୍ମାର ଏକ ଆକାର ଥିବା ସ୍ଥଳେ ଆତ୍ମାର ଅନେକ ଆକାର ରହିଛି, ହେଲେ ପରମାତ୍ମାଙ୍କର ରୂପ ନାହିଁ ।

୩୨୦. ଜୀବାତ୍ମା ଆଉ ଆତ୍ମାର ସ୍ଥାନ, ଆକାର, ନାମ, କାର୍ଯ୍ୟ ଥିବା ସ୍ଥଳେ ପରମାତ୍ମାଙ୍କର ଏସବୁ କିଛି ନଥାଏ ।

୩୨୧. ଭୂପୃଷ୍ଠରେ ପ୍ରଚରିତ ହୋଇଥିବା ଗୁଣ ହେଉଛି ଛଅଗୋଟି । ତାହାକୁ ହିଁ ଅରିଷଟ୍ ବର୍ଗ ବା ଷଡରୀପୁ କହନ୍ତି । ଭୂପୃଷ୍ଠରେ ପ୍ରଚର ହୋଇନଥିବା ଗୁଣ ମଧ୍ୟ ଛଅଗୋଟି ରହିଛି, ତାହାକୁ

ମିତ୍ରଷଟ୍ ବା ଷଡମିତ୍ରଗୁଣ କହନ୍ତି । ମିତ୍ରଷଟ୍ ଗୁଣଗୁଡିକ ବାବଦରେ କାହାକୁ ମଧ୍ୟ ଜଣାନାହିଁ, ତାହାକୁ ପ୍ରଥମେ ଆମେ (**ଶ୍ରୀଶ୍ରୀଶ୍ରୀ ଆର୍ଯ୍ୟ ପ୍ରବୋଧାନନ୍ଦ ଯୋଗୀଶ୍ୱର**) କହିଛୁ ।

୩୨୨. ଗୁଣଗୁଡିକ ଷଡରୀପୁ, ଷଡମିତ୍ର ଭାବରେ ୧୨ଗୋଟି ରହିଛି । ସେଗୁଡିକ ହିଁ ମାୟାର ପ୍ରତିରୂପ ।

୩୨୩. ପରମାତ୍ମା ତିଆରି କରିଥିବା ମାୟା ଗୁଣ ରୂପରେ ମଣିଷର ମୁଣ୍ଡରେ ରହିଛି ଏହା କାହାକୁ ଜଣା ନାହିଁ ।

୩୨୪. ପରମାତ୍ମା ସାରାପ୍ରପଞ୍ଚରେ, ଆତ୍ମା ସାରାଶରୀରରେ ବ୍ୟାପୀ-ରହିଥିଲେ ମଧ୍ୟ, ମୁଣ୍ଡର ଗୋଟିଏ ସ୍ଥାନରେ ଗୁଣରୂପରେ ରହିଥିବା ମାୟା ମଣିଷକୁ ନିଜଦିଗରେ ଟାଣି ନେଇଥାଏ ।

୩୨୫. ଶରୀରରେ ଜୀବାତ୍ମାର ଜଗୁଆଳି ହୋଇ ସାଥିରେ ରହିଥିବା ଆତ୍ମାବଳଠାରୁ ମାୟାବଳ ୧୦୮ଗୁଣ ଅଧିକ । ତେଣୁ ଜୀବାତ୍ମାକୁ ନିଜ ଦିଗରେ ଟାଣିନେବା ଖେଳରେ ଆତ୍ମା ଅପେକ୍ଷା ମାୟାବଳ ଅଧିକ ବୋଲି କହିପାରିବା ।

୩୨୬. ଏକଭାଗ ବଳ ଥିବା ଆତ୍ମା ୧୦୮ଭାଗ ଅଧିକ ବଳ ଥିବା ମାୟା ଆଗରେ ହାରିଯିବାକୁ ପଡିଥାଏ ।

୩୨୭. ଆତ୍ମାମାର୍ଗକୁ ଦୈବମାର୍ଗ, ଗୁଣମାର୍ଗକୁ ମାୟାମାର୍ଗ ବୋଲି ଯେଉଁମାନେ କହନ୍ତି ସେମାନେ ଆତ୍ମାମାର୍ଗ ସଂକୁଚିତ, ମାୟାମାର୍ଗ ବିଶାଳ ବୋଲି କହନ୍ତି ।

୩୨୮. ଦୈବମାର୍ଗ ତୋ'ରି ଭଳି ତେଣୁ ସଂକୁଚିତ । ମାୟାମାର୍ଗ ତୋ'ଠାରୁ ୧୦୮ଗୁଣ ବଡ ତେଣୁ ତାହା ବିଶାଳ ।

୩୨୯. ଶରୀରରେ ଗୁଣରାଜି ରହିଛନ୍ତି ବୋଲି ସମସ୍ତଙ୍କୁ ଜଣାଥାଏ, କିନ୍ତୁ କେଉଁ ଗୁଣ କେତେବେଳେ କି କାର୍ଯ୍ୟ କରୁଛି କାହାକୁ

ଜଣାନଥାଏ । ସେଥିଲାଗି କାମ ଆଉ ମୋହଗୁଣର ବିଭେଦ ନଜାଣି ଦୁଇଟିଯାକ ଗୁଣକୁ ଏକ ବୋଲି ଭାବିଥା'ନ୍ତି ।

୩୩୦. ବୟସ ବଢି ମଣିଷ ବୃଦ୍ଧହେବା କ୍ରମରେ ଦୁର୍ବଳ ହୋଇଥାଏ ସିନା, ତା'ର ଗୁଣବଳ ବଢିଚାଲିଥାଏ । ସେଥିଲାଗି ବୃଦ୍ଧମାନଙ୍କର ଗୁଣବଳ ଅଧିକ ।

୩୩୧. ବୃଦ୍ଧ ଯୁବକ ଭଳି ପରିଶ୍ରମ କରି ନପାରିଲେ ମଧ୍ୟ ଯୁବକଠାରୁ ଅଧିକ ଆଲୋଚନା କରିପାରେ ।

୩୩୨. ମଣିଷର ଶତ୍ରୁ, ମିତ୍ର ଭଳି ଥିବା ଗୁଣରାଜିକୁ ଭଲଗୁଣ ଆଉ ଖରାପଗୁଣ ନାମରେ କୁହାଯାଏ ।

୩୩୩. ଶରୀରରେ ମନ୍ଦ ଗୁଣଗୁଡିକ କାର୍ଯ୍ୟ କରିପାରୁଥିବା ଭଳି ଭଲ ଗୁଣଗୁଡିକ କରିପାରି ନଥା'ନ୍ତି ବୋଲି କହିପାରିବା ।

୩୩୪. ଭଲ ହେଉ କି ମନ୍ଦ ତାହା ହିଁ ମାୟା, କିନ୍ତୁ ପରମାତ୍ମାଙ୍କର ଭଲମନ୍ଦରେ ସମ୍ପର୍କ ନଥାଏ ।

୩୩୫. ମନ୍ଦ ଗୁଣଗୁଡିକ ଦ୍ୱାରା ପାପ ଏବଂ ଭଲ ଗୁଣଗୁଡିକ ଦ୍ୱାରା ପୁଣ୍ୟ ମିଳିଥାଏ । ଏହି ଭଲ, ମନ୍ଦ ଗୁଣ ଦୁଇଟି ଯେତେବେଳେ କାର୍ଯ୍ୟ କରିନଥାଏ ସେତେବେଳେ ମଣିଷ କର୍ମବନ୍ଧନରେ ପଡିନଥାଏ ।

୩୩୬. ଶରୀରରେ ଆଲୋଚନା ଗୁଣଗୁଡିକ ଦ୍ୱାରା ଆସିଥାଏ । ଆଲୋଚନା ଦ୍ୱାରା କାର୍ଯ୍ୟ, କାର୍ଯ୍ୟ ଦ୍ୱାରା କର୍ମବନ୍ଧନ ଆସିଥାଏ ।

୩୩୭. ଗୁଣଗୁଡିକ ଦ୍ୱାରା ବିଷୟ ମନୋସ୍ମୃତିରେ ଆସିବା ବେଳେ, ତାହାକୁ ଭଲ ଏବଂ ମନ୍ଦ ଭେଦରେ ବୁଦ୍ଧି ବିଚାର କରିଥାଏ । ପ୍ରାରବ୍ଧକର୍ମ ଅନୁସାରେ ସେହି ବିଚାରରୁ ଚିତ୍ତ କୌଣସି ଏକ ନିର୍ଣ୍ଣୟ ନେଇଥାଏ,ନିର୍ଣ୍ଣୟ ଅନୁସାରେ ଇନ୍ଦ୍ରିୟଗୁଡିକ କାର୍ଯ୍ୟ କରିଥା'ନ୍ତି ।

୩୩୮. କାର୍ଯ୍ୟ ସହିତ କିମ୍ବା ଗୁଣଗୁଡିକ  ସହିତ ସମ୍ପର୍କ ନଥିବା ଅହଂ ଜୀବସହିତ ତାଦାତ୍ମ୍ୟ ହୋଇ । ଶରୀର ଦ୍ୱାରା ଯାହାସବୁ ହେଉଛି ତାହା ତୁ ହିଁ କରୁଛୁ ବୋଲି ଜୀବକୁ ଭ୍ରମିତ  କରିଥାଏ, ସେଥିଲାଗି ମୁଁ ହିଁ ସବୁକିଛିର କର୍ତ୍ତା ବୋଲି ଜୀବାତ୍ମା ଭାବିଥାଏ ।

୩୩୯. ଅହଂ ଏକ ଗୁଣ ନୁହେଁ ! ଜୀବାତ୍ମାକୁ ଲାଗିରହିଥିବାଏକ ପରଦା ।

୩୪୦. ଶରୀରରେ ଅହଂର ସ୍ୱତନ୍ତ୍ରସ୍ଥାନ କେଉଁଠାରେ ନାହିଁ, ସେ ଜୀବର ଏକ ଅଂଶ ଭଳି ରହିଥାଏ ।

୩୪୧. ଅହଂ ବୁଦ୍ଧି,ଚିତ୍ତକୁ ଲାଗିରହିସେ ଦୁଇଟିର ପଛରେ ଥାଏ । ତେଣୁ ବୁଦ୍ଧି ଯାହା ବିଚାରକରେ,ଚିତ୍ତ ଯେଉଁ ନିର୍ଣ୍ଣୟ ନିଏ ତାହା ତୋର ବିଚାର, ତୋରି ନିର୍ଣ୍ଣୟ ବୋଲି ଅହଂ ଜୀବକୁ ଜଣାଇବା ଦ୍ୱାରା ଜୀବାତ୍ମା ସବୁ ମୁଁ କରୁଛି ବୋଲି ଭାବିଥାଏ ।

୩୪୨. ଶରୀରରେ  ଥିବା ୨୪ଗୋଟି ପ୍ରକୃତି ଭାଗରୁ ଜୀବାତ୍ମାକୁ ଲାଗି-ରହିଥିବା ଭାଗଗୁଡିକ ହେଉଛନ୍ତି ଅହଂ, ଚିତ୍ତ ଆଉ ବୁଦ୍ଧି ।

୩୪୩. ଅହଂ ହେଉଛି ବୁଝି ହେଉନଥିବା ଜୀବର ଏକ ସ୍ୱରୂପ । ତେଣୁ ଅନେକ ଲୋକ ଅହଂଭାବକୁ ଗର୍ବ ଭାବିଥା'ନ୍ତି ।

୩୪୪. ଯେଉଁମାନେ ଅହଂକୁ ଏକ ଗୁଣ ଭାବନ୍ତି ସେମାନେ ଜ୍ଞାନଶୁନ୍ୟ ।

୩୪୫. ଶରୀର ସ୍ଥୁଳ, ସୂକ୍ଷ୍ମ ଭାବରେ ରହିଛି ।  ସମସ୍ତଙ୍କୁ ସ୍ଥୁଳରୂପ ଜଣା ଥାଏ ସିନା ସୂକ୍ଷ୍ମରୂପ ଜଣାନଥାଏ ।

୩୪୬. ସ୍ଥୁଳଶରୀର  ବାହାରେ ୧୦ଭାଗ  ହୋଇ ଥିଲେ ମଧ୍ୟ ଭିତରେ ଦେଖାଯାଉ ନଥିବା ହୃତ୍ପିଣ୍ଡ, ଫୁସ୍‌ଫୁସ୍, ଯକୃତ ଇତ୍ୟାଦି ଅନେକ ଅବୟବ ରହିଛି ।

୩୪୭. ସୂକ୍ଷ୍ମଶରୀର ୧୫ଭାଗର  ହେଲେ  ମଧ୍ୟ  ଭିତରେ  ଦେଖାଯାଉ ନଥିବା ଗୁଣ, କର୍ମ ଇତ୍ୟାଦି ଅନେକକିଛି ରହିଛି ।

୩୪୮. ଜୀବ ବଞ୍ଚୁଥିବା ଶରୀର ସ୍ଥୁଳ, ସୂକ୍ଷ୍ମଭାବରେ ହିସାବ ହେଉଥିଲେ ମଧ୍ୟ ତା'ସହିତ ଅନୁସନ୍ଧିତ ହୋଇ ଅନେକ ସ୍ଥୁଳ ସୂକ୍ଷ୍ମ ରହିଛି ।

୩୪୯. ଭୌତିକ ଶରୀରର ଭିତର, ବାହାର ଅବୟବଗୁଡିକ ବାବଦରେ ଜାଣିଥିବା ଡାକ୍ତରମାନେ ସୂକ୍ଷ୍ମ ଭାବରେ ଥିବା ମନ, ବୁଦ୍ଧି, ଗୁଣ, କର୍ମାଦିକୁ ଜାଣିପାରି ନଥା'ନ୍ତି ।

୩୫୦. ଜ୍ଞାନୀ ହେବାପାଇଁ ପ୍ରଥମେ ଶରୀରର ଏଇ ସ୍ଥୁଳ ଅବୟବ ଏବଂସୂକ୍ଷ୍ମ ଅବୟବ ବାବଦରେ ଜାଣିବା ଆବଶ୍ୟକ ।

୩୫୧. ପରମାତ୍ମାଙ୍କୁ ଯଦିଓ ଜାଣିହୁଏ, ଏଇ ଶରୀରରେ ଜାଣିହୁଏ, ତାଙ୍କର ଆରାଧନା ମଧ୍ୟ ଶରୀର ଭିତରେ କରିବାକୁ ହୁଏ, ତେଣୁ ଜ୍ଞାନୀମାନେ ଶରୀର ବାବଦରେ ସମ୍ପୂର୍ଣ୍ଣ ଜାଣିବା ଉଚିତ୍ ।

୩୫୨. ଯିଏ ଦେହରେ ବାସ କରୁଛି ତାକୁ ଦେହୀ କୁହାଯାଏ । ଦେହସାରା ବ୍ୟାପିରହିଥାଏ ଆତ୍ମା ଆଉ ଦେହର ଏକ ସ୍ଥାନରେ ରହିଥାଏ ଜୀବାତ୍ମା ।

୩୫୩. ଆତ୍ମା ଚୈତନ୍ୟ ସ୍ୱରୂପ ହୋଇଥିବାରୁ ସେ ଶରୀରରେ ଥିବା ପର୍ଯ୍ୟନ୍ତ ଶରୀର ଚୈତନ୍ୟବନ୍ତ ହୋଇଥାଏ ।

୩୫୪. ଆତ୍ମା ଛାଡି ଚାଲିଯାଇଥିବା ଶରୀର ଚୈତନ୍ୟହୀନ ହୋଇଯାଏ ।

୩୫୫. ଜୀବାତ୍ମା ସ୍ୱୟଂ ଶରୀର ଛାଡି ଯାଇପାରେ ନାହିଁ କି ପ୍ରବେଶ କରିପାରେ ନାହିଁ ।

୩୫୬. ଜୀବାତ୍ମାକୁ ଶରୀର ଭିତରେ ପ୍ରବେଶ କରାଇବା ଏବଂ ଶରୀର ଭିତରୁ ବାହାରକୁ ନେଇଯିବା କାର୍ଯ୍ୟ କରିଥାଏ ଆତ୍ମା ।

୩୫୭. ଜୀବାତ୍ମା ଆଉ ପରମାତ୍ମାଙ୍କ ମଝିରେ ଥାଏ ଆତ୍ମା ।

୩୫୮. ଜୀବାତ୍ମା ସହିତ ଆତ୍ମାର, ଆତ୍ମା ସହିତ ପରମାତ୍ମାଙ୍କର,

ପରମାତ୍ମାଙ୍କ ସହିତ ପ୍ରକୃତିର, ପ୍ରକୃତି ସହିତ ଜୀବାତ୍ମାର ସମ୍ପର୍କକୁ ଦୈବଜ୍ଞାନ ହିଁ ଜଣାଇଥାଏ ।

୩୫୯. ପ୍ରକୃତି ପରମାତ୍ମା ହିଁ ଜୀବାତ୍ମାର ପ୍ରକୃତ ମାତାପିତା ବୋଲି ଜାଣିବା ପ୍ରକୃତ ଜ୍ଞାନ ହୋଇଥାଏ ।

୩୬୦. ପରମାତ୍ମା କିଏ ଆଉ ପ୍ରକୃତି କଅଣ ନଜାଣିବା ପର୍ଯ୍ୟନ୍ତ ତୋ'ଶରୀର ବାବଦରେ ତୁ ଜାଣି ପାରିବୁ ନାହିଁ ।

୩୬୧. ପୁରୁଷ ତତ୍ତ୍ୱରେ ପୂର୍ଣ୍ଣ ଥାଆନ୍ତି ପରମାତ୍ମା, ସ୍ତ୍ରୀତତ୍ତ୍ୱରେ ପରିପୂର୍ଣ୍ଣ ହୋଇ ରହିଥାଏ ପ୍ରକୃତି ଆଉ ନପୁଂସକତତ୍ତ୍ୱରେ ରହିଥାଏ ଜୀବାତ୍ମା । ଏହା ଜାଣିବା ଉଚିତ୍ ।

୩୬୨. ପ୍ରକୃତି, ପୁରୁଷ ଏବଂ କର୍ମବନ୍ଧନରେ ଥିବା ଜୀବ ବାବଦରେ - ଜାଣିବାପାଇଁ ଭୂପୃଷ୍ଠରେ ସ୍ତ୍ରୀ ଜନ୍ମ, ପୁରୁଷ ଜନ୍ମ ଆଉ ନପୁଂସକ ଜନ୍ମ ରହିଥାଏ ।

୩୬୩. ପରମାତ୍ମାଙ୍କ ଅଂଶ ହୋଇଥିବା ଜୀବ ପ୍ରକୃତିଅଂଶ ହୋଇଥିବା ଶରୀରରେ ରହିଥିବା ବେଳେ ସେ ନପୁଂସକ ହୋଇଥାଏ । ସେହି ହିସାବରେ ବା ଆଧ୍ୟାତ୍ମିକ ଦୃଷ୍ଟିରେ ଆମେ ସମସ୍ତେ ନପୁଂସକ ।

୩୬୪. ଦୈବଜ୍ଞାନ ନାମକ ଔଷଧ ସେବନକରି ନପୁଂସକ ରୋଗରୁ ମୁକ୍ତ ହୋଇ ପୁରୁଷତତ୍ତ୍ୱରେ ପରିପୂର୍ଣ୍ଣ ହେବା ହିଁ 'ଜୀବଦୈବ ଐକ୍ୟସନ୍ଧାନ' ହେବା ।

୩୬୫. ପଦାର୍ଥଗୁଡିକ ପ୍ରକୃତି ହେବାବେଳେ, ଆତ୍ମା ରୋଷେଇଆ ହୋଇ ରୋଷେଇ କରିବା ପରେ, ତାହା ଖାଇ ଅନୁଭବ କରିଥାଏ ଜୀବାତ୍ମା, କରାଇଥା'ନ୍ତି ପରମାତ୍ମା, କିନ୍ତୁ ମୁଁ ହିଁ କର୍ତ୍ତା ବୋଲି ଭାବିଥାଏ ଜୀବାତ୍ମା ।

୩୬୬. ପରମାତ୍ମାଙ୍କ ସଙ୍କଳ୍ପ ଦ୍ୱାରା ପଞ୍ଚଭୂତ ହୋଇଥିବା ପ୍ରପଞ୍ଚ ଏବଂ ଜନ୍ମ ମରଣର ଏଇ ଜଗତ ସୃଷ୍ଟି ହୋଇଛି ।

୩୬୭. ସବୁକିଛିର ଆଧାର, ସବୁଠାରୁ ଶ୍ରେଷ୍ଠ, ସବୁର ମୂଳ ପ୍ରକୃତି ନୁହେଁ କି ଆତ୍ମା, ଜୀବାତ୍ମା ନୁହନ୍ତି । ସମସ୍ତଙ୍କୁ ନେଇ ଖେଳିଥାଏ ମାୟା, ତା'ଦ୍ୱାରା ଖେଳାଇଥା'ନ୍ତି ପରମାତ୍ମା । ତେଣୁ ସବୁକିଛିର ଆଧାର, ସର୍ବଶ୍ରେଷ୍ଠ ଆଉ ସର୍ବସ୍ୱର ମୂଳ ହେଉଛନ୍ତି ପରମାତ୍ମା ।

୩୬୮. ଦୈବାରାଧାନା କରିବାପାଇଁ ଏବଂ ଶରୀର ପୋଷଣ କରିବା ପାଇଁ ଯଜ୍ଞକରିବା ଉଚିତ୍ ।

୩୬୯. ଶରୀରରେ ଦୁଇ ପ୍ରକାରର ଯଜ୍ଞ କରିପାରିବା, ସେ ଦୁଇଟି ଯଜ୍ଞ ଭିତରୁ ଆମେ ସବୁଦିନ କରୁଥିବା ଯଜ୍ଞର ନାମ ହେଉଛି ଦ୍ରବ୍ୟଯଜ୍ଞ ।

୩୭୦. ଶରୀର ଦୁଇପ୍ରକାରର ଯଜ୍ଞବେଦି ହୋଇ ରହିଛି । ପେଟ ଭିତରେ ହେଉଥିବା ଦ୍ରବ୍ୟଯଜ୍ଞ ଅପେକ୍ଷା ମୁଣ୍ଡରେ ହେଉଥିବା ଜ୍ଞାନଯଜ୍ଞ ଶ୍ରେଷ୍ଠ ।

୩୭୧. ଯଜ୍ଞ କହିଲେ ଯାହା ଅଛି ତାହାକୁ ନରହିବା ଭଳି କରିବା ବା ଜଳାଇଦେବା ବୋଲି ଜାଣିବା ଉଚିତ୍ । ମୁଖ ଦ୍ୱାରା ଆମେ ଖାଉଥିବା ଦ୍ରବ୍ୟରାଶି ପେଟର ଜଠରାଗ୍ନି ଦ୍ୱାରା ଜଳାଇବାକୁ ଦ୍ରବ୍ୟଯଜ୍ଞ କହନ୍ତି ।

୩୭୨. ଶରୀରରେ ହେଉଥିବା ଯଜ୍ଞର ନମୁନା ଭାବରେ ଦେଖାଇ ଦିଆ-ଯାଇଥାଏ ବାହ୍ୟଯଜ୍ଞ, ସେହି ଯଜ୍ଞରେ ଅଗ୍ନି ଦ୍ୱାରା ସମୀଧଗୁଡିକ ଜଳିବା ଭଳି ଶରୀର ଭିତରେ ରହିଥାଏ ଦୁଇଟି ଯଜ୍ଞ ।

୩୭୩. ଶରୀରରେ ହେଉଥିବା ଜ୍ଞାନଯଜ୍ଞ, ଦ୍ରବ୍ୟଯଜ୍ଞ ଅପେକ୍ଷା ଶ୍ରେଷ୍ଠ ।

କାରଣ ! ଜ୍ଞାନଯଜ୍ଞରେ ପାଞ୍ଚଗୋଟି ଭୌତିକ ଜ୍ଞାନ ଜଳିଯାଇଥାଏ ।

୩୭୪. ଦ୍ରବ୍ୟଯଜ୍ଞରେ ଚାରି ପ୍ରକାରର ଦ୍ରବ୍ୟରାଶି ଜଳିଯାଉଥିବା ବେଳେ ତାହାକୁ ଜଳାଇଥାଏ ଜଠରାଗ୍ନି । ସେହିଭଳି ଜ୍ଞାନଯଜ୍ଞରେ ପାଞ୍ଚ ପ୍ରକାରର ଇନ୍ଦ୍ରିୟଜ୍ଞାନ ଜଳିଯାଇଥାଏ, ସେଗୁଡିକୁ ଜ୍ଞାନାଗ୍ନି ହିଁ ଜଳାଇଥାଏ ।

୩୭୫. ଶରୀରରେ ହେଉଥିବା ଦୁଇ ପ୍ରକାରର ଯଜ୍ଞରୁ ଦ୍ରବ୍ୟଯଜ୍ଞ ଆତ୍ମା ସମ୍ବନ୍ଧୀୟ, ଜ୍ଞାନଯଜ୍ଞ ଜୀବାତ୍ମା ସମ୍ବନ୍ଧୀୟ ।

୩୭୬. ଦ୍ରବ୍ୟଯଜ୍ଞ ଆତ୍ମାପାଇଁ ଉପଯୋଗୀ ହୋଇଥାଏ । ତେଣୁ ଆତ୍ମା ଦ୍ରବ୍ୟଯଜ୍ଞକୁ ସୂଚାରୁ ସମ୍ପାଦନ କରିଥାଏ ।

୩୭୭. ଜ୍ଞାନଯଜ୍ଞ ଜୀବପାଇଁ ଉପଯୋଗୀ ହୋଇଥାଏ ତେଣୁ ଜୀବାତ୍ମା ଜ୍ଞାନଯଜ୍ଞ କରିବା ଉଚିତ୍, କିନ୍ତୁ ଜୀବାତ୍ମା ଜ୍ଞାନଯଜ୍ଞ କରିନଥାଏ ।

୩୭୮. ଦ୍ରବ୍ୟଯଜ୍ଞ ପ୍ରତ୍ୟେକ ଜୀବରାଶି କରିଥା'ନ୍ତି । ଜ୍ଞାନଯଜ୍ଞ କରୁଥିବା ଜୀବ କ୍ୱଚିତ୍ କେହି କୋଟିଏରେ ଗୋଟିଏ ରହିଥାଏ ।

୩୭୯. ସମାଜରେ ଜ୍ଞାନୀମାନେ, ସ୍ୱାମିଜୀମାନେ, ପୀଠାଧିପତିମାନେ ଭିତରେ ହେଉଥିବା ଜ୍ଞାନଯଜ୍ଞ ବାବଦରେ ନଜାଣି, ବାହ୍ୟ ଅଗ୍ନିରେ ସମୀଧ ଜଳାଇବା କାର୍ଯ୍ୟ କରିଥା'ନ୍ତି ।

୩୮୦. ଦ୍ରବ୍ୟଯଜ୍ଞ ଦ୍ୱାରା ପାପପୁଣ୍ୟ ନାମକ କର୍ମ ମିଳୁଥିବା ବେଳେ, ଜ୍ଞାନଯଜ୍ଞ ଦ୍ୱାରା ପରମପଦ ନାମକ ମୋକ୍ଷ ମିଳିଥାଏ ।

୩୮୧. ଶରୀରରେ ରହିଥିବା ଜ୍ଞାନେନ୍ଦ୍ରିୟଗୁଡିକ ଦ୍ୱାରା କର୍ମ ସମ୍ଭବ ହୋଇଥାଏ, ଏହି କର୍ମ ତିନି ପ୍ରକାରର ।

୩୮୨. ପ୍ରାରବ୍ଧ,ଆଗାମୀ,ସଞ୍ଚିତ କୁହାଯାଉଥିବା ତିନିପ୍ରକାରର କର୍ମରୁ

ଏ ଜନ୍ମରେ ଜନ୍ମହେବା ଠାରୁ ମୃତ୍ୟୁବରଣ କରିବା ପର୍ଯ୍ୟନ୍ତ ଯେଉଁ କର୍ମ ବିତିଥାଏ ତାହାକୁ ପ୍ରାରବ୍ଧକର୍ମ କୁହାଯାଏ ।

୩୮୩. ଆଗାମୀକର୍ମ କହିଲେ ଜନ୍ମଠାରୁ ମୃତ୍ୟୁପର୍ଯ୍ୟନ୍ତ ଆସୁଥିବା ନୂଆ କର୍ମ ବୋଲି ଜାଣିବା ଉଚିତ୍ ।

୩୮୪. ଜୀବନରେ ସାଧାରଣ ମଣିଷ କରୁଥିବା କାର୍ଯ୍ୟଗୁଡିକ ପ୍ରାରବ୍ଧ, ଆଗାମୀ ନାମଦୁଇଟି କର୍ମ ସଂସ୍ପର୍ଶରେ ଆସିଥାଏ,ସେ ଅନୁଭବ କରି ପ୍ରାରବ୍ଧକୁ କଟାଉଥିବା ବେଳେ, ସେହି ସମୟରେ ଅହଂକାର ଯୁକ୍ତହୋଇ ଆଗାମୀକର୍ମ ଅର୍ଜନ କରିଥାଏ ।

୩୮୫. ଜନ୍ମ ଜନ୍ମରେ ଅନୁଭବ କରିବା ପରେ ବଳକା ରହି ରହି କର୍ମର ପାହାଡ ହୋଇଥାଏ ସଞ୍ଚିତକର୍ମ ।

୩୮୬. ଶାସ୍ତ୍ରଗୁଡିକ ଛଅଗୋଟି, ପୁରାଣଗୁଡିକ ଅଠରଗୋଟି । ଅଜ୍ଞାନୀମାନେ ଭକ୍ତିମାର୍ଗରେ ପ୍ରବେଶ କରିବାପାଇଁ ପୁରାଣ ଉପଯୋଗୀ ହୋଇଥାଏ, ଜ୍ଞାନୀମାନେ ମୋକ୍ଷରେ ପ୍ରବେଶ କରିବାପାଇଁ ଶାସ୍ତ୍ର ଆବଶ୍ୟକ ହୋଇଥାଏ ।

୩୮୭. ଅଠରଖଣ୍ଡ ପୁରାଣରୁ ଭକ୍ତି ପାଇଁ ଭାଗବତ ମୁଖ୍ୟ ହୋଇଥିବା ବେଳେ, ଷଡଶାସ୍ତ୍ର ଭିତରୁ ଦୈବଜ୍ଞାନ ଜାଣିବା ପାଇଁ ଯୋଗଶାସ୍ତ୍ର ମୁଖ୍ୟ ହୋଇଥାଏ ।

୩୮୮. ଭଗବାନ କହିଥିବା ଭଗବଦ୍ଗୀତା ହିଁ ଶତପ୍ରତିଶତ ଯୋଗଶାସ୍ତ୍ର ।

୩୮୯. ପୁରାଣ ତୁଣ୍ଡର, ଶାସ୍ତ୍ର ପେଟର ବୋଲି କହିଥା'ନ୍ତି, ତେଣୁ ପୁରାଣକୁ ଅସତ୍ୟ ଏବଂ ଶାସ୍ତ୍ରକୁ ସତ୍ୟ କହିପାରିବା ।

୩୯୦. ଶାସନରେ ପରିପୂର୍ଣ୍ଣ ହୋଇ ରହିଥାଏ ଶାସ୍ତ୍ର, କଳ୍ପନାରେ ପରିପୂର୍ଣ୍ଣ ହୋଇ ରହିଥାଏ ପୁରାଣ ।

୩୯୧. ବିଷୟଗୁଡ଼ିକୁ ମନନ କରିଥାଏ ମନ ।

୩୯୨. କେତେକ ଜ୍ଞାନୀମାନେ ମନକୁ ଅତିଚଞ୍ଚଳ କୁକୁର ସହିତ, ଅତିନୀଚ ସୂକର ସହିତ, ବଳଶାଳୀ ହାତୀ ସହିତ ତୁଳନାକରି କହିଛନ୍ତି । ମନ ଏକ ବିଷୟ ଉପରେ ସ୍ଥିର ନରହି,ନୀଚାତିନୀଚ ବିଷୟକୁ ଆଣି ଆଲୋଚନା କରିଥାଏ । ମନ ଏତେ ବଳଶାଳୀ ଯେ ତାକୁ ସାଧ୍ୟ କରିବାକୁ ଇଚ୍ଛାକଲେ ମଧ୍ୟ ସାଧ୍ୟ ହୋଇନଥାଏ ।

୩୯୩. ମନ ଜାଗ୍ରତାବସ୍ଥାରେ ଏକ ଆକାର ଆଉ ନିଦ୍ରାବସ୍ଥାରେ ଅନ୍ୟ-ଏକ ଆକାର ଧାରଣ କରିଥାଏ ।

୩୯୪. ଜାଗ୍ରତାବସ୍ଥାରେ ଶରୀର ଆକୃତି ଧାରଣ କରିଥିବା ମନ ନିଦ୍ରାବସ୍ଥାରେ ଧୂଳିକଣା ଆକାରର ହୋଇଯାଇଥାଏ ।

୩୯୫. ଅଜ୍ଞାନୀମାନଙ୍କ ଅପେକ୍ଷା ସାଧନା କରୁଥିବା ଲୋକର ମନ ଖୁବ୍ ବେଗରେ କାର୍ଯ୍ୟ କରିଥାଏ ।

୩୯୬. ଶରୀରରେ ମନ ଦୁଇପ୍ରକାରର କାର୍ଯ୍ୟ କରିଥାଏ । ଗୋଟିଏ କାର୍ଯ୍ୟ ହେଲା ବିଷୟଗୁଡ଼ିକୁ ମନେପକାଇବା ଆଉ ଅନ୍ୟ କାର୍ଯ୍ୟଟି ହେଲା ବୁଦ୍ଧି ଯେଉଁ ସମାଚାର ଦେଇଥାଏ ତା'କୁ ଆଣି ବାହାରର ଇନ୍ଦ୍ରିୟଗୁଡ଼ିକରେ ପହଞ୍ଚାଇବା ଏବଂ ବାହାର ଇନ୍ଦ୍ରିୟଗୁଡ଼ିକର ବିଷୟକୁ ନେଇ ବୁଦ୍ଧି ପାଖରେ ପହଞ୍ଚାଇବା ।

୩୯୭. ମଣିଷର ନିଦ୍ରା, ଜାଗ୍ରତ ସ୍ଥିତି ମନ ଅନୁସାରେ ଆସିଥାଏ । ମନ ଶରୀରସାରା ବ୍ୟାପୀ ରହିଥିବା ବେଳେ, ଅର୍ଥାତ୍ ସୂର୍ଯ୍ୟ କିମ୍ବା ଚନ୍ଦ୍ରନାଡୀରେ ଥିବାବେଳେ ସେହି ସ୍ଥିତିକୁ ଜାଗ୍ରତାବସ୍ଥା କହନ୍ତି, ମନ ବ୍ରହ୍ମନାଡୀରେ ମିଶିଯିବା ସ୍ଥିତିକୁ ନିଦ୍ରା କହନ୍ତି ।

୩୯୮. ମଣିଷ ମନକୁ ଜିତିପାରିଲେ ବ୍ରହ୍ମଯୋଗ ଅର୍ଥାତ୍ ଜ୍ଞାନଯୋଗ ହୋଇଥାଏ ।

୩୯୯. ମନର ନେତ୍ର ଏବଂ ଦୃଷ୍ଟି ଥାଏ । ତାହାକୁ ମନୋନେତ୍ର ଏବଂ ମନୋଦୃଷ୍ଟି କୁହାଯାଏ ।

୪୦୦. ମନର ଶେଷ ସ୍ମୃତିକୁ ମରଣ କୁହାଯାଏ ।

୪୦୧. ମନସହିତ ବୁଦ୍ଧିର, ବୁଦ୍ଧିସହିତ ମନର ନିବୀଡ ସମ୍ପର୍କ ଥାଏ ।

୪୦୨. ବୁଦ୍ଧି ଗୁଣଗୁଡିକ ପାଇଁ ଦର୍ପଣ ଭଳି ।

୪୦୩. ପ୍ରତ୍ୟେକ ଗୁଣକୁ ନେଇ ବୁଦ୍ଧି ଦୁଇ ପ୍ରକାରର ବିଚାର କରିଥାଏ ।

୪୦୪. ଶରୀରରେ ଜୀବ ସହିତ ସମ୍ପର୍କ ରଖିଥିବା ବୁଦ୍ଧି ଜୀବ ପାଖରେ କଷ୍ଟ ସୁଖକୁ ପହଞ୍ଚାଇଥାଏ ।

୪୦୫. ଶରୀରରେ ସବୁଠାରୁ ମହାନ ହେଉଛି ବୁଦ୍ଧି ।

୪୦୬. ଶରୀରରେ ଥିବା ଆତ୍ମା ବିଷୟ ଜୀବକୁ ଏକମାତ୍ର ବୁଦ୍ଧି ଜଣାଇଥାଏ ।

୪୦୭. ଜୀବର ଅତି ନିକଟରେ ରହିଥାଏ ବୁଦ୍ଧି ।

୪୦୮. ବୁଦ୍ଧିର ଆକାର ରହିଛି । ପ୍ରତ୍ୟେକ ଶରୀରରେ ଭିନ୍ନ ଭିନ୍ନ ମୋଟେଇର ବୁଦ୍ଧି ରହିଥାଏ । ଏହା ଜୀବକୁ ଘେରି ରହିଥିବା ଗୋଲାକାର ବିଶିଷ୍ଟ ପରଦା ।

୪୦୯. ଆଶକ୍ତି ଅନୁସାରେ ବୁଦ୍ଧିର କାର୍ଯ୍ୟ ରହିଥାଏ, ସେଥିଲାଗି ଏକ ବିଷୟରେ କାର୍ଯ୍ୟ କରିପାରିବା ଭଳି ଅନ୍ୟ ଏକ ବିଷୟରେ ହୋଇନଥାଏ ।

୪୧୦. ମନ୍ତ୍ର ମହିମା ବିଶିଷ୍ଟ । ମନ୍ତ୍ରର ମହିମା ବାବଦରେ ଯେଉଁମାନେ ଜାଣିନଥା'ନ୍ତି ସେମାନେ ମନ୍ତ୍ରକୁ ବିଶ୍ୱାସ କରନ୍ତି ନାହିଁ ।

୪୧୧. ପ୍ରତ୍ୟେକ କଥା ଏକ ମନ୍ତ୍ର ବୋଲି ରଚିଟିଏ ରହିଛି । ଉଚ୍ଚାରଣ ଅନୁସାରେ ତା'ର ମହିମା ରହିଥାଏ ।

୪୧୨. କଥାର ଅକ୍ଷର ସଂଖ୍ୟା ଅନୁସାରେ ମନ୍ତ୍ରର ମହିମା ରହିଥାଏ । ଶବ୍ଦଗୁଡିକର ଉଚ୍ଚାରଣ କ୍ରମରେ ମନ୍ତ୍ରର ମହିମା ରହିଥାଏ ।

୪୧୩. ମନ୍ତ୍ରଶକ୍ତି ସୂକ୍ଷ୍ମ ହୋଇଥିଲେ ହେଁ ତାହା ଉଭୟ ସ୍ଥୁଳ,ସୂକ୍ଷ୍ମ ଉପରେ ପ୍ରଭାବ ପକାଇଥାଏ ।

୪୧୪. ଗୋଟିଏ କ୍ଷଣରେ ଦେଖାଯାଉଥିବା ହାତୀକୁ ଅଦୃଶ୍ୟ କରି-ପାରୁଥିବା, କ୍ଷଣକରେ ନଥିବା ଜନ୍ତୁମାନଙ୍କୁ ଆଣି ଛିଡା କରି ପାରୁଥିବା ମାନ୍ତ୍ରିକକୁ ଦେଖିବା ବେଳେ ତା'ର କାର୍ଯ୍ୟଗୁଡିକ ମନ୍ତ୍ରମହିମା ଦ୍ୱାରା ହେଉଛି ବୋଲି ନକହି ରହିପାରିବା ନାହିଁ ।

୪୧୫. ଧର୍ମ ଦୈବ ସମ୍ବନ୍ଧୀୟ, ଦାନ ପ୍ରପଞ୍ଚ ସମ୍ବନ୍ଧୀୟ ବା ଭୌତିକ ।

୪୧୬. ଦାନ ମାଗୁଥିବା ବ୍ୟକ୍ତି ଧର୍ମ କରନ୍ତୁ କହିବାର ଅନ୍ତରାର୍ଥ ହେଉଛି ! ଆପଣ ଧର୍ମାଚରଣ କରନ୍ତୁ ।

୪୧୭. ଦାନକଲେ ପୁଣ୍ୟ ମିଳିଥାଏ । ପୁଣ୍ୟ କଲେ ତାହା ଅନୁଭବ କରିବା ପାଇଁ ଆଉଏକ ଜନ୍ମ ମିଳିଥାଏ । ସେଥିଲାଗି ଦାନ ଦେବା ଦ୍ୱାରା ମଧ୍ୟ ମୋତେ ଜାଣି ପାରିବୁ ନାହିଁ ବୋଲି ଗୀତାରେ ଭଗବାନ କହିଛନ୍ତି ।

୪୧୮. ଧର୍ମକଲେ ପୁଣ୍ୟ ମିଳେ ନାହିଁ କି ଜନ୍ମ ମିଳେ ନାହିଁ । ତେଣୁ ଗୀତାରେ ଭଗବାନ ଧର୍ମ ଆଚରଣ କରିବାକୁ କହିଛନ୍ତି ।

୪୧୯. ଦାନ ଆଉ ଧର୍ମର ଭିନ୍ନତାକୁ ଯେଉଁମାନେ ଜାଣି ନଥା'ନ୍ତି ସେମାନେ ଦୈବଧର୍ମକୁ ଜାଣିପାରନ୍ତି ନାହିଁ ।

୪୨୦. ଆତ୍ମାକୁ ଧର୍ମ ଜଣାଥାଏ । ପରମାତ୍ମାଙ୍କୁ ପାଇବାକୁ ହେଲେ ଧର୍ମ ଆଚରଣ କରିବାକୁ ହୋଇଥାଏ । ସେଥିଲାଗି ଧର୍ମ ଜ୍ଞାନଯୁକ୍ତ ହୋଇଥାଏ ।

୪୨୧. ଯେଉଁଠାରେ ଅଜ୍ଞାନତା ରହିଛି ସେଠାରେ ଅଧର୍ମ ରହିଛି ବୋଲି ଜାଣିବା ଉଚିତ୍ ।

୪୨୨. ଅଣୁ ଅଣୁରେ ବ୍ୟାପୀରହିଥିବା ପରମାତ୍ମାଙ୍କୁ ନଜାଣି ଅନ୍ୟ କୌଣସି ଉପାୟ ଅବଲମ୍ବନ କଲେ ମଧ୍ୟ, କୌଣସି ଦେବତାର ଉପାସନା କଲେ ମଧ୍ୟ ତାହାସବୁ ଅଧର୍ମ ହୋଇଥାଏ ।

୪୨୩. ପରମାତ୍ମା ଭଗବଦ୍ଗୀତାରେ ଶରୀର ଧାରଣ କରିଥିବା ଭଗବାନ ହୋଇ ତଥା ଶରୀର ନଥିବା ପରମାତ୍ମା ହୋଇ ଅର୍ଥାତ୍ ବିଶ୍ୱରୂପ ହୋଇ ଏକ ମୁଖ୍ୟବିଷୟ ଜଣାଇଛନ୍ତି । ତାହା ହେଉଛି ! ବାହ୍ୟଯଜ୍ଞ ଦ୍ୱାରା, ଦାନଦେବା ଦ୍ୱାରା, ବେଦପଠନ ଦ୍ୱାରା କିମ୍ବା ଉଗ୍ରତପସ୍ୟା କରିବା ଦ୍ୱାରା ମୁଁ କାହାକୁ ଜଣାପଡି ନଥାଏ ।

୪୨୪. ବେଦପାରାୟଣ କରିବା, ଯଜ୍ଞାଚରଣ କରିବା, ଦାନ ଦେବା, ତପସ୍ୟା କରିବା ଧର୍ମଯୁକ୍ତ କାର୍ଯ୍ୟ ନୁହେଁ ବୋଲି ଭଗବାନଙ୍କ କଥାରୁ ସ୍ପଷ୍ଟଭାବରେ ଜଣାପଡିଥାଏ ।

୪୨୫. କାର୍ଯ୍ୟ କରୁଥିବା ପ୍ରତ୍ୟେକ ବ୍ୟକ୍ତି ମୁଁ ଧର୍ମାଚରଣ କରୁଛି ଭାବିଥାଏ, **କିନ୍ତୁ ବାସ୍ତବ ଧର୍ମ କ'ଣ ବୋଲି ଆଲୋଚନା କରିନଥାଏ ।**

୪୨୬. ବେଦ କହୁଥିବା ବ୍ୟକ୍ତି ବେଦରେ ହିଁ ଧର୍ମ ରହିଛି ବୋଲି କହୁଥାଏ । ଯଜ୍ଞ କରୁଥିବା ବ୍ୟକ୍ତି ଯଜ୍ଞରେ ଧର୍ମ ଅଛି କହିଥାଏ; ପରନ୍ତୁ ସେସବୁ ଧର୍ମ ବୋଲି ପରମାତ୍ମା କହିନାହାନ୍ତି ।

୪୨୭. ଦୈବମାର୍ଗକୁ ଜଣାଇବା କ୍ଷମତା ଧର୍ମର ରହିଛି । ଧର୍ମ ଅତି ପବିତ୍ର, କିନ୍ତୁ ମାୟା ପ୍ରଭାବ ଦ୍ୱାରା ଅଧର୍ମ ଧର୍ମ ଭାବରେ, ଧର୍ମ ଅଧର୍ମ ଭାବରେ ବଦଳି ରହିଛି ।

୪୨୮. ଧର୍ମରେ ଗ୍ଲାନି ଆସିଲେ ତାହାକୁ ପରମାତ୍ମା ରକ୍ଷା କରନ୍ତି ବୋଲି

କହିଛନ୍ତି । ମାନବ ଧର୍ମର ଆଚରଣ କରିପାରେ ସିନା, ଧର୍ମକୁ ରକ୍ଷା କରିବାର ଯୋଗ୍ୟତା ତା'ର ନାହିଁ ।

**୪୨୯. ଧର୍ମ କଅଣ ଜାଣିବା ଆଗରୁ ତା'ର ବ୍ୟତିରେକ ବାଣୀ କହିଲେ ଦୈବଦ୍ରୋହ ହୋଇଥାଏ ।**

**୪୩୦. ଧର୍ମ ଯେଉଁଠାରେ ଅଛି ଅଧର୍ମ ସେହିଠାରେ ଜନ୍ମ ହୋଇଛି । ବେଦାନ୍ତ ଯେଉଁଠାରେ ରହିଛି ବେଦଗୁଡିକ ସେହିଠାରେ ରହିଛି । ବେଦାନ୍ତ ଗୁଣାତୀତ ହୋଇଥିବା ବେଳେ ବେଦ ଗୁଣମୟ ହୋଇ ରହିଥାଏ ।**

**୪୩୧. ଧର୍ମର ବିପରୀତ ଶବ୍ଦ ଅଧର୍ମ ନୁହେଁ କି ଜ୍ଞାନର ବିପରୀତ ଶବ୍ଦ ଅଜ୍ଞାନ ନୁହେଁ ।**

**୪୩୨. ଧର୍ମର ବିପରୀତ ଶବ୍ଦ ଗୁଣ, ଜ୍ଞାନର ବିପରୀତ ଶବ୍ଦ ମାୟା । ସେହିଭଳି ପରମାତ୍ମାଙ୍କର ବିପରୀତ ଶବ୍ଦ ପ୍ରକୃତି ବୋଲି ଜାଣିବା ଉଚିତ୍ ।**

**୪୩୩. ଧର୍ମ, ଜ୍ଞାନ ପରମାତ୍ମାମୟ, ଗୁଣ ଆଉ ମାୟା ପ୍ରକୃତିମୟ ।**

୪୩୪. ଜ୍ଞାନ ଧର୍ମଯୁକ୍ତ ହେବାବେଳେ,ଧର୍ମ ପରମାତ୍ମାଯୁକ୍ତ ହୋଇଥାଏ । ଅନ୍ୟ ଦେବତାମାନଙ୍କ ବାବଦରେ ଯେଉଁମାନେ ବୋଧ କରିଥା'ନ୍ତି, ବେଦ ବାବଦରେ ଯେଉଁମାନେ ବୋଧ କରିଥା'ନ୍ତି ସେମାନଙ୍କୁ ପ୍ରକୃତିଭକ୍ତ କହିପାରିବା ।

୪୩୫. କହନ୍ତି ପୁରୁଷାର୍ଥ ଚାରିଗୋଟି ରହିଛି, କିନ୍ତୁ ଏହା ମିଛକଥା । ବାସ୍ତବରେ ପୁରୁଷାର୍ଥ ଦୁଇଗୋଟି ରହିଛି ।

୪୩୬. ଦୁଇ ପୁରୁଷାର୍ଥ ଭିତରୁ ଗୋଟିଏ ସ୍ଥୁଳଅର୍ଥ ଦେଇଥାଏ ଆଉ ଗୋଟିଏ ସୂକ୍ଷ୍ମ ଅର୍ଥ ଦେଇଥାଏ ।

୪୩୭. ଦେଖାଯାଉଥିବା ପିତାକୁ ଚିହ୍ନାଇଥାଏ ମାତା, ମାତା ଦ୍ୱାରା ପିତା ଚିହ୍ନିତ ହେଉଥିବାରୁ ମାତା-ପିତା ପଦଟି ପ୍ରଥମ ପୁରୁଷାର୍ଥ ।

୪୩୮. ଦେଖାଯାଉ ନଥିବା ପିତା ଅର୍ଥାତ୍ ଦୈବଙ୍କୁ ବା ପରମାତ୍ମାଙ୍କୁ ଚିହ୍ନାଇଥା'ନ୍ତି ଗୁରୁ, ଗୁରୁଙ୍କ ଦ୍ୱାରା ଦୈବ ଜଣାଯାଇ ପାରନ୍ତି । ସେଥିଲାଗି ଗୁରୁ-ଦୈବ କୁହାଯାଏ, ଏହା ହିଁ ଦ୍ୱିତୀୟ ପୁରୁଷାର୍ଥ ।

୪୩୯. ମାତା-ପିତା, ଗୁରୁ-ଦୈବ ଅର୍ଥକ୍ରମ ଭାବରେ ରହିଛି ସିନା, ଏହା କ୍ରମାନ୍ୱୟରେ ଅଛି ବୋଲି କହି ପାରିବା ନାହିଁ । କେତେକ ଏହାକୁ ସଠିକ୍ ବୁଝି ନପାରି ପ୍ରଥମେ ମାତାକୁ ପୁଜା କରିବା ଉଚିତ୍, ତା'ପରେ ପିତାଙ୍କୁ ପୂଜା କରିବା ଉଚିତ୍. ସେମାନଙ୍କ ପରେ ଗୁରୁଙ୍କୁ ଆଉ ଶେଷରେ ଦୈବଙ୍କୁ ପୂଜା କରିବା ଉଚିତ୍ ବୋଲି କହନ୍ତି ।

୪୪୦. ସର୍ବପ୍ରପଞ୍ଚର ଅଧିପତି, ଆଦିକର୍ତ୍ତା ହୋଇଥିବା ପରମାତ୍ମାଙ୍କୁ ଶେଷକୁ ଠେଲିଦେଇ ପ୍ରଥମେ ମଣିଷକୁ ପୂଜାକରିବା ଉଚିତ୍ କହିବା ଅଜ୍ଞାନ ହୋଇଥାଏ ।

୪୪୧. ଅବଧି ନଥିବା ପରମାତ୍ମାଙ୍କ ବାବଦରେ ଯିଏ ଜଣାଇଥା'ନ୍ତି ସେ ଅବଧୂତ ହେବେ ସିନା, ବଜାରରେ ବୁଲୁଥିବା ପାଗଳମାନେ ଅବଧୂତ ନୁହନ୍ତି ।

୪୪୨. ଅତିକମ୍‌ରେ ସାଧାରଣ ଭୌତିକଜ୍ଞାନ ନଥାଇ ବୁଦ୍ଧିହୀନ ହୋଇ ବୁଲୁଥିବା ପାଗଳକୁ ଦେଖି ସାଧାରଣତଃ ଲୋକେ ସେମାନଙ୍କୁ ମହାନ ଜ୍ଞାନୀ ଭାବିଥା'ନ୍ତି । ଯେଉଁମାନେ ଏଭଳି ଭାବିଥା'ନ୍ତି ସେମାନଙ୍କର କିଛି ବୁଦ୍ଧି ଥିଲେ ମଧ୍ୟ ସେମାନଙ୍କୁ ପାଗଳ କହିପାରିବା ।

୪୪୩. ଅବଧିହୀନ ପରମାତ୍ମାଙ୍କ ସମାଚର ନେଇ ଆସିଥିବା ଦୂତ ହିଁ ପ୍ରକୃତ ଅବଧୂତ ।

୪୪୪. ଏକ ଖବରକୁ ଯିଏ ଆଣି ଆସିଥାଏ ତା'କୁ ଦୂତ କୁହାଯାଏ, କିନ୍ତୁ ସୀମାହୀନ ପରମାତ୍ମାଙ୍କ ଖବରକୁ ଯିଏ ଆଣି ଆସିଥାଏ ସେ ହିଁ ପ୍ରକୃତ ଗୁରୁ, ସେହି ଗୁରୁ ହିଁ ଅବଧୂତ ।

୪୪୫. ସମ୍ପୂର୍ଣ୍ଣ ପରମାତ୍ମାଙ୍କ ଜ୍ଞାନ ଜାଣିଥିବା ବ୍ୟକ୍ତିକୁ ଅବଧୂତ କହିପାରିବା ସିନା, କୌଣସି ଜ୍ଞାନ ନଥିବା ପାଗଳକୁ କହିପାରିବା ନାହିଁ ।

୪୪୬. ପରମାତ୍ମା ମନୁଷ୍ୟକୁ ସୃଷ୍ଟି କରିଛନ୍ତି ସିନା, ସେମାନଙ୍କର କୁଳ ବା ଜାତିକୁ ସୃଷ୍ଟିକରି ନାହାନ୍ତି ।

୪୪୭. "ଚାତୁର୍ବର୍ଣ୍ଣ୍ୟଂ ମୟା ସୃଷ୍ଟଂ" ବୋଲି ଗୀତାରେ ପରମାତ୍ମା କହିଥିବା ବେଳେ, ସେହି ଚାରିବର୍ଣ୍ଣକୁ ଚାରିକୁଳ କାହିଁକି ଭାବିବା ?

୪୪୮. ଅନ୍ୟ ଦେଶଗୁଡ଼ିକରେ ନଥିବା ଜାତି (କୁଳ) ବ୍ୟବସ୍ଥା ଆମ ଦେଶରେ କାହିଁକି ଅଛି ବୋଲି କାହାକୁ ପଚାରିଲେ ତା'ର ସମାଧାନ ମିଳେ ନାହିଁ ।

୪୪୯. ଗୁଣ ହୋଇଥିବା ତିନିଗୋଟି ଆଉ ଗୁଣରହିତ ଗୋଟିଏକୁ ମିଶାଇ ଚାରିବର୍ଣ୍ଣ ନାମରେ ପରମାତ୍ମା କହିଥିବା ବେଳେ, ଗୁଣଗୁଡ଼ିକ ସହିତ ସମ୍ପର୍କ ନଥିବା କୁଳ (ଜାତି) ପ୍ରଥାକୁ ମଣିଷ ଆଣି ସମାଜରେ ରଖିଛି ।

୪୫୦. ଜନ୍ମରେ କୌଣସି କୁଳ ନାହିଁ କି ମରଣରେ କୌଣସି କୁଳ ନାହିଁ, କିନ୍ତୁ ଜନ୍ମରେ ଗୁଣ ରହିଛି, ମରଣରେ ମଧ୍ୟ ଗୁଣ ରହିଛି ।

୪୫୧. ଯେଉଁ ଗୁଣରେ ମୃତ୍ୟୁବରଣ କରିବ ସେହି ଗୁଣରେ ଜନ୍ମ ହେବାକୁ ପଡିବ ବୋଲି ଗୀତାରେ ପରମାତ୍ମା କହିଛନ୍ତି, କିନ୍ତୁ ଯେଉଁ କୁଳରେ ମୃତ୍ୟୁବରଣ କଲେ ସେହି କୁଳରେ ଜନ୍ମ ହେବ ବୋଲି କହିନାହାନ୍ତି ।

୪୫୨. ଜନ୍ମହେବାର କିଛିକାଳ ପରେ ଅମୁକ କୁଳରେ ଜନ୍ମହୋଇଛି ବୋଲି ଜାଣି ହେଉଥିବା କୁଳ,ମତଗୁଡ଼ିକୁ ମଣିଷ କଳ୍ପନା କରିଛି ସିନା, ସେଗୁଡ଼ିକ ଜନ୍ମତଃ ଆସିନଥାଏ ।

୪୫୩. କୁଳଗୁଡିକ କୁଚିନ୍ତାରେ, ମତଗୁଡିକ ସ୍ୱାର୍ଥରେ ମିଶି ରହିଛି । କୁଳମତର ଅତୀତଭାବରେ ପରମାତ୍ମା ରହିଛନ୍ତି ବୋଲି ଜାଣି ତୁ ସେହିଭଳି କୁଳ, ମତର ଅତୀତଭାବରେ ବଦଳିବା ବେଳେ ପରମାତ୍ମା ତୋତେ ଜଣାପଡିବେ ।

୪୫୪. ଉପନିଷତ(ଦ)ଗୁଡିକୁ ପରମାତ୍ମା କହିନାହାନ୍ତି ! ମଣିଷ ଲେଖିଛି । ସେଗୁଡିକରେ ମଧ୍ୟ ଅନେକ ତ୍ରୁଟି ରହିଛି ।

୪୫୫. ଉପନିଷତ(ଦ)ରେ ମଧ୍ୟ ନଥିବା ବିଷୟଗୁଡିଏ (ଧର୍ମଗୁଡିଏ) ଜଣାଇ ପରମାତ୍ମା ନିଜର ମହାନତାକୁ ପ୍ରଦର୍ଶିତ କରିଛନ୍ତି ।

୪୫୬. ମୋଟ ଉପନିଷଦଗୁଡିକ ୧୧୦୮ଗୋଟି ହୋଇଥିବା ସ୍ଥଳେ, ସେଗୁଡିକ ମଧ୍ୟରୁ ମାତ୍ର ୧୦୮ଗୋଟି ଉପନିଷଦକୁ ମୁଖ୍ୟ ଉପନିଷଦ ବୋଲି କେତେକ କହିଥା'ନ୍ତି, ସେହି ମୁଖ୍ୟ ବୋଲାଉଥିବା ୧୦୮ଗୋଟି ଉପନିଷଦରେ ମଧ୍ୟ ଭଗବାନ କହିଥିବା ଭଗବଦ୍ଗୀତା ନାହିଁ ।

୪୫୭. ପରମାତ୍ମା କହିଥିବା ଜ୍ଞାନକୁ ଛାଡି ମଣିଷ କହିଥିବା ଉପନିଷଦ ଗୁଡିକ ଉପରେ କେହି ଭ୍ରମ ବଢାଇବା ବିଷୟକୁ ଲକ୍ଷ୍ୟକଲେ ଦୈବଜ୍ଞାନ ଉପରେ ତା'ର ବିଶ୍ୱାସ ନାହିଁ ବୋଲି କହିପାରିବା ।

୪୫୮. ବାହ୍ୟତଃ ଅନ୍ୟମାନଙ୍କ ସହିତ ସମ୍ପର୍କ ନଥାଇ ଅନୁଭବ କରିବା ପାଇଁ ରହିଥିବା କର୍ମକୁ ମଣିଷ ସ୍ୱପ୍ନରେ ଅନୁଭବ କରିଥାଏ ।

୪୫୯. ବାହ୍ୟତଃ ବିଚିତ୍ର ଏବଂ ଅସମ୍ଭବ ହୋଇଥିବା କାର୍ଯ୍ୟଗୁଡିଏ ସ୍ୱପ୍ନାବସ୍ଥାରେ ହୋଇଥାଏ ।

୪୬୦. ମଣିଷ ଜୀବନର କାଳଗମନ ଅଧିକାଂଶ ତିନିଗୋଟି ଅବସ୍ଥାରେ ହୋଇଥାଏ । ସେହି ତିନି ଅବସ୍ଥା ହେଉଛି ଜାଗ୍ରତ ଅବସ୍ଥା, ସ୍ୱପ୍ନ ଅବସ୍ଥା ଏବଂ ନିଦ୍ରା ଅବସ୍ଥା ।

୪୬୧. ସାଧାରଣତଃ ଜୀବନ ତିନି ଅବସ୍ଥାରେ ଅତିକ୍ରମ କରିଥାଏ; ତଥାପି ଆଉ ଏକ ଅବସ୍ଥା ଦେଇ କେତେଲକ୍ଷ ମଣିଷଙ୍କ ଭିତରେ କ୍ୱଚିତ୍ କେହି ଜଣେ ଗତି କରିଥା'ନ୍ତି, ସେଥିପାଇଁ ତାଙ୍କୁ ପ୍ରଚେଷ୍ଟା କରିବାକୁ ହୁଏ, ତାହା ହିଁ ଚତୁର୍ଥ ଅବସ୍ଥା ହୋଇଥିବା ଯୋଗାବସ୍ଥା ।

୪୬୨. ତୋର ଇଚ୍ଛା ନଥାଇ, ତୁ ଚେଷ୍ଟା ନକଲେ ମଧ୍ୟ ନିଦ୍ରାବସ୍ଥା, ସ୍ୱପ୍ନାବସ୍ଥା ଆଉ ଜାଗ୍ରତ ଅବସ୍ଥା ଆସିଥାଏ, କିନ୍ତୁ ତୋ'ର ଇଚ୍ଛା ଏବଂ ଚେଷ୍ଟା ଦ୍ୱାରା କ୍ୱଚିତ୍ ଯୋଗାବସ୍ଥା ଆସିପାରେ ।

୪୬୩. ପ୍ରାରବ୍ଧକର୍ମ ଦ୍ୱାରା ତୋ'ର ଇଚ୍ଛା, ଚେଷ୍ଟା ନଥାଇ ତିନି ଅବସ୍ଥା ଅର୍ଥାତ୍ ନିଦ୍ରା, ଜାଗ୍ରତ, ସ୍ୱପ୍ନାବସ୍ଥା ଆସିଥାଏ । କିନ୍ତୁ ପ୍ରାରବ୍ଧର ପ୍ରମେୟ ନଥାଇ ତୋ'ର ଇଚ୍ଛା ଉପରେ ଆଧାରିତ ହୋଇ ରହିଥାଏ ଏକୈକ ଯୋଗାବସ୍ଥା ।

୩୬୪. ପରମାତ୍ମା ନିଜକୁ ଜଣାଇବା ପାଇଁ ମଣିଷକୁ ତିନିଗୋଟି ଯୋଗ ଜଣାଇଛନ୍ତି ।

୪୬୫. ତିନିଗୋଟି ଯୋଗରୁ ଦୁଇଗୋଟି ଯୋଗ ଧର୍ମଯୁକ୍ତ ଆଉ ଗୋଟିଏ ଯୋଗ ଧର୍ମାତୀତ ଭାବରେ ରହିଛି ।

୪୬୬. ବ୍ରହ୍ମଯୋଗ (ଜ୍ଞାନଯୋଗ) ଏବଂ କର୍ମଯୋଗ (ରାଜଯୋଗ) ଧର୍ମଯୁକ୍ତ । କେବଳ ଭକ୍ତିଯୋଗରେ କୌଣସି ଧର୍ମ ନଥାଏ ।

୪୬୭. ମୁଖ ଦ୍ୱାରା ଉଚ୍ଚାରଣ କଲେ ଓଁ କାର ଶବ୍ଦ ଆସିଥାଏ । ସେହି ଶବ୍ଦ ମୁଖ ଦ୍ୱାରା ଉଚ୍ଚାରଣ ନକଲେ ମଧ୍ୟ ସୂକ୍ଷ୍ମଭାବରେ ଶରୀର ଭିତରୁ ଆସିଥାଏ ।

୪୬୮. କୌଣସି ମତାବଲମ୍ବୀର ନାଶାରନ୍ଧ୍ରରୁ ଆସୁଥିବା ଶ୍ୱାସରେ ଓଁକାର ଶବ୍ଦ ମିଶି ରହିଛି ।

୪୬୯. 'ଓମ୍' କୌଣସି ମତ ସମ୍ବନ୍ଧୀୟ ନୁହେଁ । ତାହା ସର୍ବ ମାନବଜାତିର କିମ୍ବା ସର୍ବ ଜୀବରାଶିର ।

୪୭୦ 'ଓଁ'(ଓମ୍) ଶବ୍ଦ ଆସିଥାଏ ଶ୍ୱାସ କାରଣରୁ, ସେହି ଶ୍ୱାସ ଫୁସ୍‌ଫୁସ୍‌ର ସଙ୍କୋଚନ ପ୍ରସାରଣ ଦ୍ୱାରା ଆସିଥାଏ । ଫୁସ୍‌ଫୁସ୍ ସଙ୍କୋଚନ ପ୍ରସାରଣ ହେବାପାଇଁ ଶରୀର ମଧ୍ୟରେ ଥିବା ବ୍ରହ୍ମନାଡୀର ସ୍ପନ୍ଦନ ହିଁ କାରଣ ହୋଇ ରହିଥାଏ । ବ୍ରହ୍ମନାଡୀର ସ୍ପନ୍ଦନପାଇଁ ସେଠାରେ ଥିବା ଆତ୍ମା ହିଁ କାରଣ ହୋଇଥାଏ ।

୪୭୧. ଇନ୍ଦ୍ରିୟାର୍ଥ ଶବ୍ଦଯୁକ୍ତ ହୋଇଥିବା "ଓଁ ନମଃ ଶିବାୟ" ନାମକ ମନ୍ତ୍ରକୁ ପଞ୍ଚାକ୍ଷରୀ ମନ୍ତ୍ର କହନ୍ତି ।

୪୭୨. ପଂଚାକ୍ଷରୀ ମନ୍ତ୍ର ପାଞ୍ଚଗୋଟି ଅକ୍ଷର, ସେଥିରେ ଥିବା "ଓଁ" କୁ ଏକ ଅକ୍ଷର ଭାବରେ ନେବା ଉଚିତ୍ ନୁହେଁ । 'ଓଁ' ବ୍ୟତୀତ ଅନ୍ୟ ୫ଗୋଟିକୁ ଅକ୍ଷର ଭାବିଲେ "ଓଁ ନମଃନାରାୟଣାୟ" ମନ୍ତ୍ରକୁ ଅଷ୍ଟାକ୍ଷରୀ କହିପାରିବା ନାହିଁ । କାରଣ ସେଥିରୁ 'ଓଁ' କୁ କାଢିଦେଲେ ଆଉ ରହିଥାଏ ୭ ଗୋଟି ଅକ୍ଷର ।

୪୭୩. ଅଦ୍ୱୈତମାନଙ୍କର ପଞ୍ଚାକ୍ଷରୀରେ ହେଉ କି ବିଶିଷ୍ଟାଦ୍ୱୈତମାନଙ୍କର ଅଷ୍ଟାକ୍ଷରୀରେ ହେଉ ଦୁଇଟି ଭିତରୁ କୌଣସି ଗୋଟିକରେ ନିଶ୍ଚୟ କିଛି ଭୂଲ୍ ରହିଛି ।

୪୭୪. ଦ୍ୱୈତ, ଅଦ୍ୱୈତ, ବିଶିଷ୍ଟାଦ୍ୱୈତଗୁଡିକରେ ନଥିବା ଶାସ୍ତ୍ରବଦ୍ଧତା **ତ୍ରୈତ ସିଦ୍ଧାନ୍ତ**ରେ ରହିଛି ।

୪୭୫. ବିଷ୍ଣୁ, ଈଶ୍ୱର, ବ୍ରହ୍ମା କୁହାଯାଉଥିବା ତ୍ରିମୂର୍ତ୍ତିଙ୍କର ରୂପ, ନାମ ରହିଛି, କିନ୍ତୁ ପରମାତ୍ମାଙ୍କର ରୂପ ନାହିଁ କି ନାମ ନାହିଁ ।

୪୭୬. ରୂପ, ନାମ, କ୍ରିୟା ନଥିବା ପରମାତ୍ମା ରୂପ, ନାମ, କ୍ରିୟା ଥିବା

ତ୍ରିମୂର୍ତ୍ତିଙ୍କୁ ମଧ୍ୟ ସୃଷ୍ଟି କରିଛନ୍ତି, ତେଣୁ ଆମମାନଙ୍କର ଆଉ ଦେବତାମାନଙ୍କର ମଧ୍ୟ ପିତା ଜଣେ, ସେ ହେଉଛନ୍ତି ପରମାତ୍ମା ।

୪୭୭. ପରମାତ୍ମାଙ୍କ ଦୃଷ୍ଟିରେ ଦେବତା, ମାନବ ସମସ୍ତେ ସମାନ । ଦୈବଜ୍ଞାନ ନଥିଲେ ଦେବତାମାନେ ମଧ୍ୟ ପରମାତ୍ମାଙ୍କୁ ପାଇପାରନ୍ତି ନାହିଁ ।

୪୭୮. ଦେବତା ହୁଅନ୍ତୁ କି ମାନବ ହେଉ ମହର୍ଷି ସ୍ଥିତିରୁ ବ୍ରହ୍ମର୍ଷି ସ୍ଥିତିକୁ ନଗଲେ ପରମାତ୍ମାଙ୍କୁ ପାଇବା ଅସମ୍ଭବ ।

୪୭୯. ଜ୍ଞାନ ଅନୁସାରେ ମଣିଷର ଦୈବମାର୍ଗରେ ମହର୍ଷି, ରାଜର୍ଷି, ଦେବର୍ଷି, ବ୍ରହ୍ମର୍ଷି ସ୍ଥିତି ରହିଥାଏ । ଏହି ସ୍ଥିତି ବ୍ୟତୀତ ଅଜ୍ଞାନ କାରଣରୁ ଅନ୍ୟଏକ ସ୍ଥିତି ମଧ୍ୟ ଥାଏ, ତାହାକୁ ବେବର୍ଷି ସ୍ଥିତି ଅର୍ଥାତ୍ ଦୁଃସ୍ଥିତି ।

୪୮୦. ମରଣ ଦୁଇ ପ୍ରକାରର । ଗୋଟିଏ କାଳମରଣ ଆଉ ଗୋଟିଏ ଅକାଳମରଣ । ଅକାଳମରଣ ହେଲେ ଜୀବ ସେହି ଜନ୍ମରେ ସୂକ୍ଷ୍ମରୂପରେ ରହିଥାଏ । କାଳମରଣ ହେଲେ ନୂଆଶରୀର ନାମକ ଅନ୍ୟ ଜନ୍ମକୁ ଚାଲିଯାଏ ।

୪୮୧. ଭୂପୃଷ୍ଠରେ ମଣିଷମାନେ ଗ୍ରହଭାବରେ, ଦେବତାମାନେ ମନ୍ଦିରର ବିଗ୍ରହଭାବରେ ରହିଥା'ନ୍ତି ।

୪୮୨. ମନ୍ଦିରର ପ୍ରତିମାରେ ଦେବତା ନାମକ ଜୀବମାନେ ରହିବା ସ୍ଥଳେ ମଣିଷ ନାମକ ଶରୀରରେ ସାଧାରଣ ଜୀବମାନେ ରହିଥା'ନ୍ତି ।

୪୮୩. ଦେବାଳୟରେ ସ୍ଥୁଳଭାବରେ ଥିବା ପ୍ରତ୍ୟେକ ଶିଳ୍ପ ପରମାତ୍ମାଙ୍କୁ ଚିହ୍ନାଉଥିବା ସଂକେତ ଭାବରେ ଥିବାବେଳେ, ତାହା ନଜାଣି

ସେଠାରେ ଥିବା ଦେବତାମାନଙ୍କୁ ମଣିଷ ଆରାଧନା କରିଥାଏ ସିନା ପରମାତ୍ମାଙ୍କୁ ଚିହ୍ନିପାରି ନଥାଏ ।

୪୮୪. ଦେବାଳୟ ବା ମନ୍ଦିରଗୁଡିକ ଭାବଯୁକ୍ତ ନିର୍ମାଣ ହୋଇ, ପରମାତ୍ମା ଜ୍ଞାନକୁ ବହିର୍ଗତ କରି, ଗୁରୁବାଣୀର ସମକକ୍ଷ ହୋଇ ରହିବା ଉଚିତ୍ ।

୪୮୫. ପୂର୍ବେ ଜ୍ଞାନୀମାନଙ୍କ ଦ୍ୱାରା ନିର୍ମିତ ହୋଇଥିବା ମନ୍ଦିର ମାତ୍ର ଦୁଇଗୋଟି ଥିଲା । ସେ ଦୁଇଟିରୁ ଗୋଟିଏ ହେଲା ନିରାକାର ପରମାତ୍ମାଙ୍କ ପ୍ରତିରୂପ ଲିଙ୍ଗ ବିଶିଷ୍ଟ ମନ୍ଦିର, ଆଉ ଗୋଟିଏ ହେଲା ଆକାର ବିଶିଷ୍ଟ ରଙ୍ଗନାଥ (ବିଷ୍ଣୁ) ମନ୍ଦିର ।

୪୮୬. ଲିଙ୍ଗ ଉପରେ ତିନିଆତ୍ମାର ସୂଚକ ତିନି ବିଭୂତିରେଖା ଏବଂ ରଙ୍ଗନାଥ ପ୍ରତିମାରେ ଶରୀରର ବ୍ରହ୍ମନାଡୀରେ ପରମାତ୍ମା ଅଛନ୍ତି ବୋଲି ସୂଚଉଥିବା ତିନିନାଡୀର ଚିହ୍ନଭାବରେ ତିଳକକୁ ସୂଚଇ ଦିଆଯାଇଥିଲା ।

୪୮୭. କାଳକ୍ରମେ ଲିଙ୍ଗ ଶୈବମାନଙ୍କର, ରଙ୍ଗନାଥ ବୈଷ୍ଣବମାନଙ୍କର ଆରାଧ୍ୟ ଦୈବ ହୋଇ ଆଜି ପର୍ଯ୍ୟନ୍ତ ଶୈବମାନଙ୍କର ଅଧିନରେ ଲିଙ୍ଗ ଏବଂ ବୈଷ୍ଣବମାନଙ୍କର ଅଧିନରେ ରଙ୍ଗନାଥ ରହିଛି ।

୪୮୮. ରୂପହୀନ ପରମାତ୍ମା, ରୂପଥିବା ଭଗବାନଭାବରେ ଆସିଥାନ୍ତି ବୋଲି ଜଣାଇବାପାଇଁ ରୂପହୀନ ଗୋଲାକାର ପଥରକୁ ଲିଙ୍ଗଭାବରେ ଆଉ ରୂପଥିବା ରଙ୍ଗନାଥକୁ ପ୍ରତିମାଭାବରେ ପୂର୍ବରୁ ରଖାଯାଇଥିଲା ।

୪୮୯. ସମସ୍ତେ ପରମାତ୍ମାଙ୍କ ସନ୍ତାନ, ଏହା ଜାଣିବା ପାଇଁ ବୈବାହିକ - ଜୀବନର ଅର୍ଥକୁ ପ୍ରଥମେ ଜାଣିବା ନିମନ୍ତେ କେବଳ ବିବାହ

ଉତ୍ସବ ଦିନ ଦାମ୍ପତ୍ୟ ନିର୍ବାହ କରିବାକୁ ଯାଉଥିବା ପୁଅ, ଝିଅଙ୍କୁ ବର ଏବଂ କନ୍ୟା  କୁହାଯାଇଥାଏ ।

୪୯୦. ବିବାହକାର୍ଯ୍ୟ ଜୀବନକୁ ଏକ ମହାନ ଜ୍ଞାନସଂଦେଶ ଦେଉଥିବା କାର୍ଯ୍ୟ । ବିବାହ କାର୍ଯ୍ୟର ପ୍ରତ୍ୟେକ ଆଚରଣରେ ବିଶେଷ ଦୈବଜ୍ଞାନ ମିଶି ରହିଛି ।

୪୯୧. ବିବାହ ସମୟରେ କରାଯାଇଥିବା ଆଚରଣର ଅର୍ଥ ନଜାଣି, ବିବାହ ପରେ ସେମାନଙ୍କ ଜୀବନରେ ଜ୍ଞାନ ନଜାଣି ଚଳିଲେ ସେମାନେ ସ୍ୱାମୀସ୍ତ୍ରୀ ବା ଭର୍ତ୍ତାଭାର୍ଯ୍ୟା ହୋଇପାରନ୍ତି ନାହିଁ, ସେମାନଙ୍କ ମିଳନ ବ୍ୟଭିଚାର ହୋଇଥାଏ । ବିବାହକାର୍ଯ୍ୟର ଅର୍ଥ ଜାଣି ଜୀବନରେ କିପରି ବଞ୍ଚିବାକୁ ହୁଏ ଜାଣି, ତଦନୁଗୁଣ ବଞ୍ଚିଲେ ସେମାନେ ପ୍ରକୃତ ସ୍ୱାମୀସ୍ତ୍ରୀ ହୋଇପାରିବେ ।

୪୯୨. ବିବାହ କାର୍ଯ୍ୟରେ ମଙ୍ଗଳସୂତ୍ର ପିନ୍ଧାଇବା ଆଗରୁ ପରମାତ୍ମାଙ୍କ ସନ୍ତାନ ସନ୍ତତିଭାବରେ ବରକନ୍ୟା ହୋଇଥିବା ସ୍ତ୍ରୀପୁରୁଷ ବିବାହ ପରେ ଜାଣିଥିବା ଜ୍ଞାନ ଅନୁସାରେ ପରସ୍ପର ସମାନ ରୀତିରେ ଜ୍ଞାନ ଜାଣି, ଜଣାଇ ଆଚରଣ କରି ଜୀବନ ବଞ୍ଚିବା ଉଚିତ୍ ।

୪୯୩. ଯମଲୋକ ସ୍ୱର୍ଗଲୋକ ଦୁଇଟିଯାକ ମାନବ ଜୀବନରେ ହିଁ ମିଶି ରହିଥାଏ । ଯମଲୋକ ସ୍ୱର୍ଗଲୋକ ଆଉ କେଉଁଠାରେ ଅର୍ଥାତ୍ ଉପରେ କିମ୍ବା ତଳେ ନାହିଁ, ସେ ଦୁଇଲୋକ ଏଇ ଭୂପୃଷ୍ଠରେ ହିଁ ରହିଛି ।

୪୯୪. ସୁଖ ରୂପରେ ସ୍ୱର୍ଗଲୋକ, ଦୁଃଖ ରୂପରେ ଯମଲୋକ ଏଇ ଭୂପୃଷ୍ଠରେ ହିଁ ଅଛି ।

୪୯୫. ଶରୀର ଭିତରେ ଆସୁଥିବା ରୋଗ, ମନୋରୋଗଗୁଡ଼ିକ ସ୍ୱୟଂ

ଯମ ଦେଉଥିବା ଯନ୍ତ୍ରଣା, ଶରୀରର ବାହାରୁ ଆସୁଥିବା ଯନ୍ତ୍ରଣାଗୁଡିକ ଯମକିଙ୍କର ଅର୍ଥାତ୍ ବନ୍ଧୁବାନ୍ଧବ, ଶତ୍ରୁମାନଙ୍କର ଯନ୍ତ୍ରଣା ବୋଲି ଜାଣିବା ଉଚିତ୍ ।

୪୯୬. ଜୀବନରେ ଆସୁଥିବା ଦୁଃଖସୁଖର ମୂଳ କାରଣ କର୍ମ ବୋଲି ଜାଣିବା ଉଚିତ୍ ।

୪୯୭. ସୁଖଦୁଃଖ ଅନୁଭବର କାରଣ ହୋଇଥିବା କର୍ମ ତୋ'ମୁଣ୍ଡର କର୍ମଚକ୍ରରୁ ପ୍ରାରବ୍ଧ ଭାବରେ ଆସିଥାଏ, ସେହିଭଳି କରୁଥିବା କାର୍ଯ୍ୟରୁ ନୂଆ କର୍ମ ହୋଇଥିବା ଆଗାମୀକର୍ମ ସେହି କର୍ମ ଚକ୍ରରେ ଲିପିବଦ୍ଧ ହୋଇଥାଏ ।

୪୯୮. ଜୀବନର କାରଣ ଏବଂ ମରଣରେ ସୂକ୍ଷ୍ମ ରୂପରେ କେହି ଜାଣି ନପାରିବା ସ୍ଥିତିରେ ଶରୀରରୁ ବାହାରକୁ ଏବଂ ଜନ୍ମରେ ଶରୀର ଭିତରକୁ ଆସୁଥିବା ଏକ ରୂପ ରହିଛି । ତାହା ହିଁ ବ୍ରହ୍ମ, କାଳ, କର୍ମ, ଗୁଣଚକ୍ର ବିଶିଷ୍ଟ ଏକ ରୂପ । ଏହି ଝରିଚକ୍ରରେ ଆତ୍ମା, ଜୀବାତ୍ମା, ପ୍ରାରବ୍ଧକର୍ମ, ସଂଚିତକର୍ମ, କର୍ମକୁ ଅନୁଭବ କରିବା ପାଇଁ କାଳ ଏବଂ କାଳରେ ସଞ୍ଚରଣ କରୁଥିବା ନବଗ୍ରହମାନେ ରହିଥା'ନ୍ତି । ଏହି ଝରିଚକ୍ର ବିଷୟ ଅଧିକ ଜାଣି ତା'ରସ୍ୱସ୍ଥାନ ହୋଇଥିବା କପାଳରେ ଧାରଣକରିବା ମହାନଜ୍ଞାନ ହୋଇଥାଏ ।

୪୯୯. ସାଧାରଣ ସ୍ଥିତିରେ ଯେଉଁମାନେ ରହିଥା'ନ୍ତି ସେମାନେ ତ୍ରୈତରେ, ଯେଉଁମାନେ ଜ୍ଞାନଯୋଗରେ ରହିଥା'ନ୍ତି ସେମାନେ ଦ୍ୱୈତରେ, ଯେଉଁମାନଙ୍କର ମୋକ୍ଷ ହୋଇଛି ସେମାନେ ଅଦ୍ୱୈତରେ ରହିଥା'ନ୍ତି ।

୫୦୦. ଅନ୍ନଦାନ ଆତ୍ମାକୁ, ଜ୍ଞାନଦାନ ଜୀବାତ୍ମାକୁ ପ୍ରାପ୍ତ ହୋଇଥାଏ ।

୫୦୧. ଅନ୍ନଦାନ କର୍ମାନୁସାରେ ହୋଇଥାଏ । ଜ୍ଞାନଦାନ ଶ୍ରଦ୍ଧାନୁସାରେ ହୋଇଥାଏ ।

୫୦୨. କ୍ଷୁଧାକଷ୍ଟପାଇଁ ଅନ୍ନ ଆବଶ୍ୟକ ହେବା ଭଳି, ବିଷୟକଷ୍ଟପାଇଁ ଜ୍ଞାନ ଆବଶ୍ୟକ ହୋଇଥାଏ ।

୫୦୩. ଉଦରରେ ସମସ୍ତଙ୍କର କ୍ଷୁଧାଯନ୍ତ୍ରଣା ରହିବା ଭଳି, ମୁଣ୍ଡରେ ସମସ୍ତଙ୍କର ବିଷୟଯନ୍ତ୍ରଣା ରହିଥାଏ ।

୫୦୪. ପେଟ ନଥିବା ଜୀବରାଶି ନଥିବା ଭଳି, ମୁଣ୍ଡ ନଥିବା ଜୀବରାଶି ମଧ୍ୟ ନଥା'ନ୍ତି ।

୫୦୫. ପେଟ, ମୁଣ୍ଡ ଥିବା ସମସ୍ତଙ୍କପାଇଁ ପରମେଶ୍ୱର ଆହାର ଆଉ ଜ୍ଞାନର ବନ୍ଦୋବସ୍ତ କରି ରଖିଛନ୍ତି ।

୫୦୬. ମଣିଷ ପେଟପାଇଁ ଆହାର ଖୋଜୁଛି ସିନା, ମୁଣ୍ଡପାଇଁ ଜ୍ଞାନ ଖୋଜୁନାହିଁ ।

୫୦୭. କେଶ ଲୋମ, ଥିବା ମଣିଷ, ପକ୍ଷୀ ଆତ୍ମାର ସଂକେତଭାବରେ, ଲୋମ, କେଶ ନଥିବା ସାପ, ମାଛ ମାୟାର ସଂକେତଭାବରେ ଥାଆନ୍ତି ।

୫୦୮. ଶୁଭ-ପରିଣୟ କହିଲେ ଈଶ୍ୱରଙ୍କୁ ବୁଝାଏ, ବିବାହ କହିଲେ ଯାହା ଉଭୟଙ୍କ ପାଇଁ ସମାନ, ଏହି ଅର୍ଥ ପ୍ରାପଞ୍ଚିକ (ପାର୍ଥୀବ) ଅଭିଧାନରେ ନଥାଏ, କେବଳ ପରମାତ୍ମିକ ବିଧାନ (ଦୈବିନିୟମ)ରେ ରହିଥାଏ ।

୫୦୯. ବିଧାନ କହିଲେ ଗଣ୍ଠିଲି, ଅଭିଧାନ କହିଲେ ଖାଲିଗଣ୍ଠିଲି ବୋଲି ଜାଣିବା ଉଚିତ୍ ।

୫୧୦. ଜଣେ ମଣିଷକୁ ଈଶ୍ୱର କହନ୍ତି ସିନା, ମଣିଷଠାରେ ଈଶ୍ୱର, ଈଶ୍ୱରଙ୍କଠାରେ ମଣିଷ ରହିଛି ବୋଲି ଅନେକଙ୍କୁ ଜଣା ନାହିଁ ।

୫୧୧. ଅନନ୍ତ ପ୍ରକୃତି ପରମାତ୍ମାଙ୍କ ସୀମା ଭିତରେ ରହିଛି, ସେହିଭଳି ପ୍ରକୃତି ସ୍ୱରୂପୀଣୀ ସ୍ତ୍ରୀ, ପରମାତ୍ମା ସ୍ୱରୂପ ହୋଇଥିବା ପୁରୁଷର ସୀମା ଭିତରେ ରହିବା ତା ପାଇଁ ଧର୍ମ ହୋଇଥାଏ ।

୫୧୨. କୌଣସି ସିଦ୍ଧାନ୍ତ ହେଉ ତାହା ମଣିଷ ଭିତରର ଭାବନା । ସେହି ଭାବନାକୁ ଯିଏ ଦେଇଥାଏ ସେ ହିଁ ବାସ୍ତବ ସିଦ୍ଧାନ୍ତକର୍ତ୍ତା ତେଣୁ ଭିତରେ ଥିବା ପାତ୍ରକୁ ସିଦ୍ଧାନ୍ତକର୍ତ୍ତା ନକହି ବାହାରେ ଥିବା ମଣିଷର ନାମକୁ ସିଦ୍ଧାନ୍ତକର୍ତ୍ତା କହିବା ଅଧର୍ମ ହୋଇଥାଏ ।

୫୧୩. ବାହାଘର ଖେଳଘର ନୁହେଁ, ବାହାଘର ବାଲିଘର ନୁହେଁ, ବାହାଘର ଜନ୍ମ ଜନ୍ମର ବନ୍ଧନ, ବାହାଘର ଦୁଇଟି ଆତ୍ମାର ମିଳନ ଇତ୍ୟାଦି ଅନେକବାକ୍ୟରେ ବିବାହକୁ ସମାଜରେ ସମ୍ମାନିତ କରି କୁହାଯାଏ । ଏଥିରୁ ବିବାହର ବୈଶିଷ୍ଟ୍ୟତା ବହିର୍ଗତ ହୋଇଥାଏ । ତେଣୁ ଜୀବନ ଅପେକ୍ଷା ବିବାହ ବଡ ବୋଲି ଜଣାଯାଉଛି ।

୫୧୪. ମୁଖ ଭିତରେ ଥିବା ଜିଭର ଭୟ ନଥାଏ । କୌଣସି ପ୍ରକାରର ଆହାରକୁ ଦାନ୍ତ ଦ୍ୱାରା ଆମେ ଚୋବାଇବା ବେଳେ ଜିଭ ନିର୍ଭୟରେ ବିଚରଣ କରିଥାଏ । ସେହିଭଳି ଜୀବ ହୋଇଥିବା ତୁ କୌଣସି ବିଷୟରେ ବିଚଳିତ ନହୋଇ ନିର୍ଭୟରେ ରହିବା ଉଚିତ୍ ।

୫୧୫. ଧନୀ ତା'ପାଖରେ ଧନ ନାହିଁ କହିବା, ଜ୍ଞାନ ଜାଣି ନଥିବା ବ୍ୟକ୍ତି ମୋ'ଠାରେ ଜ୍ଞାନ ଅଛି କହିବା ସାଧାରଣ କଥା ।

୫୧୬. ଏକ ବିଷୟର ଭାବନା ବା ମୁଣ୍ଡରୁ ନୂତନଭାବରେ ଜନ୍ମିତ-

ଭାବ ବା ଉଭାବ ଥରେମାତ୍ର ଆସିଥାଏ, କିନ୍ତୁ ଆଲୋଚନା ଅନେକ ଥର ଆସିଥାଏ ।

୫୧୭. ଭାବନା ଆତ୍ମାର, ଆଲୋଚନା ମନର । ମନରେ ଭାବ୍ ବୋଲି କହିବା, ତୋ ଆତ୍ମାକୁ ଟିକିଏ ପଥର ବୋଲି କହିବା ଭୂଲ୍ ହୋଇଥାଏ ।

୫୧୮. ଆଗରୁ ନିର୍ଣ୍ଣୟ ନେବାକୁ ଯୋଜନା କହୁଛେ । ପରମାତ୍ମା ବିଧାନ ଅନୁସାରେ ଜନ୍ମହେବା ସମୟରୁ ଯାହା ନୀର୍ଣ୍ଣିତ ହୋଇ ରହିଛି ତାହାକୁ ଯୋଜନା ଶବ୍ଦ ଅନୁସାରେ ଜା-ପଥକ ବା ଜାତକ କୁହାଯାଏ ।

୫୧୯. ଅଦ୍ୱୈତ, ଦ୍ୱୈତ, ବିଶିଷ୍ଟାଦୈତମାନେ ଆତ୍ମାକୁ ଭୂଲି ପରମାତ୍ମା, ଜୀବାତ୍ମା ବାବଦରେ କହିଛନ୍ତି ।

୫୨୦. ପରମାତ୍ମା, ଜୀବାତ୍ମାଙ୍କ ସହିତ ଆତ୍ମା ମଧ୍ୟ ରହିଛି ବୋଲି କେବଳ ତ୍ରୈତ ସିଦ୍ଧାନ୍ତ କହିଥାଏ ।

୫୨୧. ଅଦ୍ୱୈତମାନେ କେବଳ ପରମାତ୍ମାଙ୍କୁ କହିଥିବା ବେଳେ, ବିଶିଷ୍ଟାଦ୍ୱୈତମାନେ ପରମାତ୍ମାଙ୍କୁ ବିଶିଷ୍ଟ ଭାବରେ ବର୍ଣ୍ଣନା କରିଛନ୍ତି ଆଉ ଦ୍ୱୈତମାନେ ପରମାତ୍ମା ଏବଂ ଜୀବାତ୍ମା ବାବଦରେ କହିଛନ୍ତି ।

୫୨୨. କେବଳ ତ୍ରୈତ ସିଦ୍ଧାନ୍ତ ସ୍ୱତନ୍ତ୍ର ଭାବରେ ଆତ୍ମା ବାବଦରେ କହିଥାଏ ।

୫୨୩. ଏକୈକ ପରମାତ୍ମାଙ୍କ ବାବଦରେ କହିଥା'ନ୍ତି ଅଦ୍ୱୈତମାନେ ଆଉ ବିଶିଷ୍ଟାଦ୍ୱୈତମାନେ । ପରମାତ୍ମା, ଜୀବାତ୍ମା ବାବଦରେ ଦ୍ୱୈତମାନେ କହିବା ସ୍ଥଳେ, ପରମାତ୍ମା, ଆତ୍ମା, ଜୀବାତ୍ମା ବାବଦ ରେ ତ୍ରୈତମାନେ କହିଥା'ନ୍ତି ।

୫୨୪. ଅବଧିହୀନ ସମାଚାରକୁ ବହନକରି ଯିଏ ନେଇ ଆସିଥା'ନ୍ତି କେବଳ ତାଙ୍କୁ ଅବଧୂତ କୁହାଯାଏ, ସେ କ୍ୱଚିତ୍ ଭୂପୃଷ୍ଠକୁ ଆସିଥା'ନ୍ତି, ସେ ହିଁ ଭଗବାନ ।

୫୨୫. ତାମସିକ, ରାଜସିକ, ସାତ୍ତ୍ୱିକ ଏବଂ ଯୋଗୀ ନାମରେ ମଣିଷକୁ ଭଗବାନ ଚାରିଭାଗରେ ବିଭାଜନକରି ଗୀତାରେ କହିଛନ୍ତି । ସେହି ମଣିଷମାନେ ଅଜ୍ଞାନୀ, ଜ୍ଞାନୀ, ଯୋଗୀ, ଭଗବାନ ଭାବରେ ଚାରିଭାଗ ହୋଇ ରହିଛନ୍ତି ବୋଲି **ତ୍ରୈତସିଦ୍ଧାନ୍ତ ଆଦିକର୍ତ୍ତା** କହିଛନ୍ତି ।

୫୨୬. ଷଡରୀପୁ ନାମକ ଗୁଣରାଜି ଭିତରେ ପ୍ରଥମ କ୍ରମରେ ରହିଥିବା ଆଶା ବା କାମ ଏବଂ ଶେଷରେ ଥିବା ଅସୂୟା ବା ମାତ୍ସର୍ଯ୍ୟ ନାମକ ଗୁଣ ମଣିଷଠାରେ ସ୍ୱତନ୍ତ୍ରଭାବରେ କାର୍ଯ୍ୟ କରିଥା'ନ୍ତି ।

୫୨୭. ଅନ୍ତଃକରଣର ପ୍ରଥମ କ୍ରମରେ ରହିଥିବା ମନ ଆଉ ଶେଷରେ ଥିବା ଅହଂ ଉଭୟ ସ୍ୱତନ୍ତ୍ରଭାବରେ କାର୍ଯ୍ୟ କରିଥା'ନ୍ତି ।

୫୨୮. ଶରୀରରେ ମନକୁ ଘୋଡା ସହିତ, ଅହଂକୁ କାଉ ସହିତ ତୁଳନା କରିପାରିବା ।

୫୨୯. ମନ ବିଷୟଗୁଡିକ ଘୋଡାଭଳି, ଅହଂ ବିଷୟଗୁଡିକ କାଉଭଳି ।

୫୩୦. ଘୋଡାଗୁଡିକର କାର୍ଯ୍ୟକୁ ବନ୍ଦ କରିଦେଲେ ବ୍ରହ୍ମଯୋଗ, କାଉର କାର୍ଯ୍ୟକୁ ବନ୍ଦ କରିଦେଲେ କର୍ମଯୋଗ ହୋଇଥାଏ ।

୫୩୧. ଆଧ୍ୟାତ୍ମିକ ଶରୀରର ବାହାରେ ନଥାଏ, ଶରୀର ଭିତରେ ଥାଏ ।

୫୩୨. ପକ୍ଷୀ ଦିନତମାମ ଯେତେ ଉଡିଲେ ମଧ୍ୟ ସଂଧ୍ୟାସମୟରେ ଆସି ତା'ର ବସାରେ ପହଞ୍ଚିବା ଭଳି, ମନ ଯେତେଯେଉଁ ବିଷୟରେ ବିଚରଣ କଲେ ମଧ୍ୟ ଶେଷରେ ତା'ର ନିଜବସା ହୋଇଥିବା ବ୍ରହ୍ମନାଡୀରେ ଆସି ପହଞ୍ଚିଥାଏ ।

୫୩୩. ତୁ ସମସ୍ତଙ୍କର ମାମୁଁ ହେବାକୁ ହେଲେ ଜହ୍ନମାମୁଁ ହେବାକୁ ପଡିବ,ଜହ୍ନମାମୁଁ ହେବାକୁହେଲେ ଦୈବଜ୍ଞାନ ଜାଣିବାକୁ ପଡିବ ।

୫୩୪. 'ନ' କହିଲେ ନୁହେଁ, 'ମମ୍' କହିଲେ ମୁଁ ତେଣୁ "ନାମମ୍" କହିଲେ ମୁଁ ନୁହେଁ ।
(ଏହା ତେଲୁଗୁଭାଷାରେ ତିଳକର ଅର୍ଥ)

୫୩୫. 'ସଂ' କହିଲେ ଜ୍ଞାନ, ଅନ୍ତକମ୍ କହିଲେ ବିନାଶ ହେବା । ତେଣୁ **ସନ୍ତକମ୍** କହିଲେ ଜ୍ଞାନହୀନ ।
( ଏହା ତେଲୁଗୁଭାଷାରେ ଦସ୍ତଖତ୍ ର ଅର୍ଥ)

୫୩୬. ଦଶ୍ କହିଲେ ଦଶ( ୧୦ ),ଖତ୍ କହିଲେ ବିଷୟଯୁକ୍ତ(ସଂଦେସ)। ତେଣୁ **ଦସ୍ତଖତ୍** କହିଲେ ଦଶେନ୍ଦ୍ରିୟର ସନ୍ଦେସ ବୋଲି ବୁଝିବା ଉଚିତ୍ ।

୫୩୭. ସିଗ୍ କହିଲେ ଚିହ୍ନ, ନେଚର କହିଲେ ପ୍ରକୃତି । ତେଣୁ **ସିଗ୍ନେଚର୍** କହିଲେ ପ୍ରକୃତିର ଚିହ୍ନ ।

୫୩୮. ଆତ୍ମା ବାବଦରେ କହିଲେ ଆଧ୍ୟାତ୍ମିକ ହୋଇଥାଏ । ଜୀବାତ୍ମା କିମ୍ବା ପରମାତ୍ମାଙ୍କ ବାବଦରେ କହିଲେ ଆଧ୍ୟାତ୍ମିକ ହୋଇନଥାଏ।

୫୩୯. କେବଳ ପରମାତ୍ମାଙ୍କ ବାବଦରେ କହୁଥବା ଅଦ୍ୱୈତମାନେ ହୁଅନ୍ତୁ, ବିଶିଷ୍ଟାଦ୍ୱୈତମାନେ ହୁଅନ୍ତୁ କିମ୍ବା ଉଭୟଙ୍କ ବାବଦରେ କହୁଥିବା ଅଦ୍ୱୈତମାନେ ହୁଅନ୍ତୁ ! ଆତ୍ମା ବାବଦରେ ନକହିବା ପର୍ଯ୍ୟନ୍ତ ସେମାନେ ଆଧ୍ୟାତ୍ମିକ ବାବଦରେ କହୁନାହାନ୍ତି ବୋଲି ଜାଣିବା ଉଚିତ୍ ।

୫୪୦. ଆତ୍ମା ବାବଦରେ ବିବରଣାତ୍ମକ କହୁଥିବା ତ୍ରୈତମାନେ ହିଁ ପ୍ରକୃତ ଆଧ୍ୟାତ୍ମିକ କହିଥା'ନ୍ତି ।

୫୪୧. ଯାହା ଜଣା ନାହିଁ ତାହା କେବଳ ଆତ୍ମା କହିଥାଏ । ତେଣୁ ଗବେଷଣା ଆତ୍ମାର ଆଉ ସିଦ୍ଧାନ୍ତ ମଧ୍ୟ ଆତ୍ମାର ।

୫୪୨. ଈଶ୍ୱର କହିଲେ ଅଧିପତି । ଜୀବେଶ୍ୱର କହିଲେ ଆତ୍ମା । ପରମେଶ୍ୱର କହିଲେ ପରମାତ୍ମା । ଯିଏ କୌଣସିର ଅଧିପତି ନୁହେଁ ସେ ଜୀବାତ୍ମା ।

୫୪୩. "ଅୟମାତ୍ମାବ୍ରହ୍ମ" କହିବା ସଂପୂର୍ଣ୍ଣ ଭୂଲ୍ । ତୋ'ର ଆତ୍ମା ଆତ୍ମା ହୋଇପାରେ ସିନା, କଦାପି ବ୍ରହ୍ମ ହୋଇପାରିବ ନାହିଁ ।

୫୪୪. ଅୟମାତ୍ମା ବ୍ରହ୍ମ କହିଲେ ଆତ୍ମାଠାରୁ ମୁଁ ଅଲଗା ବୋଲି ପରମାତ୍ମା କହିଥିବା ଅର୍ଥ ଭୂଲ୍ ହେବ ।

୫୪୫. ତୋ'ପାଖରେ ଯିଏ ଅଛି ସିଏ ଆତ୍ମା, ତୋ'ଚରିକଡରେ ଯାହା ଅଛି ସେ ପରମାତ୍ମା, କିନ୍ତୁ ଗୋଟିଏ ସ୍ଥାନରେ ରହିଥିବା ତୁ ଜୀବାତ୍ମା ।

୫୪୬. ନଖ, କେଶ ଉଭୟ ଆତ୍ମାର ସଙ୍କେତ, ମୁଖ ଜୀବାତ୍ମାର ସଙ୍କେତ ।

୫୪୭. ଭୟ ଏବଂ ଧୈର୍ଯ୍ୟ ଦୁଇଟିଯାକ ଶରୀରରେ ଥାଏ, ସେ ଦୁଇଟି ଗୁଣଭଳି ।

୫୪୮. ଭୟକୁ ତୋ'ର ଶରୀର ଭିତରେ ବିନାଶ କରିବାକୁ ହେବ, ବାହାର ଦେବତାମାନେ ତୋତେ ନିର୍ଭୟ ଦେଇପାରିବେ ନାହିଁ ।

୫୪୯. ମନ୍ଦିରର ଦେବତାମାନେ ସେମାନଙ୍କର ହାତକୁ ଦେଖାଇଥା'ନ୍ତି କେବଳ ତୁ ତୋର ହାତକୁ ଦେଖିବା ପାଇଁ,ତାହା ସେମାନଙ୍କର ଅଭୟହସ୍ତ ନୁହେଁ !

୫୫୦. ବାୟୁଯୁକ୍ତ ହୋଇ ରହିଥାଏ ଆୟୁ, ତେଣୁ ବାୟୁ ବା ଶ୍ୱାସ ଥିବା ପର୍ଯ୍ୟନ୍ତ ତୋ'ର ଆୟୁକାଳ ହିସାବ ହୋଇଥାଏ ।

୫୫୧. ତୋ'ର ମାତା ପ୍ରକୃତି, ତୋ'ର ପିତା ପରମାତ୍ମା, ତୋ'ସହିତ ଯେଉଁମାନେ ଜନ୍ମ ହୋଇଛନ୍ତି ସେମାନେ ଜୀବାତ୍ମା, ତେଣୁ ସମସ୍ତେ ତୋ'ର ଭାଇ, ଭଉଣୀ । ଏଇ କଥାକୁ ସମସ୍ତେ ଜାଣିବାପାଇଁ ବିବାହ ଉତ୍ସବରେ ତୋତେ ବର ଓ ତୋର ସ୍ତ୍ରୀକୁ କନ୍ୟା କୁହାଯାଇଥାଏ ।

୫୫୨. ପୁସ୍ତକ ଏବଂ ମସ୍ତକ ଉଭୟ ସମାଚାର ନିଳୟ ।

୫୫୩. ପୁସ୍ତକରେ କୌଣସି ସମାଚାର ରହିପାରେ, ସେହିଭଳି ମସ୍ତକରେ ମଧ୍ୟ କୌଣସି ସମାଚାର ରହିଥାଏ ।

୫୫୪. ପୁସ୍ତକରେ ଥିବା ସମାଚାରକୁ ପ୍ରକୃତି ସମ୍ବନ୍ଧୀୟ ଏବଂ ପରମାତ୍ମା ସମ୍ବନ୍ଧୀୟ ସମାଚାରଭାବରେ ଦୁଇଭାଗ କରି କହିପାରିବା ।

୫୫୫. ପୁସ୍ତକର ସମାଚାରଗୁଡିକ କାବ୍ୟ, ପୁରାଣ, ଇତିହାସ ଏବଂ ଶାସ୍ତ୍ର ଭାବରେ ଲେଖାଯାଇଥାଏ ।

୫୫୬. ମସ୍ତକର ବିଷୟଗୁଡିକ ମଧ୍ୟ ତାମସ, ରାଜସ, ସାତ୍ତ୍ୱିକ ଏବଂ ଯୋଗ ଭାବରେ ରହିଥାଏ ।

୫୫୭. ମୁଖନିଶୃତ ବାକ୍ୟ ନୀତିଯୁକ୍ତ ଅର୍ଥାତ୍ ନ୍ୟାୟଯୁକ୍ତ କିମ୍ବା – ଜ୍ୟୋତିଯୁକ୍ତ ବା ଜ୍ଞାନଯୁକ୍ତ ହେବା ଉଚିତ୍ ବୋଲି କହିଛନ୍ତି । ଜୀବନରେ ଭୌତିକ ନ୍ୟାୟରେ କିମ୍ବା ଦୈବଜ୍ଞାନରେ ଖ୍ୟାତି ଅର୍ଜନକରିବା ଉଚିତ୍ ବୋଲି ମନେରଖିବାପାଇଁ ଏକ କ୍ରମରେ ବାକ୍ୟ, ନୀତି, ଜ୍ୟୋତି, ଖ୍ୟାତି ବୋଲି କୁହାଯାଏ ।

୫୫୮. ମରଣରେ ୨୪ ଭାଗର ଶରୀର ତୋତେ ଛାଡି ଚାଲିଯାଏ, ତାହାକୁ ବର୍ଦ୍ଧନ୍ତି ବା ବାର୍ଷିକୀ କୁହାଯାଏ ।

୫୫୯. ଜନ୍ମରେ ୨୪ଭାଗର ଶରୀରରେ ତୁ ପ୍ରବେଶ କରୁଛୁ, ତାହା ହିଁ ତୋ'ର ଜୟନ୍ତି ।

୫୬୦. ମରଣ ପରେ କିମ୍ବା ଜନ୍ମ ପୂର୍ବରୁ ତୋ'ର ଶରୀର ନଥାଏ । ସେତେବେଳେ ତୁ, ତୋ'ର ଆତ୍ମା, ତୋ'ର କର୍ମ ଆଉ ଗୁଣ ଘରିଚକ୍ର ବିଶିଷ୍ଟ ଏକ ରୂପରେ ରହିଥାଏ ।

୫୬୧. ସେହି ଚକ୍ର ତୁ ବଞ୍ଚିଥିବା ସମୟରେ ତୋ'ର କପାଳରେ ସୂକ୍ଷ୍ମ ଭାବରେ ରହିଥାଏ ।

୫୬୨. ତୁ, ତୋ'ର ଆତ୍ମା, ତୋ'ର କର୍ମ ଆଉ ଗୁଣରାଜି ରହସ୍ୟ ଭାବରେ ରହସ୍ୟସ୍ଥଳରେ ରହିଛନ୍ତି, ଏହା କାହାକୁ ଜଣାନଥାଏ ।

୫୬୩. ତୋ'ଭିତରେ ଥିବା ତୋର ରହସ୍ୟକୁ ଜଣାଇବା ପାଇଁ ତ୍ରୈତମାନେ ବ୍ରହ୍ମ, କାଳ, କର୍ମ, ଗୁଣଚକ୍ର ଥିବା ଏକ ରୂପକୁ ଚିତ୍ରିତ କରି ସେମାନଙ୍କର କପାଳରେ ଧାରଣ କରିଥା'ନ୍ତି ।

୫୬୪. ବ୍ରହ୍ମ, କାଳ, କର୍ମ, ଗୁଣଚକ୍ର ବାବଦରେ ଜାଣିଗଲେ ନିଜର ରହସ୍ୟ ଜାଣିବାଭଳି ହୋଇଥାଏ ।

୫୬୫. ବ୍ରହ୍ମ, କାଳ, କର୍ମ, ଗୁଣଚକ୍ର ବାବଦରେ ଯିଏ କିଛି ଜାଣି ନାହିଁ ସେ ଆତ୍ମଜ୍ଞାନ ଜାଣେନାହିଁ କି ଜୀବାତ୍ମାଜ୍ଞାନ ମଧ୍ୟ ଜାଣେନାହିଁ ।

୫୬୬. ନିଜ ଦେହରେ ଥିବା ଏହି ଘରିଚକ୍ର ବାବଦରେ ନଜାଣି ସେ ଦ୍ୱୈତ ହେଉ, ଅଦ୍ୱୈତ ହେଉ କି ବିଶିଷ୍ଟାଦ୍ୱୈତ ହେଉ କଦାପି ଆତ୍ମଜ୍ଞାନ ଜାଣିପାରିବ ନାହିଁ ।

୫୬୭. ମନର ବିଚାରକୁ ସମସ୍ତେ ଜାଣିପାରନ୍ତି ସିନା, ଅହଂ କିପରି କାର୍ଯ୍ୟ କରୁଛି କେହି ଜାଣି ପାରନ୍ତି ନାହିଁ । ଅହଂ ସମସ୍ତଙ୍କର ଅଜ୍ଞାତରେ କାର୍ଯ୍ୟ କରିଥାଏ ।

୫୬୮. ଆମକୁ ଜଣା ନପଡି କାର୍ଯ୍ୟ କରୁଥିବା ଅହଂକୁ କଳାକାଉ ଭାବରେ, ଆମେ ଜାଣି ପାରୁଥିବା ଭଳି କାର୍ଯ୍ୟ କରୁଥିବା ମନକୁ ଧଳାଘୋଡା ଭାବରେ ତୁଳନାକରି କହିପାରିବା ।

୫୬୯. କାଉକୁ ଅର୍ଥାତ୍ ଅହଂକୁ ବଶୀଭୂତ କରିବାକୁ କର୍ମଯୋଗ

ଭାବରେ, ଘୋଡାକୁ ଅର୍ଥାତ୍ ମନକୁ ବଶୀଭୂତ
କରିବାକୁ ବ୍ରହ୍ମଯୋଗଭାବରେ ବର୍ଣ୍ଣନା କରିପାରିବା ।

୫୭୦. ଶରୀରର ଭିତର ଜ୍ଞାନ ଯିଏ ଜାଣିନାହିଁ ସେ କଦାପି ଦୈବଜ୍ଞାନ ଆହରଣ କରିପାରିବ ନାହିଁ କି ମୋକ୍ଷ ପାଇପାରିବ ନାହିଁ ।

୫୭୧. ଭିତରର ଜ୍ଞାନ ନଜାଣି, ବୁଦ୍ଧଦେବ ତାଙ୍କର ସ୍ତ୍ରୀ, ପିଲାଙ୍କୁ ଛାଡି ଚାଲିଯାଇଥିଲେ ।

୫୭୨. ତୋ'ର ବଡଭାଇ ଆତ୍ମା, ଆଉ ତୋ'ର ବାପା ପରମାତ୍ମା ତୋ'ରି ଶରୀରରେ ରହିଛନ୍ତି ବୋଲି ଭୂଲିବୁ ନାହିଁ ।

୫୭୩. ଯେଉଁମାନେ ଭୌତିକଶାସ୍ତ୍ରକୁ ଜାଣିଛନ୍ତି ସେମାନଙ୍କୁ ଶରୀରର ରକ୍ତ, ହାଡ, ମାଂସ, ମସ୍ତିସ୍କ ଇତ୍ୟାଦି ଦେଖାଯାଏ ସିନା ଶରୀରରେ ଥିବା ମନ, ବୁଦ୍ଧି, ଚିତ୍ତ, ଅହଂ ଇତ୍ୟାଦି କଦାପି ଦେଖାଯାଇ ନଥାଏ ।

୫୭୪. ଶରୀରଭାଗ ହୋଇଥିବା ମନ, ବୁଦ୍ଧି, ଚିତ୍ତ, ଅହଂ କାହାକୁ ଦେଖାଯାଉ ନଥିବା ବେଳେ, ଶରୀରର ଭାଗ ହୋଇ ନଥିବା ଜୀବାତ୍ମା, ଆତ୍ମା, ପରମାତ୍ମାଙ୍କୁ ବା କିଏ ଦେଖିପାରିବ !

୫୭୫. ବ୍ୟାସ ୧୮ଖଣ୍ଡ ପୁରାଣ ଆଉ ୬ଗୋଟି ଶାସ୍ତ୍ର ଲେଖିଥିଲେ ବୋଲି ଆମେ ଜାଣିଛେ, କିନ୍ତୁ ସେଗୁଡିକ ଭିତରୁ କେଉଁଗୋଟିକୁ ବ୍ୟାସଙ୍କ ଶରୀରର ଆତ୍ମା କୁହାଇ ଲେଖାଇଥିଲା ବୋଲି ଆମେ ଜାଣିନାହେଁ ।

୫୭୬. ବ୍ୟାସଙ୍କ ଶରୀରରୁ ଆତ୍ମା ୧୮ଖଣ୍ଡ ପୁରାଣ ଆଉ ୫ଗୋଟି ଶାସ୍ତ୍ରକୁ ଲେଖାଇଥିଲା ସିନା, ଷଷ୍ଠତମ ଶାସ୍ତ୍ର ହୋଇଥିବା ଯୋଗଶାସ୍ତ୍ରକୁ ସ୍ୱୟଂ ଆତ୍ମା ଲେଖାଇ ନଥିଲା ।

୫୭୭. ପରମାତ୍ମା ତାହାକୁ ଜଣାଇଥିବା ବେଳେ ଆତ୍ମା ତାହାକୁ ଗ୍ରହଣ କରି ଷଷ୍ଠତମ ଯୋଗଶାସ୍ତ୍ରକୁ ଲେଖାଇଛି ।

୫୭୮. ଆତ୍ମାକୁ ମଧ୍ୟ ଜଣାନଥିବା ଯୋଗଶାସ୍ତ୍ର ମଣିଷ ଜାଣିଯାଇଛି ଭାବିବା କ'ଣ ଅଜ୍ଞାନ ନୁହେଁ ?

୫୭୯. ଆତ୍ମାଠାରୁ ଜାଣିଥିବା ସିଦ୍ଧାନ୍ତକୁ ମୁଁ ପ୍ରତିପାଦନ କଲି ବୋଲି କହିବା କ'ଣ ଅହଂକାର ନୁହେଁ?

୫୮୦. ସିଦ୍ଧାନ୍ତ ମଣିଷର ନୁହେଁ ମଣିଷ ଭିତରେ ଥିବା ଆତ୍ମାର । ନିଉଟନ୍ ସିଦ୍ଧାନ୍ତକୁ ନିଉଟନ୍ ପ୍ରତିପାଦିତ କରିନାହାନ୍ତି, ତାଙ୍କର ଆତ୍ମା କରିଛି ।

୫୮୧. ଯେଉଁଠାରେ ୯ର ବା ଜଳର ସନ୍ଧାନ ଥାଏ ସେଠାରେ ଗାଆଁଟିଏ ଗଢ଼ିଉଠିଥାଏ । ତୋ'ର ଗାଆଁ କେଉଁଠାରେ ଅଛି ତୁ ଜାଣିଛୁ ?

୫୮୨. ତୋ'ଗାଆଁରେ ସାତଗୋଟି ୯ର ବିଶିଷ୍ଟ ଜଳ ସନ୍ଧାନ ଅଛି । - ତାହା ହିଁ ତୋ'ର ଶରୀର ବୋଲି ଜାଣ୍ ।

୫୮୩. ଶରୀର ନାମକ ଗାଆଁରେ ତୋ'ର ୨୪ ଜଣ ସହଚରଙ୍କ ସହିତ ତୁ ନିବାସ କରୁଛୁ ବୋଲି ଭୂଲ୍ ନାହିଁ ।

୫୮୪. ଶରୀର ନାମକ ଗାଆଁରେ ତୁ ସବୁଆଡେ ରହିନାହୁଁ । ତୁ କେବଳ ସେହି ଗାଆଁର ଗୋଟିଏ ଘରେ ରହୁଛୁ, ତାହା ହିଁ ତୋ'ର ଘର ।

୫୮୫. ତୁ ରହୁଥିବା ସାରାଶରୀର ତୋ'ର ନୁହେଁ! ଶରୀରର ମାତ୍ର ଗୋଟିଏ ସ୍ଥାନରେ ତୁ ରହିଛୁ, ସେହି ସ୍ଥାନ ହିଁ ତୋ'ର ।

୫୮୬. ଗାଆଁର ଜଣେ ମୁଖିଆ ଥାଆନ୍ତି, ତାଙ୍କୁ ଆଜି ସରପଞ୍ଚ କୁହାଯାଏ, ସେହିପରି ତୋ'ଶରୀର ନାମକ ଗାଆଁରେ ଥିବା ମୁଖିଆ ହେଉଛି ଆତ୍ମା ।

୫୮୭. କଏଦି ତା'ର କାର୍ଯ୍ୟଫଳ ହୋଇଥିବା ପାପକୁ ପାଇଛି, ରୋଗୀ ତା'ର ପାପଫଳ ହୋଇଥିବା ଦଣ୍ଡକୁ ଭୋଗୁଛି ।

୫୮୮. କୌଣସି ଭୂଲ୍ ଅପରାଧ ହୋଇଥାଏ । ପ୍ରପଞ୍ଚରେ ଯିଏ ଅନ୍ୟାୟ ଆଚରଣ କରିଥାଏ ସେ ଅପରାଧି ହୋଇଥାଏ ।

୫୮୯. କୌଣସି ଅପରାଧ ହେଉ ତାହା ପାପ ହୋଇଥାଏ । କୌଣସି ପାପ ହେଉ ତାହା ଜୀବପାଇଁ ଦୁଃଖଦ ହୋଇଥାଏ ।

୫୯୦. ଗତକାଳର ଅପରାଧି, ବର୍ତ୍ତମାନ କାଳର ରୋଗୀ, ବର୍ତ୍ତମାନ କାଳର ଅପରାଧି ଭବିଷ୍ୟତ କାଳର ରୋଗୀ ।

୫୯୧. କରୁଥିବା ଅପରାଧ ଆଗରୁ ପ୍ରକୃତି ଦ୍ୱାରା ନୀର୍ଣ୍ଣିତ ହୋଇଥିବା ଯୋଜନା ସିନା, କେହି ସ୍ୱୟଂ କରିପାରନ୍ତି ନାହିଁ, କିନ୍ତୁ ନିଜେ କରୁଛନ୍ତି ବୋଲି ଭାବିବାଦ୍ୱାରା ରୋଗ ଭୋଗିବାକୁ ହୋଇଥାଏ ।

୫୯୨. ଜାଗ୍ କହିଲେ ଜାଗ୍ରତ ରହିବା ବା ଚେଇଁଉଠିବା, ଗତ୍ କହିଲେ ଯାହା ଗତ ହୋଇଯାଇଛି ବା ବିତିଯାଇଛି । ଜାଗ୍ + ଗତ୍ = ଜାଗତ୍ ହୋଇ କାଳକ୍ରମେ ତାହାର ରୂପାନ୍ତର ଜାଗ୍ରତ ହୋଇଛି ।

୫୯୩. ବିତିଯାଇଥିବା ଜନ୍ମ ବାବଦରେ ଆଲୋଚନା କରି, ଆସୁଥିବା ମରଣ ପାଇଁ ଜାଗ୍ରତ (ସତର୍କ) ରହିବା ଉଚିତ୍ ।

୫୯୪. ନିଜ ମରଣକୁ ଯିଏ ସ୍ମୃତିରେ ଆଣୁଥାଏ ସେହିଁ ପ୍ରକୃତ ଜାଗ୍ରତ ଅବସ୍ଥାରେ ଅଛି, ଯିଏ ନିଜ ମରଣକୁ ଭୂଲିଯାଇଛି ସେ ଅଜାଗ୍ରତ ଅବସ୍ଥାରେ ଅଛି ।

୫୯୫. ମୋ'ର ଅନେକ ଜନ୍ମ, ଅନେକ ମରଣ ବିତିଯାଇଛି, ସେଗୁଡିକ ମୋତେ ଜଣା ନାହିଁ, ମୁଁ ଜାଣୁଛି ଯେ, ମୁଁ ଏବେ ଜନ୍ମ ହୋଇଛି ଆଉ ମୋ'ର ମରଣ ବାକିଅଛି, ସେହି ମରଣକୁ ମୁଁ ଆଗରେ ଦେଖୁଛି ବୋଲି ଜଣେ ଜ୍ଞାନୀ ସର୍ବଦା ଭାବିଥାଏ ।

୫୯୬. ସ୍ତ୍ରୀ ଅବିବାହିତା ଥିବାବେଳେ ତା'ର ଦୁଇଜଣ ସ୍ୱାମୀ ଥାଆନ୍ତି । ବିବାହିତା ହେବାବେଳେ ତା'ର ତିନିଜଣ ସ୍ୱାମୀ ହୋଇଯାଆନ୍ତି । ତେଣୁ ଜଣେ ସ୍ତ୍ରୀର ଦେଖାଯାଉଥିବା ସ୍ୱାମୀ ଜଣେ ଥିବାବେଳେ ଦେଖାଯାଉ ନଥିବା ସ୍ୱାମୀ ଦୁଇଜଣ ଥାଆନ୍ତି ବୋଲି କହିପାରି

୫୯୭. ଶରୀରରେ ଗୁଣଗୁଡିକ ଅଲଗା ଆଉ ଆତ୍ମା ଅଲଗାଭାବରେ ଥାଏ । ଜୀବ ଗୁଣଗୁଡିକୁ ଛାଡିବା ପରେ ଆତ୍ମାକୁ ଜାଣିପାରେ ।

୫୯୮. କୌଣସି ଗୁଣ ଦ୍ୱାରା ଆତ୍ମାକୁ ଜାଣିହୁଏ ନାହିଁ । ତେଣୁ ଆତ୍ମଜ୍ଞାନ ପାଇଁ ପ୍ରେମ, ଦୟା, ଦାନ ଗୁଣଗୁଡିକ କୌଣସି କାର୍ଯ୍ୟରେ ଆସନ୍ତି ନାହିଁ ।

୫୯୯. ଅନେକଲୋକ ଅହଂକୁ ଏକ ଗୁଣ ଭାବିଥା'ନ୍ତି, କିନ୍ତୁ ଅହଂ ଏକ ଗୁଣ ନୁହେଁ ! ଅହଂ ଶରୀରର ଏକ ଭାଗ ବୋଲି ଜାଣିବା ଉଚିତ୍

୬୦୦. ଗୁଣଗୁଡିକ ଶରୀରର ଏକ ଏକ ଭାଗ ନୁହନ୍ତି । ଶରୀର ଭିତରେ ଶରୀରଠାରୁ ଭିନ୍ନତଃ, ଶରୀର ହୋଇନଥିବା ବ୍ରହ୍ମ,କାଳ, ଗୁଣଚକ୍ର ସମୁଦାୟର ସଭାତଳେ ଥିବା ଗୁଣଚକ୍ରରେ ଥାଆନ୍ତି ।

୬୦୧.ଶରୀର ଭିତରେ ଥିବା ଗୁଣରାଜି ମୋଟ ୩୬ ଗୋଟି, ଶରୀରର ଅନ୍ତଃକରଣଗୁଡିକ ଚ଼ରିଗୋଟି, ସେହି ଅନ୍ତଃକରଣଗୁଡିକ ଭିତରୁ ଅହଂ ଅନ୍ୟତମ ।

୬୦୨. ଶରୀରର ଅନ୍ତର୍ଭାଗ ହୋଇଥିବା ଅହଂ ଦ୍ୱାରା କର୍ମଯୋଗ, ମନ ଦ୍ୱାରା ବ୍ରହ୍ମଯୋଗ, ବୁଦ୍ଧି ଦ୍ୱାରା ଭକ୍ତିଯୋଗ ହୋଇପାରିଥାଏ ।

୬୦୩. ପରମାତ୍ମାଙ୍କର ଦୟା ନାହିଁ, ଖାଲି ଦୟାଗୁଣ କାହିଁକି ଅନ୍ୟ କୌଣସି ଗୁଣ ମଧ୍ୟ ନାହିଁ ।

୬୦୪. ପରମାତ୍ମାଙ୍କର ପ୍ରେମ ନାହିଁ, କିନ୍ତୁ ଇଚ୍ଛା ଅନିଚ୍ଛା ଅଛି ।

୬୦୫. ଇଚ୍ଛାକୁ ଅନେକଲୋକ ପ୍ରେମ କହିଥା'ନ୍ତି, କିନ୍ତୁ ପ୍ରେମ ଆଉ ଇଚ୍ଛା ଭିନ୍ନ ଭିନ୍ନ ।

୬୦୬. କାମ ଏବଂ ମୋହଗୁଣକୁ ଏକ ବୋଲି ଭାବନ୍ତି ସିନା, କାମଗୁଣ ଅଲଗା, ମୋହଗୁଣ ମଧ୍ୟ ଅଲଗା ।

୬୦୭. ଗୋଟିଏ ଦେବତାର କୀର୍ତ୍ତିଗାନ କରିବାକୁ ଭକ୍ତି ଆଉ ଜ୍ଞାନ ଭାବିଥା'ନ୍ତି, ତାହା ଭକ୍ତି ହୋଇପାରେ ସିନା, ଜ୍ଞାନ ନୁହେଁ ।

୬୦୮.କୌଣସି ଦେବତା କିମ୍ବା ପରମାତ୍ମାଙ୍କ କୀର୍ତ୍ତିଗାନ କରିବା କୀର୍ତ୍ତନ ହୋଇଥାଏ । କୀର୍ତ୍ତନ ଅଲଗା ଆଉ ଧ୍ୟାନ ଅଲଗା ।

୬୦୯. କାହାର କୀର୍ତ୍ତିଗାନ କଲାବେଳେ ତାହା ବାହାର ପ୍ରଜାଙ୍କୁ ଜଣାପଡିଥାଏ, ଧ୍ୟାନକରିବା ବେଳେ ତାହା କେବଳ ଭିତରର ଆତ୍ମା ଜାଣିଥାଏ ।

୬୧୦. ଉନ୍ନତ ଅନୁନ୍ନତ ବୁଦ୍ଧିର ଭିନ୍ନତା ଅନୁସାରେ ରହିଥାଏ । ଘୁଷୁରୀ ପାଇଁ ବିଷ୍ଠା ଉନ୍ନତ, ତାହା ମଣିଷ ପାଇଁ ଅନୁନ୍ନତ ।

୬୧୧. କାହାର ବୁଦ୍ଧିରେ ଦୈବଜ୍ଞାନ ଉନ୍ନତ ବିବେଚିତ ହେବାବେଳେ ଆଉକାହାର ବୁଦ୍ଧିରେ ଦୈବଜ୍ଞାନ ଅନୁନ୍ନତ ବୋଧହୋଇ ପ୍ରପଞ୍ଚ ଜ୍ଞାନ ଉନ୍ନତ ବୋଧହୁଏ ।

୬୧୨. ଭିତରେ ବୁଦ୍ଧି ବଦଳିବା ବେଳେ, ବାହାରେ ଅନୁନ୍ନତ ଉନ୍ନତ ଭାବରେ ବଦଳି ପାରେ, ସେତେବେଳେ ମଣିଷକୁ ଅନୁନ୍ନତ ବୋଧ ହେଉଥିବା ଦୈବଜ୍ଞାନ ମହୋନ୍ନତ ବୋଧ ହୋଇଥାଏ ।

୬୧୩. ତୁ କହୁଥିବା ଦୈବଜ୍ଞାନ କାହାକୁ ଅନୁନ୍ନତ ବୋଧ ହେଉଛି ଅର୍ଥାତ୍ ତାହା ତା'ର ବୁଦ୍ଧିଲୋପ ହୋଇପାରେ ।

**୬୧୪. ଅନ୍ନ ଦ୍ୱାରା କ୍ଷୁଧା ଦୂରହୁଏ, ଜ୍ଞାନ ଦ୍ୱାରା କର୍ମ ଦୂରହୁଏ ।**

୬୧୫. କ୍ଷୁଧା ଉଦରରେ କଷ୍ଟଦିଏ, କର୍ମ ମୁଣ୍ଡରେ କଷ୍ଟଦିଏ ।

୬୧୬. ଧନବାନ ବସ୍ତୁଦାନ ଦେବା, ଜ୍ଞାନୀ ଜ୍ଞାନଦାନ କରିବା ଉଚିତ୍ ।

୬୧୭. ଧନବାନ ଜ୍ଞାନଦାନ ଦେବା,ଜ୍ଞାନୀ ବସ୍ତୁଦାନ ଦେବା ଧର୍ମବିରୁଦ୍ଧ

୬୧୮. ଶାସ୍ତ୍ରକୁ ପୁରାଣ କହିବା, ପୁରାଣକୁ ଶାସ୍ତ୍ର କହିବା ହାତୀକୁ ମୂଷା ଆଉ ମୂଷାକୁ ହାତୀ କହିବା ଭଳି ହୋଇଥାଏ ।

୬୧୯. ତୋତେ ଭଲ ଲାଗୁନାହିଁ ବୋଲି ଭଲ କେବେ ଖରାପ ହୋଇଯିବ ନାହିଁ । ସେହିଭଳି ତୋତେ ଭଲ ଲାଗିଲେ କ'ଣ ହେବ ଖରାପ କେବେ ଭଲ ହୋଇ ପାରିବ ନାହିଁ ।

୬୨୦. କର୍ମ କ'ଣ ତାହା ଅଜ୍ଞାନୀମାନେ ବୁଝି ପାରନ୍ତି ନାହିଁ । ବିନା କର୍ମରେ ଗୋଟିଏ କ୍ଷଣ ମଧ୍ୟ ବିତେନାହିଁ ।

୬୨୧. ଗୋଟିଏ କ୍ଷଣ ବିତିଗଲା ବୋଲି ଭାବିଲେ କର୍ମର ତୃଣଟିଏ ଅମଳ ହୋଇଗଲା ବୋଲି ଭାବ୍ ।

୬୨୨. ତୋତେ ଯାହା ମିଳୁଛି ତାହା ତୋ'ର କର୍ମ ଅନୁସାରେ ମିଳୁଛି । ତୋ'ର ଯାହାସବୁ ଅଛି ତାହା ତୋ'ର କର୍ମ ଅନୁସାରେ ଅଛି । ତୋ'ର ଯାହା ଚାଲିଯାଇଛି ତାହା ମଧ୍ୟ ତୋ'ର କର୍ମ ଅନୁସାରେ ଚାଲିଯାଇଛି ।

୬୨୩. ମୋର ବୋଲି ଭାବୁଥିବା ତୋ'ର କୁଳ କଅଣ ସତରେ ତୁ ଜାଣିଛୁ ? ହୁଏତ ତାହା ମଝିରେ ବଦଳିଥାଇ ପାରେ !

୬୨୪. ମୋ'ର ବୋଲି ଭାବୁଥିବା ତୋ'ର ମତ କଅଣ ସତରେ ତୁ ଜାଣିଛୁ ? ହୁଏତ ତାହା ମଝିରେ ବଦଳିଥାଇ ପାରେ !

୬୨୫. ତୋର ଅଜାଣତରେ ଅପରିବର୍ତ୍ତନୀୟ ମତରେ, ଅପରିବର୍ତ୍ତନୀୟ କୁଳରେ ତୁ ରହିଛୁ ।

୬୨୬. ତୁ ସବୁବେଳେ ଅପରିବର୍ତ୍ତନୀୟ ଜୀବକୁଳରେ ଅଛୁ ।
ସେହିଭଳି କେବେ ବଦଳୁନଥିବା ଦୈବମତରେ ଅଛୁ ।

୬୨୭. ତୋ'ର ଗୋତ୍ର ହେଉଛି ପ୍ରକୃତିଗୋତ୍ର, ତୋ'ର ସାଙ୍ଗିଆ ସବୁବଳେ କର୍ମ ।

୬୨୮. ସାଙ୍ଗିଆ ନଥିବା ତୋ'ର ପିତା ହେଉଛନ୍ତି ପରମାତ୍ମା ।

୬୨୯. ସାଙ୍ଗିଆ ଥିବା ପିତା ତୋ'ରି ଶରୀରରେ ଥାଆନ୍ତି ବୋଲି ଜାଣ୍ ।

୬୩୦. ସୀମାହୀନ ମନ କର୍ମ କାରଣରୁ ଦଉଡିଥାଏ ।

୬୩୧. ଘେବାଉଥିବା ଦୁଇଧାଡିର ଦାନ୍ତମଝିରେ ଜିଭ ଯେମିତି ଖାଦ୍ୟକୁ ନିର୍ଭୟରେ ଏପଟ ସେପଟ କରେ, ସେହିଭଳି କଷ୍ଟଦାୟୀ କର୍ମ ଭିତରେ ଜୀବ ନିର୍ଭୟରେ ରହିବା ଉଚିତ୍ ।

୬୩୨. ରହୁଥିବା ଶରୀରରେ ଜୀବ ତା'ର ଠିକଣା କଅଣ ଜାଣି ନାହିଁ ।

୬୩୩. ଶରୀର ନାମକ ଗାଆଁରେ ନିଜଘର କେଉଁଠି, ତା'ର ପଡୋଶୀ କିଏ ନଜାଣି ଜୀବ ଜୀବନ ବଞ୍ଚିଥାଏ ।

୬୩୪. ପ୍ରପଞ୍ଚଜ୍ଞାନରେ ରାଜା ଆଉ ଗରିବର ଯେତିକି ଭିନ୍ନତା ରହିଥାଏ ପରମାତ୍ମା ଜ୍ଞାନରେ ବ୍ରହ୍ମର୍ଷି ଆଉ ମୁର୍ଖର ସେତିକି ଭିନ୍ନତା ରହିଥାଏ ।

୬୩୫. କେତେବଡ ଗଛ ହେଉପଛେ ପବନରେ ହଲିବା ଭଳି କେତେବଡ ଲୋକ ହେଲେ ମଧ୍ୟ କର୍ମକୁ ଅନୁଭବ କରିଥାଏ ।

୬୩୬. ଯେତେ ବଡଜ୍ଞାନୀ ହେଲେ ମଧ୍ୟ ତା'ଠାରେ ମନ ନିଶ୍ଚୟ କାର୍ଯ୍ୟ କରିବା ଭଳି ଯେତେ ବଡ ଦେବତା ହେଲେ ମଧ୍ୟ ନିଶ୍ଚୟ ଦୁଃଖକଷ୍ଟ ଭୋଗିଥାଏ ।

୬୩୭. ମଣିଷ ଭିତରେ ଧନୀ ଦରିଦ୍ର ଥିବା ଭଳି ଦେବତାମାନଙ୍କ ଭିତରେ ମଧ୍ୟ ଧନୀ ଦରିଦ୍ର ଥାଆନ୍ତି ।

୬୩୮. ଯେଉଁ ପରମାତ୍ମା ମଣିଷପାଇଁ ସବୁଠାରୁ ମହାନ ଅଟନ୍ତି, ସେହି ପରମାତ୍ମା ଦେବତାମାନଙ୍କ ପାଇଁ ମଧ୍ୟ ମହାନ ଅଟନ୍ତି ।

୬୩୯. କେହି ଦୁଃଖ ଭୋଗୁଥିବା ଲୋକ ଦିନେ ସୁଖି ହୋଇଯାଉ କି କେହି ସୁଖ ଭୋଗୁଥିବା ଲୋକ ଦିନେ ଦୁଃଖ ଭୋଗୁ ତାହା ତା'ର ବୁଦ୍ଧି ଅନୁସାରେ ଭୋଗୁଛି ବୋଲି ଭାବିବା ଭୂଲ୍, ଭୋଗ କରିବା ସମସ୍ତଙ୍କର କର୍ମ ଅନୁସାରେ ହୋଇଥାଏ ।

୬୪୦. ଜଳ ଭୂଅଭ୍ୟନ୍ତରରେ ଆଉ ଭୂପୃଷ୍ଠରେ ରହିଥାଏ । ସେହିଭଳି ପରମାତ୍ମା ଶରୀର ଭିତରେ ଆଉ ଶରୀରର ବାହାରେ ରହିଥାନ୍ତି ।

୬୪୧. ଫଳର ରସ ଫଳ ଭିତରେ ଥାଏ ସିନା, ଫଳର ବାହାରେ ନଥାଏ । ସେହିଭଳି ଆତ୍ମା ଶରୀରଭିତରେ ରହିଥାଏ ସିନା, ଶରୀର ବାହାରେ ନଥାଏ ।

୬୪୨. କାଲା, ଖନା, ଛୋଟା, କିମ୍ବା ଅନ୍ଧ ହୋଇଥିବା କୌଣସି ଭିକାରି ମନ୍ଦିର ଆବରଣ ଭିତରେ କୌଣସି ଏକ ସ୍ଥାନରେ ବସିଥାଏ, ମନ୍ଦିରସାରା ବୁଲିନଥାଏ । ସେହିଭଳି ଅନ୍ଧ ହୋଇଥିବା ଜୀବ ଶରୀର ଆବରଣର ଗୋଟିଏ ସ୍ଥାନରେ ରହିଥାଏ ।

୬୪୩. ପକ୍ଷୀ ଆକାଶରେ ଉପରକୁ ଉଡିବା ଭଳି ଆତ୍ମା ଉନ୍ନତ ସ୍ଥିତିକୁ ଯୋଗ ଦ୍ୱାରା ଜୀବକୁ ଯୋଗାଇଦେବାକୁ ଭାବିଥାଏ ।

୬୪୪. ସାପ ଭୂପୃଷ୍ଠରେ ଥିବା ଗାତ ଭିତରକୁ ଯିବା ଭଳି ମାୟା କାର୍ଯ୍ୟଗୁଡିକ ଦ୍ୱାରା ଜୀବକୁ ନୀଚସ୍ଥିତିକୁ ନେଇଯିବାକୁ ଭାବିଥାଏ ।

୬୪୫. ଭାବନା ଆତ୍ମା ଦ୍ୱାରା ଜନ୍ମ ହେବା ସ୍ଥଳେ, ଆଲୋଚନା ମନ ଦ୍ୱାରା ଜନ୍ମିଥାଏ ।

୬୪୬. ଉଦ୍ଭାବାତ୍ମକ ହୋଇଥାଏ ସିଦ୍ଧାନ୍ତ, ଅର୍ଥାତ୍ ଏକ ସିଦ୍ଧାନ୍ତକୁ ପ୍ରଥମେ ଭିତରେ ଉଦ୍ଭାବ ଦ୍ୱାରା ଅଣାଇଥାଏ ଆତ୍ମା ।

୬୪୭. ସିଦ୍ଧାନ୍ତ ଆତ୍ମା ଦ୍ୱାରା ଜନ୍ମହେବା ସ୍ଥଳେ, ବିଭ୍ରାନ୍ତ ମନ ଦ୍ୱାରା ଜନ୍ମିଥାଏ ।

୬୪୮. ଭାବନା ହେଉ ବା ଆଲୋଚନା ତାହା ଭିତରୁ ଆସିଥାଏ । ସେଥିଲାଗି କେଉଁଟି ଭାବନା ଆଉ କେଉଁଟି ଆଲୋଚନା ତାହା ଆମକୁ ଶୀଘ୍ର ଜଣାପଡି ନଥାଏ ।

୬୪୯. ଅନେକଲୋକ ଭାବନାକୁ ଆଲୋଚନା, ଆଲୋଚନାକୁ ଭାବନା ଭାବିଥା'ନ୍ତି ।

୬୫୦. ଅହଂ ତା'ର କାର୍ଯ୍ୟ କେଉଁଠାରୁ ଆରମ୍ଭକରେ ତାହା କାହାକୁ ଜଣାପଡେ ନାହିଁ, ତେଣୁ ଅହଂକୁ କଳାକାଉ ଭାବରେ ହିସାବ କରି କହିପାରିବା ।

୬୫୧. କେହି ମଧ୍ୟ ସ୍ମୃତିରେ ରହିଥିବା ବେଳେ ନିଦ୍ରାଯାଏ ନାହିଁ । ଯଦି କେହି ସେଭଳି ନିଦ୍ରାଯାଏ ତେବେ ସେ ନିଶ୍ଚୟ ବ୍ରହ୍ମଯୋଗୀ ହୋଇଥିବ ।

୬୫୨. ଗୋଡରେ କେତେ ଆଘାତ ଲାଗିଛି ତାହା ମୁଖ୍ୟ ନୁହେଁ, ସେହି ଆଘାତ କେତେ କଷ୍ଟଦାୟକ, ଜୀବ କେତେ ଅନୁଭବ କରୁଛି ତାହା ମୁଖ୍ୟ ହୋଇଥାଏ, ତାହା ହିଁ ଜୀବର କର୍ମ ଅନୁଭବ ।

୬୫୩. ଅନେକ ଯୋଗାସନ ଅଛି, ସେସବୁ ଶରୀର ବ୍ୟାୟାମ ସମ୍ବନ୍ଧୀୟ ସିନା ବାସ୍ତବରେ ଯୋଗ ନୁହେଁ ।

୬୫୪. ଯୋଗାସନ ଅଲଗା ଆଉ ଯୋଗ ଅଲଗା ।

୬୫୫. ଯିଏ ଯୋଗାସନ ଶିଖିଛି ସେ ଯୋଗୀ ହୋଇପାରିବ ନାହିଁ ।

୬୫୬. ଯିଏ ପ୍ରାଣାୟାମ ଶିଖିଛି ସେ ବ୍ରହ୍ମଯୋଗୀ ହୋଇପାରେ, କିନ୍ତୁ କର୍ମଯୋଗୀ ହୋଇପାରିବ ନାହିଁ ।

୬୫୭. କର୍ମଯୋଗୀକୁ କେହି ଚିହ୍ନି ପାରନ୍ତି ନାହିଁ ସିନା ବ୍ରହ୍ମଯୋଗୀକୁ ସମସ୍ତେ ଚିହ୍ନି ପାରନ୍ତି ।

୬୫୮. ବ୍ରହ୍ମବିଦ୍ୟାକୁ ଟଙ୍କା ଦେଇ କିଣି ପାରିବା ନାହିଁ, କିନ୍ତୁ ଟିକିଏ ଶ୍ରଦ୍ଧା ଦ୍ୱାରା ତାହାକୁ ହାସଲ କରି ପାରିବା ।

୬୫୯. ଜ୍ଞାନ ଥିବା ପୁସ୍ତକକୁ ଟଙ୍କାଦେଇ କିଣି ପାରିବା, କିନ୍ତୁ ପୁସ୍ତକର ଜ୍ଞାନକୁ ବିନା ଟଙ୍କାରେ ମାତ୍ର ଟିକିଏ ଶ୍ରଦ୍ଧାରେ ମୁଣ୍ଡକୁ ଚଢାଇ ପାରିବା ।

୬୬୦. ବସ୍ତ୍ର ଶରୀରକୁ ସୁନ୍ଦର କରିବା ଭଳି ଆତ୍ମଜ୍ଞାନ ଜୀବକୁ ଆନନ୍ଦ ଦେଇଥାଏ ।

୬୬୧. ଖାଇବା ପାଇଁ ବଞ୍ଚିବା କିମ୍ବା ବଞ୍ଚିବା ପାଇଁ ଖାଇବା ପ୍ରକୃତ ଜୀବନ ନୁହେଁ ।

୬୬୨. ଦୈବଜ୍ଞାନ ଯୁକ୍ତ ଜୀବନ ମହାନକାର୍ଯ୍ୟ ଭଳି । ଦୈବଜ୍ଞାନହୀନ ଜୀବନ ବୃଥାକାର୍ଯ୍ୟ ଭଳି ହୋଇଥାଏ ।

୬୬୩. ଆତ୍ମାନନ୍ଦ ବ୍ୟତୀତ ଆଉକୌଣସି ଆନନ୍ଦକୁ ମହାନ ଭାବ୍ ନାହିଁ ।

୬୬୪. ଗୋଟିଏ ଦିନରେ ସକାଳ, ଦ୍ୱିପ୍ରହର, ସଂଧ୍ୟାକାଳ ଥିବା ଭଳି, ମଣିଷ ଜୀବନରେ ଜନ୍ମହେବା, ବଢିବା, ମୃତ୍ୟୁବରଣ କରିବା ରହିଥାଏ ।

୬୬୫. ଭୂପୃଷ୍ଠରେ କେହି ମଧ୍ୟ ଗୁରୁ ଭାବରେ, ସ୍ୱାମିଜୀ ଭାବରେ, ବାବା ଭାବରେ ପରିଗଣିତ ହୋଇପାରେ । ଏମାନେ ଏଭଳି ପରିଗଣିତ ହେବାକୁ କେହି ବାଧା ଦେଇ ନ ପାରନ୍ତି, କିନ୍ତୁ ଭଗବାନ ଭୂପୃଷ୍ଠକୁ ଆସିବାବେଳେ ତାଙ୍କର କ୍ଷମତା କଅଣ ତାଙ୍କ ଜ୍ଞାନବାଣୀ ଦ୍ୱାରା ବହିର୍ଗତ ହୋଇଥାଏ ।

୬୬୬. ଗୁରୁ, ସ୍ୱାମିଜୀ, ବାବା, ପୀଠାଧିପତି ଭାବରେ ପରିଗଣିତ ହେଉଥିବା ବ୍ୟକ୍ତିମାନଙ୍କଠାରେ ଆଧ୍ୟାତ୍ମିକ ଅଛି କି ନାହିଁ କେବଳ ଭଗବାନ କହି ପାରନ୍ତି ।

୬୬୭. ଗୁରୁ, ସ୍ୱାମିଜୀ, ବାବା, ପୀଠାଧିପତିମାନଙ୍କଠାରୁ ଭିନ୍ନଭାବରେ ଥିବା ଭଗବାନଙ୍କୁ କେହି ଚିହ୍ନି ପାରନ୍ତି ନାହିଁ ।

୬୬୮. ପରମାତ୍ମା ହଜାର ହଜାର ବର୍ଷ ପରେ, କେହି ଜାଣି ନ ପାରିବା ସ୍ଥିତିରେ, ଭୂପୃଷ୍ଠକୁ ଭଗବାନ ହୋଇ ଆସିଥା'ନ୍ତି । ଭଗବାନ ହଜାର ଦିନରେ ଥରେ କେହି ଜାଣି ନପାରିବା ସ୍ଥିତିରେ ପରମାତ୍ମାଭାବରେ ଆଚରଣ କରିଥା'ନ୍ତି ।

୬୬୯. ସାହାଯ୍ୟକାରୀ ହୋଇଥିବା ଭଗବାନ ତାଙ୍କ ଜ୍ଞାନ ଅନୁସାରେ ପ୍ରଜାମାନଙ୍କୁ ସାହାଯ୍ୟ କରିଥା'ନ୍ତି ସିନା, ସେମାନଙ୍କୁ ଧନ, କନକ, ବସ୍ତୁ, ବାହାନାଦି ଦେଇ ସାହାଯ୍ୟ କରିନଥା'ନ୍ତି ।

୬୭୦. ଭୂପୃଷ୍ଠରେ ମଣିଷ ଦୈବଜ୍ଞାନ ବ୍ୟତୀତ ଅନ୍ୟ କୌଣସି ଉପାୟରେ ପରମାତ୍ମାଙ୍କର ପ୍ରିୟ ହୋଇପାରି ନଥାଏ ।

୬୭୧. ପରମାତ୍ମା ଭୂପୃଷ୍ଠକୁ ଆସିବାବେଳେ ଅମୂକ ମତ କିମ୍ବା ଅମୂକ କୁଳରେ ଜନ୍ମହେବେ ବୋଲି କେହି କହିପାରିବେ ନାହିଁ ।

୬୭୨. ଶୃତି ଥିଲେ ଲୟ ଅଛି, ଶୃତି ଜ୍ଞାନ ହେବାବେଳେ, ଲୟ ମୋକ୍ଷ ହୋଇଥାଏ ।

୬୭୩. ଶ୍ରୃତି ଆଉ ଲୟ ଥିଲେ ତା'କୁ ଆମେ ସଙ୍ଗୀତ କହୁଛେ । 'ସଂ' କହିଲେ ଭଲ, ତେଣୁ ସଙ୍ଗୀତ କହିଲେ ଉନ୍ନତ ଜ୍ଞାନ ବୋଲି ବୁଝିପାରିବା ।

୬୭୪. ସଂ କହିଲେ ଉନ୍ନତ, ସାର କହିଲେ ରୂଚି । ତେଣୁ ସଂସାର କହିଲେ ଉନ୍ନତରୂଚି (ଅତି ରୂଚିକର) ବୋଲି ବୁଝିବା ଉଚିତ୍ ।

୬୭୫. ସଂସାର ଦେହରେ ହିଁ ରହିଛି, ଦେହରେ ଥିବା ସଂସାରରେ ସଙ୍ଗୀତ ଜାଣିଥିବା ବ୍ୟକ୍ତି ହିଁ ଧନ୍ୟ ।

୬୭୬. ସଂସାର ସଙ୍ଗୀତମୟ ହେବା ଉଚିତ୍ ସିନା, ସାଗରମୟ ହେବା ଉଚିତ୍ ନୁହେଁ ।

୬୭୭. ସଂସାରସଙ୍ଗୀତ ଆଉ ସଂସାରସାଗର ନାମକ ଦୁଇଟି ବାକ୍ୟ ରହିଛି । ସମସ୍ତେ ସଂସାର ସାଗରକୁ ଜାଣନ୍ତି ସିନା, ସଂସାରସଙ୍ଗୀତକୁ କେହି ଜାଣନ୍ତି ନାହିଁ ।

୬୭୮. ସଂସାର କାହାଠାରୁ ବାହାରେ ନାହିଁ, ଯା'ର ଦେହରେ ତା'ର ସଂସାର ରହିଛି ।

୬୭୯. ତୁ ତୋର ଆଖି ପଛରୁ ଦୃଶ୍ୟକୁ ଦେଖୁଛୁ, ତୋ' ଆଖି ପଛରୁ କେତେ ଦୂରରେ ଅଛୁ ଜାଣିଛୁ ?

୬୮୦. ମାନବକୁ ନିଜ ଦିଗରେ ଟାଣିନେବାପାଇଁ ମାୟାର ସବୁଠାରୁ ବଡ ଆୟୁଧ ହେଉଛି ଭୋକ ବା କ୍ଷୁଧା ।

୬୮୧. ଉଦରକ୍ଷୁଧା ପାଇଁ ଧନୀ ହେଉ ଦରିଦ୍ର ହେଉ, ଜ୍ଞାନୀ ହେଉ କି ଅଜ୍ଞାନୀ ହେଉ ସମସ୍ତେ ବାହ୍ୟପ୍ରପଞ୍ଚରେ କୌଣସି କାର୍ଯ୍ୟ ମଧ୍ୟ କରିପାରନ୍ତି ।

୬୮୨. ମଣିଷକୁ ନିଜ ଦିଗରେ ଟାଣି ନେବାପାଇଁ ମାୟାର ଦ୍ୱିତୀୟ ଆୟୁଧ ହେଉଛି ଆଲୋଚନା ।

୬୮୩. କ୍ଷୁଧା ଆଉ ଆଲୋଚନା ମାୟାର ଦୁଇଟି ଗେହ୍ଲାଝିଅ । ସେମାନେ ହିଁ ତୋତେ ଛାଡି ଯାଉନଥିବା ତୋ'ର ଦୁଇ ଗେହ୍ଲାଭଉଣୀ ।

୬୮୪. ତୋ'ର ପିତା ପରମାତ୍ମା, ତୋ'ର ମାତା ପ୍ରକୃତି ଅର୍ଥାତ୍ ମାୟା ଆତ୍ମା ତୋ'ର ଭାଇଭଳି, କ୍ଷୁଧା ତୋ'ର ବଡଭଉଣୀ । ଆଲୋଚନା ତୋ'ର ସାନଭଉଣୀ ଆଉ ଜ୍ଞାନ ତୋର ମାମୁ ।

୬୮୫. ବଡଭଉଣୀ କ୍ଷୁଧାକୁ ଆହାର ଦେଲେ କିଛି ସମୟ ଚୂପ ହେଉଛି, ହେଲେ ସାନଭଉଣୀ ଆଲୋଚନାକୁ ଯାହାଦେଲେ ମଧ୍ୟ ଚୂପ୍ ରହୁନାହିଁ ।

୬୮୬. ତୋ'ଭଉଣୀମାନଙ୍କ କଥା ବୁଝିବା ପାଇଁ ତୋ'ର ମାମୁଁଙ୍କୁ କହ । ତୋ'ଭଉଣୀମାନଙ୍କୁ ସାନ୍ତ୍ୱନା ଦେଇ ଚୂପ୍ କରାଇବା କ୍ଷମତା ତୋ' ମାମୁଁଙ୍କଠାରେ ଅଛି । ସେଥିଲାଗି ତୋ'ର ମାମୁଁଙ୍କୁ ଜହ୍ନମାମୁଁ କୁହାଯାଏ ।

୬୮୭. ତୁ ତୋ'ବଡଭାଇର ଘରେ, ତା'ର ଚାକରବାକରଙ୍କ ସାଥିରେ ତୋ' ପରିବାରକୁ ନେଇ ରହୁଛୁ, ଏକଥା ନଜାଣି ସବୁ ମୋରି ସଂସାର ବୋଲି ଭାବୁଛୁ ।

୬୮୮. ଅଣ୍ଡଜ, ପିଣ୍ଡଜ, ଉଦ୍ଭିଜ ନାମକ ତିନି ପ୍ରକାରର ଜୀବଶରୀର ଭୂପୃଷ୍ଠରେ ରହିଛି, ସେମାନଙ୍କ ଭିତରୁ ଅଣ୍ଡଜ, ପିଣ୍ଡଜମାନଙ୍କର କ୍ଷୁଧା ଥାଏ ସିନା ଉଦ୍ଭିଜମାନଙ୍କର ନଥାଏ ।

୬୮୯. କ୍ଷୁଧା ଥିବା ଅଣ୍ଡଜ, ପିଣ୍ଡଜମାନଙ୍କଠାରେ ରୋଗ ବ୍ୟାପୀଥାଏ । କ୍ଷୁଧା ନଥିବା ଉଦ୍ଭିଜମାନଙ୍କଠାରୁ ଔଷଧ ତିଆରି ହୋଇଥାଏ । ସେଥିଲାଗି ଶରୀରଗୁଡିକ ମାୟାଚିହ୍ନ,ବୃକ୍ଷଲତାଗୁଡିକ ଜ୍ଞାନଚିହ୍ନ ।

୬୯୦. ମାୟା ତୋ'ର ମନ୍ଦଚିନ୍ତା କରୁଛି ବୋଲି ତୁ ଜାଣିବାପାଇଁ

ଶରୀରଗୁଡିକ ଦୁର୍ଗନ୍ଧ ଦେଇଥାଏ । ଜ୍ଞାନ ତୋ'ର ଭଲଚିନ୍ତା କରୁଛି ବୋଲି ତୁ ଜାଣିବାପାଇଁ ବୃକ୍ଷଲତା ସୁଗନ୍ଧ ଦେଇଥାଏ ।

୬୯୧. ମାୟାର ସଙ୍କେତ ହୋଇଥିବା ଶରୀରଗୁଡିକ ଉପରୁ ତଳକୁ ବଢି ଅଧୋଗତିକୁ ସୂଚିତ କରୁଥିବା ବେଳେ, ଜ୍ଞାନର ସଙ୍କେତ ହୋଇଥିବା ବୃକ୍ଷଗୁଡିକ ଉପରକୁ ବଢି ଉନ୍ନତ ଗତିକୁ ସୂଚିତ କରିଥା'ନ୍ତି ।

୬୯୨. ଜନ୍ମ ନଥିବା ପରମାତ୍ମାଙ୍କୁ ନାହାନ୍ତି ବୋଲି କହିଥା'ନ୍ତି ନାସ୍ତିକବାଦୀମାନେ । ଅସୀମ ଭାବରେ ଥିବା ପରମାତ୍ମା କିପରି ବା ଅଛନ୍ତି ବୋଲି କହନ୍ତି ହେତୁବାଦୀମାନେ ।

୬୯୩. ନଥିବା ପରମାତ୍ମାଙ୍କୁ ନାହାନ୍ତି କହୁଥିବା ନାସ୍ତିକବାଦ ଠିକ୍, ହେଲେ ଥିବା ପରମାତ୍ମାଙ୍କୁ କିପରି ଅଛନ୍ତି ବୋଲି ନ ପଚାରି, ନାହାନ୍ତି କହୁଥିବା ହେତୁବାଦ ଠିକ୍ ନୁହେଁ ।

୬୯୪. ନାସ୍ତିକବାଦ, ହେତୁବାଦ ଅଲଗା ଅଲଗା ରହିବା ଉଚିତ୍, ହେଲେ ନିଜକୁ ହେତୁବାଦୀ କହୁଥିବା ଲୋକମାନେ ହେତୁବାଦ କଅଣ ନଜାଣି ନାସ୍ତିକବାଦୀମାନଙ୍କ ଭଳି କଥା କହିବା ହେତୁବାଦ ନୁହେଁ ।

୬୯୫. ଭୌତିକ ଆଉ ଅଭୌତିକ ଦୁଇଟିଯାକ ବାସ୍ତବ କଥା, ତାହା ଅନ୍ୟକେଉଁ ଦେଶରେ ନୁହେଁ ତୋ'ରି ଶରୀରରେ ରହିଛି ।

୬୯୬. ଜଣା ନଥିବା ବିଷୟଗୁଡିକୁ ଅତି ସୂକ୍ଷ୍ମ ଭାବରେ ପ୍ରଶ୍ନ କରି ଗବେଷଣା ପୂର୍ବକ ଯେଉଁମାନେ ସମାଧାନ ପାଆନ୍ତି ସେମାନେ ପ୍ରକୃତ ହେତୁବାଦୀ । ଜଣା ନଥିବା ଅଭୌତିକକୁ ନାହିଁ ବୋଲି ଯେଉଁମାନେ କହନ୍ତି ସେମାନେ ଅଜ୍ଞାନୀ ହୋଇପାରନ୍ତି ସିନା, ହେତୁବାଦୀ ନୁହନ୍ତି ।

୬୯୭. ବିଜ୍ଞାନକୁ ଆଖି ଆଗରେ ରଖି ଓଲଟାପ୍ରଶ୍ନ ପଚାରିଥା'ନ୍ତି ମିଛୁଆ ହେତୁବାଦୀମାନେ, କିନ୍ତୁ ବିଜ୍ଞାନ ଅନୁସାରେ ଯାହା ଜଣାନାହିଁ ତାହା ଜାଣିଥା'ନ୍ତି ପ୍ରକୃତ ହେତୁବାଦୀମାନେ । ଏହିଭଳି ଦୁଇ ପ୍ରକାରର ହେତୁବାଦୀମାନେ ଭୂପୃଷ୍ଠରେ ରହିଥା'ନ୍ତି ।

୬୯୮. ଥିଲେ ସିନା କିଛି ଜଣାପଡିବ । ଗୋଟିଏ ଜିନିଷ ଜଣାପଡିବାକୁ ହେଲେ ସେ ବାବଦରେ ଆମର ଅନେକ ପ୍ରଶ୍ନର ଜବାବ ମିଳିବା ଉଚିତ୍ । ତା'ନକରି, କୌଣସି ପ୍ରଶ୍ନ ନକରି, ଜବାବକୁ ନଖୋଜି ଯାହା ଜଣାନାହିଁ ତାହା ନାହିଁ କହିଲେ କ'ଣ ହେତୁବାଦ ହେବ ?

୬୯୯. ଯେଉଁମାନେ ଅନ୍ଧବିଶ୍ୱାସୀ ସେମାନଙ୍କୁ ଆଉ ଯେଉଁମାନେ ଦୃଢବିଶ୍ୱାସୀ ସେମାନଙ୍କୁ ଛାଡି, ସେମାନଙ୍କ କଥାକୁ ବିଶ୍ୱାସ ନକରି, ସ୍ୱୟଂ ପରମାତ୍ମା କିପରି ଅସୀମ ଭାବରେ ଅଛନ୍ତି ବୋଲି ପ୍ରଶ୍ନକରି, ଗବେଷଣାତ୍ମକ ଜାଣୁଥିବା ବ୍ୟକ୍ତି ହିଁ ପ୍ରକୃତ ହେତୁବାଦୀ ।

୭୦୦. ସବୁ ମାମୁଁମାନେ ଜହ୍ନମାମୁଁ ହୋଇପାରନ୍ତି ନାହିଁ । ସେହିଭଳି ଦେବତାମାନେ ସମସ୍ତେ ଦୈବ ହୋଇପାରନ୍ତି ନାହିଁ । ଯେତେ ମାମୁଁ ସମସ୍ତେ ଭୂପୃଷ୍ଠରେ ଥାଆନ୍ତି, ଜହ୍ନମାମୁଁ ଆକାଶରେ ଥାଏ । ସମସ୍ତ ଦେବତାମାନେ ଭୂପୃଷ୍ଠରେ ଥାଆନ୍ତି, ହେଲେ ଦୈବ ଶରୀରରେ ହିଁ ଥାଆନ୍ତି ।

୭୦୧. ଭବିଷ୍ୟତର ଜୀବନନିର୍ବାହ ବାବଦରେ ଆଲୋଚନା କରିବା ଦ୍ୱାରା ମଣିଷଠାରେ ଭୟ ବଢିଥାଏ ।

୭୦୨. ନିଜର ଭୟକୁ ଦୂର କରିବାପାଇଁ ମଣିଷ ଦେବତାମାନଙ୍କୁ ସୃଷ୍ଟି କରିଛି ସିନା, ତା'କୁ ଆଗରୁ ପରମାତ୍ମା ତିଆରି କରିଛନ୍ତି ବୋଲି ସେ ଭାବୁନାହିଁ ।

୭୦୩. ନିଜକୁ ସୃଷ୍ଟି କରିଥିବା ପରମାତ୍ମାଙ୍କୁ ଭୂଲି ନିଜେ ସୃଷ୍ଟି କରିଥିବା ଦେବତାମାନଙ୍କୁ ମଣିଷ ପୂଜା କରୁଛି ।

୭୦୪. ମଣିଷ ସୃଷ୍ଟି କରିଥିବା ଦେବତାମାନଙ୍କ ବାବଦରେ କହୁଥାଇ ନାସ୍ତିକବାଦୀମାନେ ଅନ୍ଧବିଶ୍ୱାସ ବୋଲି ଯୁକ୍ତି କରନ୍ତି ସିନା, ମଣିଷକୁ ସୃଷ୍ଟି କରିଥିବା ପରମାତ୍ମାଙ୍କ ବାବଦରେ ଆଲୋଚନା କରନ୍ତି ନାହିଁ ।

୭୦୫. ଷଣ୍ଢ ଜନ୍ମ କରିଛି କହିଲେ, ବିଚାର ନକରି ବାଛୁରୀକୁ ଆଣି ଗୁହାଳରେ  ବାନ୍ଧ  କହିବା ଭଳି, ପରମାତ୍ମା ପଦ କହୁ କହୁ ନାସ୍ତିକମାନେ ଏହା ଅନ୍ଧବିଶ୍ୱାସ ବୋଲି କହନ୍ତି । ଷଣ୍ଢ ଜନ୍ମ କରେ ନାହିଁ, ଗାଈ ଜନ୍ମକରେ ବୋଲି ଯିଏ ଜାଣିଥାଏ  ସେ ଷଣ୍ଢ ଜନ୍ମକରେ ନାହିଁ, ଗାଈ ଜନ୍ମକରେ କହିଥାଏ ।

୭୦୬. ଗାଈ ଆଉ ଷଣ୍ଢ ବାବଦରେ ଯିଏ ଜାଣିନଥାଏ ସେ ବାଛୁରୀକୁ ଆଣି ଗୁହାଳରେ ବାନ୍ଧ ବୋଲି କହେ । ସେହିଭଳି ଦୈବ ଆଉ ଦେବତାମାନଙ୍କ ବିବରଣ ଜାଣିନଥିବା ନାସ୍ତିକ, ଭକ୍ତି ନାମକ ଶବ୍ଦ ଶୁଣୁ ଶୁଣୁ ତାହା ଅନ୍ଧବିଶ୍ୱାସ, ସେକଥା ଶୁଣ ନାହିଁ ବୋଲି କହେ ।

୭୦୭. ବାଛୁରୀ କହୁ କହୁ ତାକୁ ଷଣ୍ଢ ଜନ୍ମ କରିଛି ? କି ଗାଈ ଜନ୍ମ କରିଛି  ବିଚାର ନକରି ଗୁହାଳରେ ବାନ୍ଧ ବୋଲି ଯେଉଁମାନେ କହନ୍ତି, ଭକ୍ତି କହିଲେ ଦୈବଭକ୍ତି କି ଦେବତା ଭକ୍ତି ବିଚାର ନ କରି ତାହା ଠିକ୍ ନୁହେଁ ବୋଲି ଯେଉଁମାନେ କହିଥା'ନ୍ତି  ସେମାନେ ଉଭୟ ଅନ୍ଧବିଶ୍ୱାସୀ ।

୭୦୮. ନାସ୍ତିକମାନେ କେଉଁ ଉପାସ୍ୟଙ୍କୁ ଖଣ୍ଡନ କରିବା, ଆସ୍ତିକମାନେ କାହାର ଉପାସନା କରିବା ଉଚିତ୍ ନଜାଣିବା ପର୍ଯ୍ୟନ୍ତ ଉଭୟ ଅନ୍ଧବିଶ୍ୱାସୀ ।

୭୦୯. ପ୍ରଥମେ ଜନ୍ମ ହୋଇ ମଣିଷ ବୋଲାଉଥିବା ମାନବ, କିଛି ପାଠପଢି ମୁଁ ବି.ଏସ୍.ସି., କି ମୁଁ ଏମ୍.ଏ ବୋଲି ଭାବିଥାଏ । ତା'ପରେ ଚାକିରି କରି ମୁଁ କମିଶନର କି ସୁପରିଟେଣ୍ଡେଂଟ୍ ବୋଲି ଭାବିଥାଏ ସିନା, ବାସ୍ତବରେ ମୁଁ ଏକ ଜୀବ ବୋଲି ଭୂଲିଯାଇଥାଏ ।

୭୧୦. **କୌଣସି ରୋଗ ତୋ'ର ସ୍ଥିତିକୁ କି ତୋ'ର ଚାକିରିକୁ କଦାପି ଦେଖିବ ନାହିଁ । କୌଣସିରୋଗ ତୋତେ ଜଣେ ସାଧାରଣ ମଣିଷ ଭାବି ପୀଡା ଦେବ, ଏହା ତୁ ଭୂଲିବା ଉଚିତ୍ ନୁହେଁ ।**

**୭୧୧. ତୋ'ର ଅତି ନିଜର ହୋଇଥିବା ତୋ'ର ସ୍ତ୍ରୀ ହେଉ, ତୋ'ର ବନ୍ଧୁବାନ୍ଧବ ହୁଅନ୍ତୁ, ତୁ ରୋଗରେ ପଡିବା ବେଳେ ସେମାନେ ତୋ' ପାଖରେ ଥାଇ ଦେଖିବେ ସିନା, ତୁ ପାଉଥିବା କଷ୍ଟକୁ ଟିକିଏ ବି ଅନୁଭବ କରିବେ ନାହିଁ ।**

୭୧୨. ବାହାର ବିଦ୍ୟାରେ କେତେବଡ ସ୍ପେସାଲିଷ୍ଟ୍ ହେଲେ ମଧ୍ୟ ଶରୀରରେ ମନକୁ ହେଉ କି ଅହଂକୁ ହେଉ ଜାଣିପାରନ୍ତି ନାହିଁ ।

୭୧୩. କାଚର ଆଇନା ତୋ'ର ବାହାର ଶରୀରକୁ ଦେଖାଇପାରିବା ଭଳି ଅହଂ ନାମକ ଆଇନା ଭିତରେ ତୋ'ର ଭାବକୁ ଦେଖାଇପାରିବ, ସେଇ ଅହଂକୁ ନେଇ କେବଳ ମୁଁ ଅଛି ବୋଲି ଭାବୁଛୁ ।

୭୧୪. ଭଲ ଗୀତ ଗାଇପାରିଲେ ମୁଁ ଗାୟକ, ଭଲ ଚିତ୍ର କରିପରିଲେ ମୁଁ ଚିତ୍ରକର ବୋଲି ଭାବୁଥିବା ତୁ ତୋ'ଦ୍ୱାରା ଯିଏ ଗୀତ ବୋଲାଇ ପାରୁଛି, ଚିତ୍ର କରାଇ ପାରୁଛି ତା'କୁ ଜାଣି ପାରୁନାହୁଁ ।

୭୧୫. ଜଣେ ମଣିଷର କିଛି ପ୍ରାବିଣ୍ୟତା ଅଛି କହିଲେ ବାସ୍ତବରେ ତାହା ତା'ର ନୁହେଁ, ଶରୀର ଭିତରେ ଥିବା ତା' ପଡୋଶୀର ।

୭୧୬. ଶରୀର ନାମକ ଗାଆଁରେ ତୋ'ର ଅତି ନିକଟରେ ଥିବା ପାତ୍ର ହିଁ ତୋ'ର ଅତି ନିଜର, ହେଲେ ତା'ପ୍ରତି ତୋ'ର ଆଦୌ ସ୍ନେହଁ ନାହିଁ ।

୭୧୭. ଉନ୍ନତ ଚାକିରିରେ ଥିବାଲୋକ ତୋ' ସହିତ କଥା ନ ହୋଇ ତା'ର ସ୍ଥିତିରେ ରହିଥାଏ, ହେଲେ ସ୍ୱପ୍ନରେ ସ୍ୱୟଂ ପ୍ରଧାନମନ୍ତ୍ରୀ ତୋ' ସହିତ କଥା ହୁଅନ୍ତି, ସ୍ୱପ୍ନରେ ଏହା କିପରି ସମ୍ଭବ ହେଲା ତୁ ଜାଣିଛୁ ?

୭୧୮. ସି.ଡି ଦେଖିଲେ ସେଥିରେ କିଛି ଦେଖାଯାଏ ନାହିଁ, ହେଲେ ତାହା ପ୍ଲେୟାରରେ ଚଳିବାବେଳେ ସେଥିରେ ଥିବା ଦୃଶ୍ୟ ଆଉ କଥା ବାହାରକୁ ଆସିଥାଏ । ସେହିଭଳି ମୁଣ୍ଡରେ ଦେଖାନଯାଇ ରହିଥିବା କର୍ମ ଜୀବନରେ ଅନୁଭବ ହେବାବେଳେ ବାହାରକୁ ଆସିଥାଏ ।

୭୧୯. ଗୋଟିଏ ଡି.ଭି.ଡି ପ୍ଲେଟ୍‌ରେ ନଅ ଘଂଟାର ତିନିଗୋଟି ସିନେମା ଲୁଚି ରହିଛି । ସେହିଭଳି ସ୍ପେସାଲ୍ ଡି.ଭି.ଡି ହୋଇଥିବା ତୋ'ର ମୁଣ୍ଡରେ ଅନେକ କାଳ ଅଛି, ଅନେକ ସମାଚାର ମଧ୍ୟ ଅଛି ।

୭୨୦. ମାନବ ନିର୍ମିତ କମ୍ପ୍ୟୁଟରରେ ଏକ ଛୋଟ ପାର୍ଟ ହୋଇଥିବା ହାର୍ଡ ଡିସ୍କରେ ହଜାର ଫର୍ଦ୍ଦର ହଜାର ବହି ଲୁଚି ରହିପାରେ, ପରମାତ୍ମା ତିଆରି କରିଥିବା ମାନବକମ୍ପ୍ୟୁଟରର ମୁଣ୍ଡରେ କୋଟି କୋଟି ବର୍ଷର ସମାଚାର ଲୁଚି ରହିପାରେ ।

୭୨୧. ତୋ'ଭିତରେ ୫ଗୋଟି ପ୍ରାଣ ରହିଛି, ସେଗୁଡିକ ଭିତରୁ ତୁ ଗୋଟିଏ ପ୍ରାଣ ମଧ୍ୟ ନୋହୁଁ, ତୁ ଅଲଗା ଆଉ ତୋର ପ୍ରାଣ ମଧ୍ୟ ଅଲଗା, ତୁ ହେଉଛୁ ଜୀବାତ୍ମା ।

୭୨୨. କୌଣସି ଜିନିଷକୁ ପରମାତ୍ମାଙ୍କର ବୋଲି କହିବା ବେଳେ ସେହି ଜିନିଷକୁ କେବେ ମଧ୍ୟ ଭାଗ କରିବା ଉଚିତ୍ ନୁହେଁ, ଯଦି କରିବା ତେବେ ପରମାତ୍ମାଙ୍କୁ ମଧ୍ୟ ଭାଗିଦାର କରିବା ଭଳି ହୋଇଥାଏ ।

୭୨୩. ଆମେ କରୁଥିବା ବ୍ୟାପାରରେ ଅନ୍ୟ କାହାକୁ ଭାଗି କରି ପାରିବା ସିନା, ପରମାତ୍ମାଙ୍କୁ ଆଣି ଭାଗିଦାର କରିପାରିବା ନାହିଁ, ଏଭଳି କଲେ ପରମାତ୍ମାଙ୍କର ମହାନତାକୁ କ୍ଷୁର୍ଣ୍ଣ କରିବା ଭଳି ହୋଇଥାଏ।

୭୨୪. କୌଣସି ବ୍ୟକ୍ତି ହେଉ ସେ ପରମାତ୍ମାଙ୍କ ସେବକ ଭାବରେ ରହିବା ଉଚିତ୍, ଏଭଳି ରହିବା ବେଳେ ପରମାତ୍ମା ଗୌରବାନ୍ୱିତ ହୋଇଥା'ନ୍ତି । ସେଥିଲାଗି ତୋ'ବ୍ୟାପାରରେ କେବେ ମଧ୍ୟ ପରମାତ୍ମାଙ୍କୁ ଆଣି ଭାଗିଦାର କରନାହିଁ ।

୭୨୫. ଜଣେ ଲୋକର ସମ୍ପତ୍ତିକୁ ଆଉଜଣେ ଲୋକ ତା'ର ବିନା ଅନୁମତିରେ ନେଇଗଲେ ପାପ ହୋଇଥାଏ । ପରମାତ୍ମାଙ୍କ ସମ୍ପତ୍ତିକୁ ଯଦି କେହି ନିଏ ତେବେ ତାହା କେତେ ପାପ ହେବ ଚିନ୍ତା କରନ୍ତୁ !

୭୨୬. ଗୋଟିଏ ମନ୍ଦିରର ହୁଣ୍ଡିରେ ତୁ କିଛି ଟଙ୍କା ପକାଇ ପୁଣି ସେହି ଟଙ୍କାକୁ ଯଦି ନେଇଯାଉ ତେବେ ସେହି ମନ୍ଦିରରେ ରହୁଥିବା ଦେବତା କ୍ରୋଧିତ ହୋଇଥାଏ । ଏଭଳି ଅନେକଘଟଣା ରହିଛି । ତେଣୁ ଦେବାଧିଦୈବ ପରମାତ୍ମାଙ୍କ ବିଷୟରେ ତୁ ସତର୍କ ରହ ।

୭୨୭. ଆଜିକୁ ୬୦ବର୍ଷ ତଳେ ତିରୁପତି ଭେଙ୍କଟେଶ୍ୱର ମନ୍ଦିରର ହୁଣ୍ଡିରେ ଟଙ୍କା ପକାଇ ସେଥିରୁ କିଛି ନେଇଯାଇଥିବା

ବ୍ୟକ୍ତିକୁ ମାତ୍ର ଅଧଘଣ୍ଟା ପରେ ଭେଙ୍କଟେଶ୍ୱର ଦଣ୍ଡ ଦେଇଥିବାର ପ୍ରମାଣ ଅଛି ।

୭୨୮. ବାହାରେ ପାଠ ପଢ଼ିବା ପାଇଁ ଆମକୁ ଟଙ୍କା ଦେବାକୁ ପଡ଼ିଥାଏ । ଭିତର ପାଠ ହୋଇଥିବା ଜ୍ଞାନକୁ ପରମାତ୍ମା ଯୋଗଇ ଦେଉଥିବା ବେଳେ ଆମସାମର୍ଥ୍ୟ ଅନୁସାରେ ଯାହା ଦେବାକଥା ଦେବା ଉଚିତ୍,ନଚେତ୍ ଜନ୍ମଜନ୍ମକୁ ତାଙ୍କ କରଜ ସୁଜିପାରିବା ନାହିଁ ।

୭୨୯. ବିଷ ଶରୀରଭିତରେ ଥିବା ଆତ୍ମାକୁ, ବିଷୟ ଶରୀଭିତରେ ଥିବା ଜୀବାତ୍ମାକୁ କଷ୍ଟ ଦେଇଥାଏ । ବିଷକୁ ଔଷଧ ଆଉ ବିଷୟକୁ ଜ୍ଞାନ ନିରୋଧ କରିଥାଏ । ବିଷର ପ୍ରଭାବ, ଔଷଧର ନିରୋଧକ ଶକ୍ତି ଉଭୟ ପରମାତ୍ମାଙ୍କ ଦ୍ୱାରା ସମ୍ଭବ ହୋଇଥାଏ ।

୭୩୦. ପରମାତ୍ମା ବିଷରେ, ଔଷଧରେ, ଅଗ୍ନିରେ କାଠରେ, ଦେବତାମାନଙ୍କଠାରେ, ରାକ୍ଷସମାନଙ୍କଠାରେ, ଜ୍ଞାନରେ, ମୁଢ଼ତାରେ, ଆତ୍ମାରେ, ମାୟାରେ ସବୁଠାରେ ସମାନ ଭାବରେ ରହିଥାଆନ୍ତି; ତଥାପି ତାଙ୍କୁ କେହି ଜାଣି ପାରନ୍ତି ନାହିଁ ।

୭୩୧. ଆହାରର ପୋଷକ ପଦାର୍ଥ ଚାରି ପ୍ରକାରର ଥାଏ ବୋଲି ଗୀତାରେ କହିଛନ୍ତି । ତା’ବ୍ୟତୀତ ଆମେ ଯାହା ଖାଉଛେ, ପିଉଛେ ସେସବୁ ଦୁଇଟି ପଦାର୍ଥ ଭାବରେ ରହିଛି । ଗୋଟିଏ ବିଷ ଆଉ ଗୋଟିଏ ହେଉଛି ଔଷଧ ।

୭୩୨. ଉଦରକୁ ପଠାଇ ଦିଆଯାଉଥିବା ମୂଳପଦାର୍ଥ ଛଅଗୋଟି ରହିଛି, ସେଗୁଡ଼ିକୁ ପୋଷକ ପଦାର୍ଥ, ଔଷଧ ପଦାର୍ଥ ଆଉ ବିଷପଦାର୍ଥ

ନାମରେ ତିନିଭାଗ କରି କହିପାରିବା । ଏହି ତିନି ପଦାର୍ଥ ଆତ୍ମା ଉପରେ କାର୍ଯ୍ୟ କରିଥାଏ ।

୭୩୩. ମଣିଷ ପଦାର୍ଥଗୁଡିକୁ ଖାଇଥାଏ, କିନ୍ତୁ କେଉଁଟି କେଉଁ ପଦାର୍ଥ ଜାଣିବା ପରେ ଖାଇଥାଏ, କିଛି ପଦାର୍ଥକୁ ନ ଜାଣି ଖାଇଥାଏ । ଏ ସବୁକୁ ସେ ତା'ର କର୍ମ ଅନୁସାରେ ଖାଇଥାଏ । କୌଣସି ଖାଦ୍ୟ, ପାନୀୟ ହେଉ ତାହା ତା'ର କର୍ମ ଅନୁସାରେ ଥାଏ ।

୭୩୪. ଗୋଟିଏ ପଦାର୍ଥକୁ ରୋଗ ହେବାବେଳେ ଖାଇଲେ ତାହା ଔଷଧ ହୋଇଥାଏ, ତାହା ରୋଗ ନଥିବା ବେଳେ ଖାଇଲେ ବିଷ ହୋଇଥାଏ । କେତେକ ପଦାର୍ଥ ରୋଗ ହେବାବେଳେ ଖାଇଲେ ବିଷ ହୋଇଥାଏ, କିନ୍ତୁ ରୋଗ ନ ହେବାବେଳେ ଖାଇଲେ ଔଷଧ ହୋଇଥାଏ । ଆଉଏକ ବିଚିତ୍ରକଥା ହେଉଛି ଗୋଟିଏ ପଦାର୍ଥ କାହାପାଇଁ ଔଷଧଭଳି କାର୍ଯ୍ୟକଲେ ସେହି ପଦାର୍ଥ ଆଉ କାହାପାଇଁ ବିଷ ଭଳି କାର୍ଯ୍ୟ କରିଥାଏ ତେଣୁ ଏସବୁକୁ ଦେଖିଲେ ସବୁଗୁଡିକର କାରଣ କର୍ମ ବୋଲି ଜଣାଯାଇଥାଏ ।

୭୩୫. ପ୍ରପଞ୍ଚ କାର୍ଯ୍ୟ ଉପରେ ଶ୍ରଦ୍ଧା କର୍ମ ଅନୁସାରେ ଆସିଥାଏ, କିନ୍ତୁ ପରମାତ୍ମା ସମ୍ବନ୍ଧୀୟ କାର୍ଯ୍ୟରେ ଶ୍ରଦ୍ଧା ତୋ ଇଚ୍ଛା ଅନୁସାରେ ଆସିଥାଏ । ଅର୍ଥାତ୍ ଜ୍ଞାନ ଜାଣିବା କାର୍ଯ୍ୟରେ ତୋ'ର ସ୍ୱାଧିନତା ଅଛି, ହେଲେ ଅଜ୍ଞାନ କାର୍ଯ୍ୟରେ ତୁ ପରାଧିନ ହୋଇ ରହିଛୁ ।

୭୩୬. ଜୀବନ ସୁଖଦୁଃଖର ସଙ୍ଗମ । ମଣିଷ ସବୁବେଳେ ସୁଖ କାମନା କରିଥାଏ ସିନା, କେବେ ଦୁଃଖ କାମନା କରିନଥାଏ, ସେହି - ସୁଖଦୁଃଖ ତୋ'ର ଇଚ୍ଛା ଅନୁସାରେ ଆସି ନଥାଏ କି ଯାଇନଥାଏ ।

୭୩୭. ଯେତେ ଜ୍ଞାନ ଶୁଣିଲେ ମଧ୍ୟ ମଣିଷ ଅଜ୍ଞାନ ଦିଗରେ କଥା କହିଥାଏ । ମଣିଷ ଯେତେ ଅଜ୍ଞାନ ଦିଗର କଥା କହିଲେ ମଧ୍ୟ ଗୁରୁ ଧୈର୍ଯ୍ୟର ସହିତ ତା'କୁ ଜ୍ଞାନ ମାର୍ଗରେ ଆଣିବାକୁ ଚେଷ୍ଟା କରିଥା'ନ୍ତି ।

୭୩୮. ଅହଂ ଦର୍ପଣ ଭଳି, ମନ ସିନେମା ଭଳି । ମନ ଯେତେବେଳେ ଦେଖାଇଲେ ମଧ୍ୟ ବାହାର ବିଷୟଗୁଡ଼ିକୁ ଦେଖାଇଥାଏ, ଅହଂ ଯେତେବେଳେ ଦେଖାଇଲେ ମଧ୍ୟ ତୁ କିଏ ବୋଲି ତୋତେ ହିଁ ଦେଖାଇଥାଏ । ଅହଂରେ ତୋ'ଛଡ଼ା ଆଉ କେହି ନାହାନ୍ତି, କିନ୍ତୁ ମନରେ ସବୁ ପ୍ରକାରର ବିଷୟ ରହିଛି ।

୭୩୯. ଆମେ ସ୍ତ୍ରୀଲିଙ୍ଗ,ପୁଂଲିଙ୍ଗ କହୁଛେ, ଏହି ଦୁଇଟି କଥାରେ ଲିଙ୍ଗ ନାମକ ଶବ୍ଦ ସାଧାରଣ ଭାବରେ ରହିଛି । ତେଣୁ ସ୍ତ୍ରୀ ହେଉ କି ପୁରୁଷ ହେଉ ତା'ଠାରେ ଲିଙ୍ଗ ଅର୍ଥାତ୍ ପରମାତ୍ମା ସାଧାରଣ ଭାବରେ ରହିଛନ୍ତି ବୋଲି ଜଣାଯାଉଛି ।

୭୪୦. ହାତୀ କେତେବଡ ହେଲେ ମଧ୍ୟ ମାହୁନ୍ତର କଥାକୁ ବିନୟର ସହିତ ଶୁଣେ, କିନ୍ତୁ ମଣିଷ ଅତି ଛୋଟ ହୋଇ ମଧ୍ୟ ଗୁରୁଙ୍କ କଥା ଶୁଣେ ନାହିଁ ।

୭୪୧. ଅହଂ ଦର୍ପଣ ଭଳି, ତା'ଆଗରେ ଠିଆ ହୋଇଥିବା ମଣିଷର ପ୍ରତିରୂପକୁ ସେ ଦେଖାଇଥାଏ । ନିଜ ଆଗରେ ଠିଆ ହୋଇଥିବା ମଣିଷକୁ ସାଧାରଣ ଦର୍ପଣ ଦେଖାଇଥାଏ, କିନ୍ତୁ ଅହଂ ନାମକ ଦର୍ପଣ ଏକ ସାଧାରଣ ଦର୍ପଣ ନୁହେଁ,ତାହା ଅସାଧାରଣ ଦର୍ପଣ ।

୭୪୨ ଅହଂ ନାମକ ଅସାଧାରଣ ଦର୍ପଣ ତା'ଆଗରେ ଠିଆ ହୋଇଥିବା ଦୃଶ୍ୟକୁ ଦେଖାଇନଥାଏ,ତାଆଗରେ ଠିଆ ହୋଇଥିବା ମଣିଷର ଭିତର ଦୃଶ୍ୟକୁ ଦେଖାଇଥାଏ । କୌଣସି ମଣିଷର ଭାବ

ଅନୁସାରେ ଅର୍ଥାତ୍ କାହାକୁ ରାଜାଭାବରେ, ମାନ୍ତ୍ରିକଭାବରେ, ଅଫିସରଭାବରେ,ମନ୍ତ୍ରୀଭାବରେ,ଗୁମାସ୍ତାଭାବରେ,ବେପାରି ଭାବରେ, ଭିକାରିଭାବରେ,ଧନୀଭାବରେ, ଋଷିଭାବରେ, ଡ୍ରାଇଭରଭାବରେ କିମ୍ବା କ୍ଲିନରଭାବରେ, ଏଭଳି କୌଣସି ପ୍ରକାରରେ ଦେଖାଇପାରେ ।

୭୪୩. ସାରା ଦୁନିଆରେ କେଉଁଠାରେ ନଥିବା ବିଚିତ୍ର ଦର୍ପଣ ଆମରି ଭିତରେ ରହିଛି । ଏକ୍ସ-ରେ ମଣିଷର ହାଡକୁ ଦେଖାଇବା ଭଳି, ଅହଂ ମଣିଷର ଭିତର ଭାବକୁ ଆଣି ମଣିଷକୁ ଦେଖାଇଥାଏ ।

୭୪୪. ଭିତରଦର୍ପଣର କାର୍ଯ୍ୟକଳାପକୁ ଦେଖିଲେ, ଶୁଣିଲେ କେହି ମଧ୍ୟ ଚକିତ ହୋଇଥାଏ । ନିଜର ଅସ୍ତିତ୍ୱ ଜଣାଇ ସମସ୍ତଙ୍କୁ ଚକିତ  କରୁଥିବା ସେ ଭିତରେ କିପରି ଅଛି ଜାଣନ୍ତି ! ବାସ୍ତବରେ କାହାର ନଥିବା ଅହଂକାରକୁ ଯୋଗକରି ଦେଖାଉଥିବା ସେ ନିଜର ମମକାରକୁ କାଢିଦଇେ ମୁଁ କେବଳ 'ଅହଂ' ବୋଲି କହିଥାଏ ।

୭୪୫. ଶରୀର ଭିତରେ ଅହଂ ଆଗରେ କ୍ରମାନ୍ୱୟରେ ଚିତ୍ତ,ବୁଦ୍ଧି,ଜୀବ ରହିବା କାରଣରୁ ବୁଦ୍ଧିର ବିଚାର ଆଉ ଚିତ୍ତର ନିର୍ଣ୍ଣୟକୁ ମିଶାଇ ଜୀବଠାରେ ଦେଖାଇଥାଏ ଅହଂ । ସେଥିଲାଗି ଜୀବ ମୋ'ରି ବିଚାର, ମୋ'ରି ନିର୍ଣ୍ଣୟ ବୋଲି କହିଥାଏ ।

୭୪୬. ଅହଂ  ଆଗରେ  ଚିତ୍ତ ଏବଂ  ବୁଦ୍ଧି  ରହିଛନ୍ତି,  ତା'ପରେ ମୁଁ ଅଛି, ଅହଂ ଆମ ତିନିଜଣକୁ ମିଶାଇ ଦେଖାଉଛି, ଆମ ତିନିଜଣଙ୍କ ଆଗରେ ଦର୍ପଣଭଳି ଥିବା ଅହଂରେ ବୁଦ୍ଧି,ଚିତ୍ତର ଭାବ ମୋଠାରେ ରହିବାଭଳି ମୁଁ ଦେଖାଯାଉଛି ସିନା,ସତରେ ମୋ'ର ବୁଦ୍ଧି ଅଲଗା, ଚିତ୍ତ ଅଲଗା ଆଉ ମୁଁ ଅଲଗା ବୋଲି ଜୀବ ଜାଣିପାରୁ ନାହିଁ ।

୭୪୭. ଅହଂ ନାମକ ଦର୍ପଣ ଆଗରେ ନଥିବା ମନର ଆଲୋଚନାକୁ ମଣିଷ ତା'ର ବୋଲି ଭାବେ ନାହିଁ, କିନ୍ତୁ ବୁଦ୍ଧିର ବିଚାର ଆଉ ଚିତ୍ତର ନିର୍ଣ୍ଣୟକୁ ମୋର ଭାବିଥାଏ । ଏହାର କାରଣ ! ଅହଂ ଆଗରେ କ୍ରମାନ୍ୱୟରେ ଚିତ୍ତ, ବୁଦ୍ଧି ଆଉ ଜୀବ ରହିଛନ୍ତି ବୋଲି କହିପାରିବା ।

୭୪୮. ମନ ଦେଖାଉଥିବା ଆଲୋଚନା ଦୃଶ୍ୟକୁ ଜୀବ କଡରୁ ଦେଖିବା ଭଳି ଅନୁଭୂତି ପ୍ରାପ୍ତ ହୋଇଥାଏ, କିନ୍ତୁ ବୁଦ୍ଧି, ଚିତ୍ତର କାର୍ଯ୍ୟଗୁଡିକରେ ମିଳିତ ହୋଇ ତାହା ତା'ର ଭାବିବା ଭଳି, ମନୋଦୃଶ୍ୟଗୁଡିକୁ ଦେଖି ତା'ର ଭାବିନଥାଏ ।

୭୪୯. ମନର ଅଲୋଚନା-ଦୃଶ୍ୟଗୁଡିକୁ ଜୀବ ନିଜର ବୋଲି ନ ଭାବିବା ଦ୍ୱାରା ସ୍ୱପ୍ନରେ ମନ ଦେଖାଉଥିବା ଦୃଶ୍ୟଗୁଡିକୁ ଜୀବ କଡରୁ ଦେଖିବା ଭଳି ହୋଇଥାଏ । ତେଣୁ ମନ ଯାହା ଦେଖାଏ ତାହାକୁ ଆ-ଲୋଚନ କୁହାଯାଏ ସିନା, ମୋ-ଲୋଚନ ( ମୋ ଲୋକନା) କୁହାଯାଏ ନାହିଁ ।

୭୫୦. ଲୋଚ(କ)ନା କହିଲେ ଦେଖିବା, ଆ-ଲୋଚନା କହିଲେ ଦୂରରୁ ଦେଖିବା ବୋଲି ସୂକ୍ଷ୍ମବିଚାର ଦୃଷ୍ଟିରୁ ପ୍ରକୃତଅର୍ଥ ମିଳେ ।

ତୁ ମନୋଭାବଗୁଡିକୁ ସବୁବେଳେ ଦୂରରୁ ଦେଖୁ, ସେଥିଲାଗି ମନ ଯାହା ଦେଖାଇଥାଏ ତାହାକୁ ଆଲୋଚନା କହୁଛୁ ।

୭୫୧. ପରମତ ଅର୍ଥାତ୍ ପରଧର୍ମ ବାବଦରେ କଥା କହିବା ଆଗରୁ ତୁ ତୋ'ମତ ବାବଦରେ ବିଚାର କର । ପରମତରେ କି ଦୋଷ ଅଛି ? ତୋ' ମତରେ କି ମହାନତା ଅଛି ? ନ୍ୟାୟପୂର୍ବକ, ଟିକିଏ ନୀତିବନ୍ତ ହୋଇ ନିର୍ଣ୍ଣୟ ନିଏ ।

୭୫୨. ପରମତ ବାବଦରେ ହେଉ କି ତୋ'ମତ ବାବଦରେ ହେଉ,

ସ୍ୱାର୍ଥ ବୁଦ୍ଧିରେ ହେଉ କି ରାଜନିତି ଦିଗରୁ ହେଉ ଅଥବା ସମାଜ ଦିଗରୁ ହେଉ କେବେ ମଧ୍ୟ ବିଚାର କର୍ ନାହିଁ ।

୭୫୩. ଯଦି ତୋ'ମତ (ଧର୍ମ) ମହାନ ଆଉ ପରମତ ନୀଚ ଦେଖାଯାଉଛି, ତେବେ ସେତେବେଳେ ତୁ ମତ ବାବଦରେ ନକହି କେବଳ ଈଶ୍ୱରଙ୍କ ବାବଦରେ ବୋଧ କର୍, ସେ ସବୁମତପାଇଁ ମହାନ ହୋଇଥିବାରୁ ସବୁମତର ଲୋକେ ସେତେବେଳେ ତୋ'କଥା ଶୁଣିବାକୁ ବାଧ୍ୟ ହେବେ ।

୭୫୪. ଯଦି ପରମତ ମହାନ ଦେଖାଯାଇ ତୋ'ମତ ତୋତେ ନୀଚ ଦେଖାଯାଉଛି ସେତେବେଳେ ତୁ ତୋ'ର ମତ (ଧର୍ମ)କୁ ନବଦଳାଇ ତୋତେ ପରମାତ୍ମା ଏଇ ମତରେ କାହିଁକି ଜନ୍ମ ଦେଇଛନ୍ତି ବିଚାର କର୍, ସେତେବେଳେ ତୋ'ଠାରେ ମତ ଚିନ୍ତା ନରହି କେବଳ ପରମାତ୍ମା ଚିନ୍ତା ଆସିଯିବ ।

୭୫୫. ମତ ନାଆଁଟି ପ୍ରତ୍ୟେକ ବର୍ଗରେ ରହିଛି । ତୋ'ମତର ଗୋଟିଏ ନାଆଁ ଥିବାଭଳି ଆଉକାହା ମତର ଆଉଗୋଟିଏ ନାଆଁ ଥାଏ । ମତ ଭିତରେ ତୋତେ ପରମାତ୍ମା ଜନ୍ମ ଦେଇଛନ୍ତି ସିନା, ତୁ ଇଚ୍ଛା କରି ତୋ' ମତରେ ଜନ୍ମ ହୋଇନାହୁଁ ।

୭୫୬. ତୋତେ ଗୋଟିଏ ମତରେ ଜନ୍ମ କରାଇ, ଆଉଜଣକୁ ଆଉଗୋଟିଏ ମତରେ ଜନ୍ମ କରାଇଛନ୍ତି, ତୋତେ ଆଉ ତା'କୁ ମଧ୍ୟ ଜନ୍ମ ଦେଇଛନ୍ତି ସେହି ପରମାତ୍ମା, ତୁ ଜନ୍ମ ହେବା ପରେ ପରମାତ୍ମାଙ୍କର ନାଆଁଟିଏ ରଖିଛୁ ସିନା, ବାସ୍ତବରେ ପରମାତ୍ମାଙ୍କର କୌଣସି ନାଆଁ ନାହିଁ କି ରୂପ ମଧ୍ୟ ନାହିଁ ।

୭୫୭. ମତାତୀତଭାବରେ, ନାମାତୀତଭାବରେ, ରୂପାତୀତଭାବରେ,

କ୍ରିୟାତୀତଭାବରେ ଯିଏ ରହିଛି ସେ ପରମାତ୍ମା, ସେ ହିଁ ତୋତେ ଆଉ ଏ ସାରାଦୁନିଆକୁ ସୃଷ୍ଟିକରିଛନ୍ତି ।

୭୫୮. ପରମାତ୍ମା ମଣିଷକୁ ମାୟାରେ ଜନ୍ମଦେଇ, ତା'ପରେ ମଣିଷ ତାଙ୍କ ପାଖକୁ ଯାଉଛି କି ନାଇଁ, ତାଙ୍କୁ ଚିହ୍ନୁଛି କି ନାଇଁ ଦେଖିବେ ବୋଲି ଭାବିଥା'ନ୍ତି, ତାଙ୍କରି ଭାବନା ଅନୁସାରେ ପ୍ରଥମେ ତୋତେ ସେ କୌଣସିଏକ ମତରେ ଜନ୍ମଦେଇଛନ୍ତି । ଟିକିଏ ଭଲରେ ବିଚାରକଲେ ଏବେ ତୁ ମାୟାରେ ଅଛୁ ବୋଲି ଜାଣିପାରିବୁ । ତୋତେ ତାଙ୍କରି ପାଖକୁ ଯିବାକୁ ହେବ । ମାୟାକୁ ଛାଡି ତାଙ୍କ ପାଖକୁ ଯାଆ ।

୭୫୯. ଆମେ କେଉଁଠାରୁ କେଉଁଠିକୁ ଯିବା ବୋଲି ପ୍ରଶ୍ନ କଲେ ମାୟାଠାରୁ ପରମାତ୍ମାଙ୍କ ପାଖକୁ ଯିବା ବୋଲି ଉତ୍ତର ଆସିଥାଏ । ତୁ ପ୍ରଥମେ ମାୟାରେ ଅଛୁ କାରଣ ! ମୁଁ ଗୋଟିଏ ମତର ବୋଲି ଭାବିବା ତ ମାୟା ! ! ମୋ'ର ଆରାଧ୍ୟ ଅମୁକ ବୋଲି ଭାବିବା ଆହୁରି ବଡମାୟା । ସର୍ବସୃଷ୍ଟିର ଅଧିପତି ହେଉଛନ୍ତି ପରମାତ୍ମା ।

୭୬୦. ତୋ'ର ଗୋଟିଏ ନାଆଁ, ଗୋଟିଏ କୁଳ ଆଉ ମତକୁ ଅନ୍ୟମାନେ ପ୍ରଥମେ ତୋତେ ଦେଇଛନ୍ତି । ପରମାତ୍ମାଙ୍କର ନାଆଁ ଅଛି ? କେଉଁ କୁଳ ଅଛି ? କେଉଁ ମତ ଅଛି ? ତାଙ୍କର ଏସବୁ କିଛି ନାହିଁ । ଯାହାର ଏସବୁ କିଛି ନାହିଁ ତାଙ୍କୁ ତୁ ଜାଣିବାକୁହେଲେ ତୁ ତୋ'ର ନାଆଁ, କୁଳ ଆଉ ମତକୁ ପରମାତ୍ମାଙ୍କ ବିଷୟଠାରୁ ଦୂରରେ ରଖ୍ ।

୭୬୧. ପରମାତ୍ମାଙ୍କର ଶରୀର ନାହିଁ କି କୌଣସି ଆକାର ନାହିଁ । ତେଣୁ ସେ କୌଣସି ଆକାରରେ ଅଛନ୍ତି ବୋଲି ଭାବ୍ ନାହିଁ । ତୁ ଯଦି

ତାଙ୍କୁ କୌଣସି ରୂପରେ ଭାବନା କରୁ ତେବେ ତୋର ଭାବନା ଭୂଲ୍ ହେବ । ଯାହାର ଆକାର ଅଛି ସେ ପରମାତ୍ମା ନୁହେଁ ।

୭୬୨. ଯାହାଙ୍କର ରୂପ, ନାମ, ନିଦ୍ରା, ଜାଗ୍ରତ, ଭୋକ, ଶୋଷ ଇତ୍ୟାଦି କିଛି ବି ନାହିଁ ସେ ପରମାତ୍ମା । ଯିଏ ସର୍ବବ୍ୟାପୀ,ଯିଏ ସର୍ବକାଳରେ ବିଦ୍ୟମାନ, ଯିଏ ସର୍ବଦର୍ଶୀ ସେହି ପରମାତ୍ମାଙ୍କୁ ତୁ ଜାଣ୍ ।

୭୬୩. ଯଜ୍ଞରେ, ବେଦ ପଠନରେ, ଦାନରେ, ତପସ୍ୟାରେ ପରମାତ୍ମା ସନ୍ତୁଷ୍ଟ ନୁହନ୍ତି । ବ୍ରହ୍ମଯୋଗ, କର୍ମଯୋଗ ଏବଂ ଭକ୍ତିଯୋଗରେ ସେ ଅତି ସନ୍ତୁଷ୍ଟ ହୋଇଥା'ନ୍ତି ।

୭୬୪. ପରମାତ୍ମାଙ୍କର ପ୍ରିୟ ହୋଇନଥିବା ଯଜ୍ଞ, ଦାନ, ବେଦ ପଠନ, ତପସ୍ୟା ନାମକ ଚାରି ବିଧିକୁ ଛାଡି ପରମାତ୍ମାଙ୍କର ପ୍ରିୟ ହୋଇଥିବା ବ୍ରହ୍ମ, କର୍ମ, ଭକ୍ତିଯୋଗ ଆଚରଣ କରିବା ଉଚିତ୍ ।

୭୬୫. ଆଜିର କାଳରେ ସ୍ୱାମିଜୀମାନେ, ପୀଠାଧିପତିମାନେ, ବାବାମାନେ ସମସ୍ତେ ନାନା ଯଜ୍ଞ କରୁଛନ୍ତି, ବେଦପଠନ କରୁଛନ୍ତି । ଧନବାନମାନେ ଦାନ ଦେଉଛନ୍ତି, ମେଡିଟେସନ ନାଆଁରେ ତପସ୍ୟା କରୁଛନ୍ତି, ଏଭଳି ଦୈବବିରୁଦ୍ଧ କାର୍ଯ୍ୟ କ'ଣ ଭକ୍ତି ହେବ ?

୭୬୬. ପରମାତ୍ମା ଭଗବଦ୍ଗୀତାର ବିଶ୍ୱରୂପ ସନ୍ଦର୍ଶନ ଯୋଗର ୪୮ ଏବଂ ୫୩ତମ ଶ୍ଳୋକରେ ଯଜ୍ଞ, ଦାନ, ବେଦାଧ୍ୟୟନ, ତପସ୍ୟା ଦ୍ୱାରା ମୋତେ ଜାଣିବା ଅସମ୍ଭବ ବୋଲି କହିଥିବା ବେଳେ, ପରମାତ୍ମାଙ୍କ ବାଣୀର ବ୍ୟତିରେକ ହୋଇ ଯେଉଁମାନେ ସେସବୁ କରୁଛନ୍ତି ସେମାନଙ୍କୁ ସ୍ୱାମିଜୀ କହିବା କି

ବାବା କହିବା ? ପୀଠାଧିପତି କହିବା କି ମଠାଧିପତି କହିବା ? ଆପଣମାନେ ବିଚାର କରନ୍ତୁ ।

୭୬୭. ତୋ'ର ଅଧିକାର, ତୋ'ର ସ୍ଥିତି, ତୋ'ର ନାମଡାକରା, ତୋ'ର ଚାକିରି ସବୁ ମଝିରେ ଆସି ମଝିରେ ଚାଲିଯାଏ, ସେସବୁକୁ ଦେଖି ଖୁସିହେଉଛୁ ! ତୋ'ର ଶରୀର ମଧ୍ୟ ତୋ'କଥା ନଶୁଣିବା ଦିନ ଆସୁଛି, ସତର୍କ ରହ !

୭୬୮. ସମସ୍ତଙ୍କର ଅଧିକାରୀ ଜଣେ, ସେ ନ କହି ଚଲାଏ, ନ ଦେଖାଇ କରେ, ଦେଖା ନଯାଇ ତୋ' ପଛରେ ଥାଏ, ସେ ହିଁ କାହାକୁ ଜଣାନଥିବା ପରମାତ୍ମା ।

୭୬୯. ପରମାତ୍ମାଙ୍କୁ ସବୁବେଳେ ଖୋଜିବାକୁ ହୁଏ,ସେ କେତେବେଳେ କାହାକୁ ଦେଖାଯାଆନ୍ତି ନାହିଁ । ମଣିଷ ତାଙ୍କୁ ସବୁବେଳେ ଖୋଜୁଥାଏ ସିନା କେବେ ପାଇପାରି ନଥାଏ ।

୭୭୦. ଭୌତିକ ବିଷୟରେ ମୁଣ୍ଡ ନ ଖେଳାଇ, ଦୈବଜ୍ଞାନକୁ ଘୃଣା ନ କରି, ମଣିଷଠାରୁ ବୁଦ୍ଧିରେ ପଛରେଥାଇ ମଧ୍ୟ ଜ୍ଞାନରେ ଆଗୁଆ ରହି, ମଣିଷ ଅପେକ୍ଷା କମ୍ ପାପ ସଞ୍ଚୟ କରିଥାଏ **ବସ୍ତ୍ର ପିନ୍ଧୁନଥିବା ଜନ୍ତୁ ।**

୭୭୧. ଦୈବଜ୍ଞାନ କହିଲେ କଅଣ ଜାଣି ନଥିବା, ଦେବତା ଆଉ ପରମାତ୍ମାଙ୍କର ଭିନ୍ନତାକୁ ଜାଣିନଥିବା, ଦୈବଜ୍ଞାନ ଦେଖି ଘୃଣା କରୁଥିବା, ଭୌତିକ ଜ୍ଞାନରେ ମୁଣ୍ଡଖେଳାଇ ନିଜର ଦୃଷ୍ଟିକୁ ହରାଇଥିବା ମଣିଷ ହିଁ **ବସ୍ତ୍ରପିନ୍ଧୁଥିବା ଜନ୍ତୁ ।**

୭୭୨. ଇନ୍ଦୁ ମତର "ମାୟା", କ୍ରୈସ୍ତବମତର "ସାତାନ୍", ମୁସ୍ଲିମ୍ ମତର "ସୈତାନ୍" ସବୁ ଗୋଟିଏ କଥା । ଦୈବମାର୍ଗର ଅବରୋଧ ହୋଇଥାଏ ଏଇ ମାୟା ।

୭୭୩. ହାତର ପାପୁଲିରେ ବଡ ରହସ୍ୟଟିଏ ରହିଛି, ସେଥିଲାଗି ମନ୍ଦିରର ପ୍ରତିମାଗୁଡିକ ସେମାନଙ୍କ ହାତକୁ ଦେଖାଇଥା'ନ୍ତି, ତାହା ସେମାନଙ୍କର ଅଭୟହସ୍ତ ନୁହେଁ, ତିନି ଆତ୍ମାକୁ ଜଣାଉଥିବା ରହସ୍ୟମୟ ତ୍ରୈତ ।

୭୭୪. ପଣ କହିଲେ ଯିଦ୍ କରିବା । ପୁରୁଷ କହିଲେ ପରମାତ୍ମା, ପୁରୁଷପଣ କହିଲେ ଯିଏ ଜ୍ଞାନ ପାଇଁ ଅର୍ଥାତ୍ ପରମାତ୍ମାଙ୍କ ପାଇଁ ଯିଦ୍ ଧରିଥାଏ । ତେଣୁ ପୁରୁଷପଣିଆ କହିଲେ ଯିଏ ପରମାତ୍ମାମାର୍ଗରେ ଅଛି ତାକୁ ହିଁ ବୁଝାଏ ।

୭୭୫. ସ୍ତ୍ରୀ ରମଣ କରିବା ପୁରୁଷପଣିଆ ନୁହେଁ, ପ୍ରକୃତିଜ୍ଞାନକୁ ଅତିକ୍ରମ କରି ଦୈବଜ୍ଞାନ ଯୁକ୍ତ ହୋଇ ରହିଥିବା ବ୍ୟକ୍ତିର ପୁରୁଷପଣିଆ ଅଛି ବୋଲି ଜାଣିବା ଉଚିତ୍ ।

୭୭୬. ଜ୍ଞାନ ଦୁଇ ପ୍ରକାରର, ଗୋଟିଏ ପ୍ରକୃତି ଦିଗରେ ଆଉ ଗୋଟିଏ ପରମାତ୍ମାଦିଗରେ ଚଲାଇଥାଏ,ତୁ କେଉଁ ଜ୍ଞାନରେ ଅଛୁ ଦେଖ୍ ।

୭୭୭. ଗୋଟିଏ ଦିନ କହିଲେ ୧୨ ଘଂଟା ବା ୭୨୦ ମିନିଟ୍ କିମ୍ବା ସେକେଣ୍ଡ୍‌ରେ କହିଲେ ୪୩, ୨୦୦ ସେକେଣ୍ଡ୍ ହୋଇଥାଏ । ଏକ ସେକେଣ୍ଡ୍‌ର ଦଶଗୁଣା କାଳକୁ ୪, ୩୨, ୦୦୦ – ସୂକ୍ଷ୍ମକାଳ କହୁ । ଗୋଟିଏ ଦିନର କାଳରେ ଶରୀରରେ – ୪, ୩୨, ୦୦୦ ପରିବର୍ତ୍ତନ ଆସିବା ଦ୍ୱାରା କିଛିକାଳ ପରେ ତୁ ବୁଢା ହୋଇଯାଉ ।

୭୭୮. ମଣିଷର ଥିବା ବୁଦ୍ଧି, ଭୌତିକ ବିଷୟ ଆଉ ପାରମାତ୍ମିକ ବିଷୟର ବିବରଣ ଯୋଗାଇଥାଏ । ମଣିଷର ଥିବା କର୍ମ ଅନୁସାରେ ଭୌତିକ ବିଷୟକୁ,ଶ୍ରଦ୍ଧା ଅନୁସାରେ ଐଶ୍ୱରୀୟ ବିଷୟକୁ ବୁଦ୍ଧି ଜଣାଇଥାଏ ।

୭୭୯. ଭୂପୃଷ୍ଠରେ ହଜାର ହଜାର ବୋଧକ ଥାଇପାରନ୍ତି । ସେମାନଙ୍କ ଭିତରେ ଗୁରୁ ଥାଇପାରନ୍ତି କିମ୍ବା ନ ଥାଇପାରନ୍ତି ।

୭୮୦. ଗୁରୁ କ୍ୱଚିତ୍ ଭୂପୃଷ୍ଠକୁ ଆସିଥା'ନ୍ତି, ତେଣୁ ସେ କେଉଁ ସମୟରେ ଆସନ୍ତି କହିପାରିବା ନାହିଁ ।

୭୮୧. କିଛି ଜାଣିଥିବା ମଣିଷ ଜାଣିଥିବା କଥାକୁ ଅନ୍ୟମାନଙ୍କୁ ବୋଧ କରି ବୋଧକ ହେବାକୁ ଭାବିଥାଏ । କିଛି ବାଣୀ କହୁଥିବା ମଣିଷ ଅନ୍ୟମାନଙ୍କୁ ଉପଦେଶଦେଇ ଗୁରୁହେବାକୁ ଭାବିଥାଏ ।

୭୮୨. ମଣିଷ ବୋଧକ ହୋଇପାରେ ସିନା କଦାପି ଗୁରୁ ହୋଇପାରେ ନାହିଁ । କାରଣ ! ମଣିଷ ଭିତରୁ ଗୁରୁ ବାହାରନ୍ତି ନାହିଁ, ଗୁରୁଙ୍କ ଭିତରୁ ମଣିଷ ବାହାରିପାରେ ।

୭୮୩. ଏକୈକ ପରମାତ୍ମା ଭୂପୃଷ୍ଠକୁ ଗୁରୁ ହୋଇ ଆସି ପାରନ୍ତି । କୌଣସି ମଣିଷ ଗୁରୁ ହୋଇପାରେ ନାହିଁ, ସେ ବୋଧକ ହୋଇପାରେ ।

୭୮୪. ଆଜି ଥିବା ସ୍ୱାମିଜୀମାନଙ୍କ ଭିତରେ କ'ଣ କେହି ଗୁରୁ ଅଛନ୍ତି ? ପ୍ରଶ୍ନକଲେ ପ୍ରକୃତ ଉତ୍ତର କହିବା ଭାରି କଷ୍ଟ ହୋଇଥାଏ ।

୭୮୫. ସବୁ ପୁସ୍ତକଗୁଡିକ ଶାସ୍ତ୍ର ନୁହେଁ, ସେଗୁଡିକ ଭିତରୁ କେତେକ ଇତିହାସ, କେତେକ ପୁରାଣ ଆଉ କେତେକ କାବ୍ୟଭାବରେ ରହିଥାଏ, ସେହିଭଳି ସମସ୍ତେ ଜ୍ଞାନୀ ନୁହନ୍ତି, ସେମାନଙ୍କ ଭିତରେ କେତେକ ଚୋର, କେତେକ ଗୁଣ୍ଡା ଆଉ କେତେକ ଜୁଆଡି ଥାଆନ୍ତି ।

୭୮୬. ଦେବତାମାନଙ୍କ ଉପାସନା କର, ମାୟାର ଉପାସକ ହୁଅ ବୋଲି ପ୍ରକୃତଜ୍ଞାନ କେବେ ମଧ୍ୟ କହିନଥାଏ ।

୭୮୭. ଦୈବଜ୍ଞାନ ବୁଝି ନପାରିବା ଦ୍ୱାରା ସବୁକିଛି ଅନର୍ଥର କାରଣ ହୋଇଯାଇଛି । ହିଂସା, ଚୋରି, ଡକାୟତି, ଅବନୀତି, ଅତ୍ୟାଚାର ଇତ୍ୟାଦି ମଣିଷଠାରେ ବଢିଚାଲିଛି ।

୭୮୮. ହିଂସା କରି, ଭୟ ଦେଖାଇ କାହାକୁ ବଦଳାଇ ପାରିବା ନାହିଁ । ଜ୍ଞାନ ବୋଧକରି କାହାକୁ ମଧ୍ୟ, କେତେବଡ ମୂର୍ଖକୁ ମଧ୍ୟ ବଦଳାଇ ପାରିବା ।

୭୮୯. ଭୟ ଦେଖାଇ  କାହାକୁ ବାହାରେ ବଦଳାଇ ପାରିବା ସିନା ଭିତରୁ ବଦଳାଇ ପାରିବା ନାହିଁ । ଭୟରେ କେହି ବଦଳିବା ଅଭିନୟ କରିବ ସିନା, ତା'ର ଭିତର ସ୍ୱଭାବରେ କୌଣସି ପରିବର୍ତ୍ତନ ଆସିବ ନାହିଁ ।

୭୯୦. କୌଣସି ବ୍ୟକ୍ତି ତା'ର ସ୍ୱଭାବକୁ ଭଲ କହିଥାଏ, ଅନ୍ୟମାନଙ୍କର ସ୍ୱଭାବକୁ ଖରାପ ଭାବୁଥାଏ ।

୭୯୧. କେତେ ବଡ ଅଜ୍ଞାନୀ ହେଲେ ମଧ୍ୟ ସେ ଅନ୍ୟମାନଙ୍କୁ ମୁଁ ଜ୍ଞାନୀ ବୋଲି କହିଥାଏ, ସେହିଭଳି କେତେବଡ ଧନବାନ ହେଲେ ମଧ୍ୟ ଅନ୍ୟମାନଙ୍କୁ ମୁଁ ଗରିବ ବୋଲି କହୁଥାଏ ।

୭୯୨. ସମାଜସେବା ବୋଲି କେତେକ କହିଥା'ନ୍ତି । ସମାଜ କହିଲେ ସେମାନଙ୍କୁ ଜଣାଥିବା ସମାଜ କି ନୁହେଁ ପ୍ରଥମେ ବିଚାର କରିବା ଉଚିତ୍ ।

୭୯୩. ମଣିଷର ଦୁଇଟି ସମାଜ ଅଛି । ଗୋଟିଏ ଭିତର ସମାଜ ଆଉ-ଗୋଟିଏ ବାହାର ସମାଜ, ସେ ଦୁଇଟିରୁ ତୋ'ର ଗୋଟିଏ ଆବଶ୍ୟକ, ଅନ୍ୟଟି ଅନାବଶ୍ୟକ ।

୭୯୪. ଆଖି ଖୋଲିଲେ ଆଲୋକ, ଆଖି ବନ୍ଦକଲେ ଅନ୍ଧାର । ଆଖି

ଭିତରେ ଥିବା ଆଲୋକ, ଅନ୍ଧକାରକୁ କିଏ ଦେଖୁଛି ? କିଏ ଦେଖାଉଛି ? ଜାଣିଛୁ !

୭୯୫. ତୁ ଯେଉଁ ଗାଆଁକୁ ଯାଉଛୁ ଯାଆ ସେଠାରେ ତୋ'ଗାଆଁ ଭଳି ମାଟି, ପାଣିପବନ ଦେଖିବୁ । ସେହିଭଳି ତୁ ଯେଉଁ ଶରୀରକୁ ଯାଇ ଦେଖିଲେ ମଧ୍ୟ ତାହା ତୁ ଥିବା ଶରୀର ଭଳି ଦେଖିବାକୁ ପାଇବୁ ।

୭୯୬. ମୂଷା ବିରାଡିକୁ ଦେଖିଲେ ଭୟକରେ, ବିରାଡି କୁକୁରକୁ ଦେଖିଲେ ଭୟକରେ, କୁକୁର ବାଘକୁ ଦେଖିଲେ ଭୟକରେ, ବାଘ ମଣିଷକୁ ଦେଖିଲେ ଭୟକରେ, ଏହିଭଳି ଭୟ ସମସ୍ତଙ୍କଠାରେ ରହିଛି ।

୭୯୭. ଭୟ ପରଧର୍ମ ବା ପ୍ରକୃତିଧର୍ମ, ଧୈର୍ଯ୍ୟ ସ୍ୱଧର୍ମ ବା ପରମାତ୍ମାଧର୍ମ ।

୭୯୮. ଆକାଶକୁ ଅନନ୍ତ କହନ୍ତି । ଆକାଶର ଅନ୍ତ ନଥିବାବେଳେ ତା'କୁ ଯିଏ ସୃଷ୍ଟିକରିଛି ତା'ର ଅନ୍ତକୁ କେଉଁଠାରୁ ଖୋଜିବା ?

୭୯୯. "ତୋ'ପାଇଁ ମୁଁ ମୋର ପ୍ରାଣ ଦେଇଦେବି" ବୋଲି କହନ୍ତି । ହେଲେ ଏଭଳି କେଉଁଠାରେ ସାଧ ହେଲାଣି ? ବାସ୍ତବରେ ତୋ'ର ପ୍ରାଣ କ'ଣ ତୋ'ର ? ଯାହା ତୋ'ର ନୁହେଁ ତାହା ତୁ କେମିତି ଦେଇଦେବୁ ? ସେଥିଲାଗି ଏକଥା ସମସ୍ତେ କହନ୍ତି ସିନା, କେହି କାହାକୁ ପ୍ରାଣ ଦେଇ ପାରନ୍ତି ନାହିଁ ।

୮୦୦. ତା'ର ଚରିତ୍ର ନଷ୍ଟ ହୋଇଗଲା ବା ତା'ର ଚରିତ୍ର ଗଲା ବୋଲି କହନ୍ତି । ଏହି ଚରିତ୍ର କ'ଣ ଜାଣିଛୁ ? ଚରିତ୍ରକୁ ତୁ ରଖିନାହୁଁ କି କେହି ତୋ'ଠାରୁ ନେଇଯାଆନ୍ତି ନାହିଁ, ତାହା ତୋ'ର ମୁଣ୍ଡରେ ଥାଏ ।

୮୦୧. ପୋଲିସ୍ ଲାଠିରେ ଚୋରକୁ ଭୟ ଦେଖାଇପାରେ ସିନା, ତା'ମୁଣ୍ଡର ବୁଦ୍ଧିକୁ ବଦଳାଇ ପାରେ ନାହିଁ । ଯାହା ହାତରେ ନହେବ ତାହା କଥାରେ ହେବ ବୋଲି ବଡମାନେ କହନ୍ତି । ତେଣୁ ପୋଲିସ୍ ଲାଠିଛାଡି କଥାରେ କାହାକୁ ବଦଳାଇବା ଉଚିତ୍ ।

୮୦୨. ଯେଉଁ କଥାରେ ମାନିବନି ତା'କୁ ମାଡ ଦରକାର ବୋଲି ବଡମାନେ କହନ୍ତି, କିନ୍ତୁ ଏକଥା ଠିକ୍ ନୁହେଁ ।

୮୦୩. କଥାଟିଏ ମନ୍ତ୍ର ଭଳି । କେଉଁ ରୋଗପାଇଁ କେଉଁ ମନ୍ତ୍ର ଦରକାର ନ ଜାଣିଲେ ପଢୁଥିବା ମନ୍ତ୍ର ବୃଥା ହେବା ଭଳି, ଯେଉଁରକୁ ଯାହା କହିବା ଉଚିତ୍ ତାହା ନକହି ଅନ୍ୟକଥା କହିଲେ ତାହା ବୃଥା ହୋଇଥାଏ, ଯେଉଁର ବଦଳି ନଥାଏ ।

୮୦୪. ପ୍ରତ୍ୟେକ କଥା ଏକ ମନ୍ତ୍ର ବୋଲି ଯୋଗୀ ବେମନ ମଧ୍ୟ କହିଛନ୍ତି । ଯେଉଁରି ନାମକ ରୋଗକୁ ଭଲ କରିବାକୁହେଲେ ଉପଯୁକ୍ତ କଥା ନାମକ ଔଷଧର ବ୍ୟବହାର କରିବା ଉଚିତ୍ ।

୮୦୫. କେଉଁଥିପାଇଁ କେଉଁ ମନ୍ତ୍ର ବ୍ୟବହାର କରାଯିବ ତାହା ମାନ୍ତ୍ରିକକୁ ଜଣାଥାଏ । ସେହିଭଳି କାହାକୁ କେଉଁ ଜ୍ଞାନବାଣୀ କହୁହାଯିବ ତାହା ଗୁରୁ ଜାଣିଥା'ନ୍ତି ।

୮୦୬. କୌଣସି ପୋଲିସ୍‌ର ଗୁରୁ ଥିବା ଉଚିତ୍ । ଗୁରୁଙ୍କ ଦ୍ୱାରା ମିଳିଥିବା ଜ୍ଞାନରେ ସେ କେତେବଡ ଅପରାଧିକୁ ମଧ୍ୟ ବଦଳାଇ ପାରିବ ।

୮୦୭. ତୁ ଗୁରୁଙ୍କଠାରୁ ଜ୍ଞାନ ପାଇ ସେହି ଜ୍ଞାନରେ ଯଦି ଜଣକୁ ବଦଳାଇ ପାରୁ ତେବେ ତୋ'ର ଜୀବନ ଧନ୍ୟ ହେବ ।

୮୦୮. ଜ୍ୟୋତି ଦ୍ୱାରା ଘନଅନ୍ଧାର ଚାଲିଯାଏ । ଜ୍ଞାନ ଦ୍ୱାରା ବଡମୁର୍ଖ ମଧ୍ୟ ବଦଳି ପାରେ ।

୮୦୯. ଦୀପ ପାଖରେ ଥିବା ବସ୍ତୁଗୁଡିକର ସୌନ୍ଦର୍ଯ୍ୟକୁ ତା'ର ଆଲୋକ ଦ୍ୱାରା ଜଣାଇଥାଏ । ସେହିଭଳି ଜ୍ଞାନ ସମ୍ମୁଖୀନ ହେଉଥିବା ସମସ୍ୟାର ସତ୍ୟକୁ ତା'ର ବିବରଣ ଦ୍ୱାରା ଜଣାଇଥାଏ ।

୮୧୦. ହାରରେ ସୁତାଟିଏ ଲୁଚିରହିଛି । ଶରୀରରେ ଆତ୍ମା ଲୁଚିରହିଛି । ହାରର ସୂତାକୁ ସ୍ଥୁଳତଃ ଖୋଜିଲେ ମିଳିଥାଏ । ସେହିଭଳି ଶରୀରର ଆତ୍ମାକୁ ସୂକ୍ଷ୍ମତଃ ଖୋଜିଲେ ଦେଖାଯାଏ ।

୮୧୧. ପରମାତ୍ମା ଭୂପୃଷ୍ଠକୁ ଭଗବାନ ହୋଇ ଆସିଲେ ତାଙ୍କୁ କେହି ଚିହ୍ନିପାରନ୍ତି ନାହିଁ । ସୂକ୍ଷ୍ମଭାବରେ ଯେଉଁମାନେ ଥାଆନ୍ତି ସେମାନେ ଭଗବାନଙ୍କୁ ଚିହ୍ନିବାପାଇଁ ଅଧିକ ସୁଯୋଗ ରହିଛି, ତା'ପରେ ଜ୍ଞାନୀମାଙ୍କର ସୁଯୋଗ ରହିଛି ।

୮୧୨. ସାପ ତା'ର ମୋଟେଇ ଅପେକ୍ଷା ଦଶଗୁଣା ମୋଟେଇର ଜନ୍ତୁକୁ ସହଜରେ ଗିଳିପାରେ, ସେହିଭଳି ମାୟା ଦଶବର୍ଷ ଜ୍ଞାନ ଜାଣିଥିବା ଲୋକକୁ ମଧ୍ୟ ନିଜର ବଶୀଭୂତ କରିପାରେ ।

୮୧୩. ପରମାତ୍ମାରେ ମିଶିବାକୁ ଇଚ୍ଛା କରୁଥିବା ତୁ କାହାଠାରେ ମିଶୁଛୁ ଦେଖ୍ । ପରମାତ୍ମାରେ ମିଶିଯିବା ଆଗରୁ ମାୟାରେ ମିଶିଯିବା ଦୁର୍ଯୋଗ ରହିଛି, ଟିକିଏ ସତର୍କ ରହ ।

୮୧୪. ଜୀବ ଧୂଳିକଣା ଭଳି, ଆତ୍ମା ଶରୀର ଭଳି, ପରମାତ୍ମା ବ୍ରହ୍ମାଣ୍ଡ ଭଳି, ମାୟା ଗୁଣ ଭଳି ରହିଛନ୍ତି ।

୮୧୫. ଗୁଣ କହିଲେ ଗୁଣିତହେବା, ସନ୍ଦର୍ଭାନୁସାରେ ମାୟା ନିଜେ ଗୁଣି ହୋଇ ଅଧିକ ହୋଇପାରେ ।

୮୧୬. ନିଜେ ବହୁଗୁଣ ହୋଇପାରେ ତେଣୁ ମାୟାକୁ ଗୁଣ କୁହାଯାଇଛି ।

ଗୁଣ ୧୨ ପ୍ରକାରର । ତେଣୁ ମଣିଷରେ ୧୨ଗୁଣ ରହିଛି ବୋଲି କହୁଛେ ।

୮୧୭. ସମ୍ମାନ ଦେଖାଇ ଭକ୍ତି କରିବାପାଇଁ କେଇଜଣ ଲୋକ ଥିଲେ କେହି ମଧ୍ୟ ସ୍ୱାମୀ କିମ୍ବା ଗୁରୁ ହୋଇପାରେ ହେଲେ କିଏ ସମ୍ମାନଦେବ, କିଏ ଭକ୍ତିକରିବ ? କାହାକୁ ଭକ୍ତିକରିବ ? କିଏ କରାଇବ ? ବୋଲି ଜାଣି ନଥିବା ସ୍ୱାମିଜୀମାନେ ଭୂପୃଷ୍ଠରେ ଅଛନ୍ତି ।

୮୧୮. ଭୂପୃଷ୍ଠରେ ଚଳନ୍ତିଗଛ, ଅଚଳନ୍ତିଗଛ ନାମକ ଦୁଇ ପ୍ରକାରର ଗଛ ଅଛି । ଅଚଳନ୍ତିଗଛରେ ଫଳ ଫଳୁଥିବା ଭଳି, ଚଳନ୍ତି-ଗଛରେ ମଧ୍ୟ ଫଳ ଫଳୁଛି । ଅଚଳନ୍ତିଗଛରେ ଗୋଟିଏ ଜାତିର ଫଳ ଫଳିଥାଏ ସିନା, ଚଳନ୍ତିଗଛରେ ନାନା ପ୍ରକାରର ଫଳ ଫଳିଥାଏ ।

୮୧୯. ଅଚଳନ୍ତି ଗଛ ହୋଇଥିବା ଲିମ୍ବ ଗଛରେ ଗୋଟିଏ ନାଆଁ ଥିବା ଲିମ୍ବଫଳ ଫଳେ, ସେଗୁଡିକର ରୁଚି ମଧ୍ୟ ପିତା । ଚଳନ୍ତି ଗଛ ହୋଇଥିବା ମଣିଷ ଗଛରେ ଭିନ୍ନ ଭିନ୍ନ ନାଆଁର ଫଳ ଫଳିଥାଏ, ସେଗୁଡିକ ସୁଫଳ ଆଉ କୁଫଳ ।

୮୨୦. ଦେଶର ପରିଧିରେ ନୀତିକୁ ଜଣାଇଥାଏ ନ୍ୟାୟ । ଶରୀର ପରିଧିରେ ଯନ୍ତ୍ରାଙ୍ଗଗୁଡିକୁ ଜଣାଇଥାଏ ଧର୍ମ ।

୮୨୧. ନାସ୍ତିକମାନଙ୍କୁ ଶରୀରରେ ବସ୍ତ୍ର ନଥିବା ପାଗଳ ସହିତ ତୁଳନା କରିପାରିବା । ହେତୁବାଦୀମାନଙ୍କ ଭିତରୁ କୌଣସି ହେତୁବାଦୀକୁ ବସ୍ତ୍ର ନଥିବା ବେଶ୍ୟା ସହିତ ତୁଳନା କରିପାରିବା । ଆସ୍ତିକମାନଙ୍କୁ ସ୍ୱାମୀର ଅଜାଣତରେ ଅନ୍ୟ ପୁରୁଷ ସହିତ ମିଶୁଥିବା ବ୍ୟଭୀଚାରିଣୀ ସହିତ ତୁଳନା କରିପାରିବା ।

ଆତ୍ମବାଦୀମାନଙ୍କୁ ନିଜ ସ୍ୱାମୀ ସହିତ ପତିବ୍ରତା ହୋଇ ରହିଥିବା ସ୍ତ୍ରୀ ସହିତ ତୁଳନା କରିପାରିବା ।

୮୨୨. ଜନ୍ମଦେଇଥିବା ପିତାଠାରୁ ଧନକୁ ନିଜର ହକ୍ ଭାବରେ ପାଇପାରିବା, କିନ୍ତୁ ତାହା ମରଣରେ ତୋ'ସାଥିରେ ଯିବନାହିଁ । ଗୁରୁଙ୍କଠାରୁ ଜ୍ଞାନକୁ ନିଜର ହକ୍ ଭାବରେ ପାଇପାରିବା, ମରଣରେ ତାହା ହିଁ ତୋ'ସହିତ ଯିବ ।

**ସମାପ୍ତ**

*****

**ଏକ ବିଷୟକୁ ସମର୍ଥନ କରିବା ପାଇଁ ଶାସ୍ତ୍ର ଯେତିକି ଆବଶ୍ୟକ ସେହିଭଳି ଏକ ବିଷୟକୁ ଖଣ୍ଡନ କରିବା ପାଇଁ ମଧ୍ୟ ଶାସ୍ତ୍ର ସେତିକି ଆବଶ୍ୟକ ।**

*****

**ଅସତ୍ୟକୁ ହଜାରେ ଜଣ ସତ୍ୟ କହିଲେ ମଧ୍ୟ ତାହା ସତ୍ୟ ନୁହେଁ, ସତ୍ୟକୁ ହଜାରେ ଜଣ ଅସତ୍ୟ କହିଲେ ମଧ୍ୟ ତାହା ଅସତ୍ୟ ନୁହେଁ**

*****

**ତୋ 'ର ମାତା କିଏ ତୋତେ ଜଣାପଡିଗଲେ ତୋ'ର ପିତାଙ୍କୁ ଜାଣି ପାରିବୁ, ତୋ'ର ପିତା କିଏ ତୋତେ ଜଣାପଡିଗଲେ ତୋ'ର ଲକ୍ଷ୍ୟ କ'ଣ ଜାଣି ପାରିବୁ ।**

